


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

## The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୮ ନଭେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 18 NOVEMBER 2023

Vol.No. 34 ■ No. 302■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ବିଧାନସଭା ନିର୍ବାଚନ

# ମଧ୍ୟପ୍ରଦେଶରେ ୭୧ ଓ ଛତିଶଗଡ଼ରେ ୬୮ ପ୍ରତିଶତରୁ ଅଧିକ ମତଦାନ

### ପୁଲିଂ ପାର୍ଟି ଉପରେ ନକ୍ସଲ ହମଲା, ଯବାନ ସହିଦ



ନୂଆଦିଲ୍ଲୀ, ୧୭/୧୧ : ମଧ ପ୍ରଦେଶ ଓ ଛତିଶଗଡ଼ରେ ବିଧାନସଭା ନିର୍ବାଚନ ପାଇଁ ଶୁକ୍ରବାର ସଂଧ୍ୟା ଛଅଟାରେ ମତଦାନ ଶେଷ ହୋଇଛି । ଜଣେ ନିର୍ବାଚନ ଅଧିକାରୀ କହିଛନ୍ତି ଯେ ମଧ ପ୍ରଦେଶରେ ମତଦାନ ୭୧.୬ ପ୍ରତିଶତ ହୋଇଛି । ଅନ୍ୟପଟେ ଛତିଶଗଡ଼ରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନରେ ୭୦ ଆସନରେ ସଂଧ୍ୟା ୫ଟା ସୁଦ୍ଧା ୬୮.୧୫ ପ୍ରତିଶତ ମତଦାନ ରେକର୍ଡ କରାଯାଇଛି । ଛତିଶଗଡ଼ରେ ହିଂସାର ଏକ ବଡ଼ ଘଟଣା ସାମନାକୁ ଆସିଛି । ନକ୍ସଲ ଆକ୍ରମଣରେ ଜଣେ ଆଇଟିବିପି ଯବାନ ସହିଦ ହୋଇଛନ୍ତି । ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଶେଷ କରି ସୁରକ୍ଷାକର୍ମୀ ଫେରିବା ବେଳେ ନକ୍ସଲଙ୍କ ଦ୍ୱାରା ଏହି ଆଇଇଡି ବିସ୍ଫୋରଣ କରାଯାଇଥିଲା । ଦୁଇ ରାଜ୍ୟରେ ମତଦାନ ଶେଷ ହେବା ପରେ ପ୍ରାର୍ଥୀଙ୍କ ଭାଗ୍ୟ ଏବେ ଇଭିଏମରେ ସିଲ୍ ହୋଇଛି । ତେବେ ମୋଟ ମତଦାନ ପ୍ରତିଶତ ଡାଟା ରାତି ସୁଦ୍ଧ ସ୍ପଷ୍ଟ ହେବ । ଫଳରେ ମତଦାନ ପ୍ରତିଶତ ଆହୁରି ଅଧିକ ହୋଇପାରେ । ଛତିଶଗଡ଼ରେ ଗତ ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟରେ ୭୨ ଆସନରେ ୭୬.୬୨ ପ୍ରତିଶତ ମତଦାନ ହୋଇଥିଲା । ଛତିଶଗଡ଼ରେ ଦ୍ୱିତୀୟ ପର୍ଯ୍ୟାୟରେ ୮୨୭ ଜଣ ପୁରୁଷ, ୧୩୦ ଜଣ ମହିଳା ଓ ଅନ୍ୟ ଜଣେ (ଥାର୍ଡ ଜେଣ୍ଡର)ଙ୍କ ସମେତ ମୋଟ ୯୫୮ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ୍ ହୋଇଛି । ସେହିପରି ମଧ ପ୍ରଦେଶରେ ବିଧାନସଭା ନିର୍ବାଚନରେ ୨୨୮୦ ପୁରୁଷ, ୨୫୨ ମହିଳା ଓ ଜଣେ ଅନ୍ୟ (ଥାର୍ଡ ଜେଣ୍ଡର)ଙ୍କ ସମେତ ମୋଟ ୨୫୩୩ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ୍ ହୋଇଛି ।

# ଓଇଆରସି ଅଧ୍ୟକ୍ଷ ପଦ ଛାଡ଼ି ସୁରେଶ ମହାପାତ୍ର ହେଲେ ସିଏମଓ ମୁଖ୍ୟ ଉପଦେଷ୍ଟା



ଭୁବନେଶ୍ୱର, ୧୭/୧୧ (ନି.ପ୍ର): ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ(ଓଇଆରସି) ଅଧ୍ୟକ୍ଷ ପଦରୁ ଅବସରପ୍ରାପ୍ତ ଆଇଏଏସ୍ ସୁରେଶ ଚନ୍ଦ୍ର ମହାପାତ୍ର ଇସ୍ତଫା ଦେଇଛନ୍ତି । ଓଇଆରସି ଅଧ୍ୟକ୍ଷ ପଦ ଛାଡ଼ିବା ପାଇଁ ତାଙ୍କର ଅନୁରୋଧକୁ ରାଜ୍ୟ ସରକାର ଗ୍ରହଣ କରିଛନ୍ତି । ଏହାସହିତ ତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ନୂଆ ମୁଖ୍ୟ ଉପଦେଷ୍ଟା ଭାବେ ଆଜି ନିଯୁକ୍ତି ମିଳିଛି । ଶ୍ରୀ ମହାପାତ୍ରଙ୍କୁ ବିଜେଡି ଆଗାମୀ ନିର୍ବାଚନରେ ପୁରୀରୁ ପ୍ରାର୍ଥୀ କରିବାର ସମ୍ଭାବନା ରହିଛି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜାରି ସୂଚନା ଅନୁସାରେ, ଚଳିତବର୍ଷ ମାର୍ଚ୍ଚ ୧ତାରିଖରେ ଓଇଆରସି ଅଧ୍ୟକ୍ଷ ପଦ ସମ୍ଭାଳିଥିବା ଶ୍ରୀ ମହାପାତ୍ରଙ୍କ ଇସ୍ତଫାକୁ ଆଜି ରାଜ୍ୟ ସରକାର ଗ୍ରହଣ କରିଛନ୍ତି । ସେ ବ୍ୟକ୍ତିଗତ କାରଣ ଦର୍ଶାଇ ଅଧ୍ୟକ୍ଷ ପଦ ଛାଡ଼ିବାର ମାତ୍ର କିଛିଘଣ୍ଟା ମଧ୍ୟରେ ତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ଉପଦେଷ୍ଟା ଭାବେ ନିଯୁକ୍ତି ଦିଆଯାଇଛି । ସେହିପରି ଅବସରପ୍ରାପ୍ତ ଆଇଏଏସ୍ ଆର ବାଲକ୍ରିଷ୍ଣନ ପୂର୍ବଭଳି ମୁଖ୍ୟ ସଚିବ ପାହ୍ୟାରେ ମୁଖ୍ୟ ଉପଦେଷ୍ଟା (ସ୍ପେଶାଲ ଇନସିଏଟିଭସ) ଭାବେ କାର୍ଯ୍ୟ କରିବେ । ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ମୁଖ୍ୟ ଉପଦେଷ୍ଟା ପଦରୁ ତାଙ୍କୁ ଅବ୍ୟାହତି ଦିଆଯାଇଛି । ସେହିପରି ଅବସରପ୍ରାପ୍ତ ଆଇଏଏସ ଅସିତ୍ ତ୍ରିପାଠୀଙ୍କୁ ପ୍ରମୁଖ ଉପଦେଷ୍ଟା ଭାବେ ସମସ୍ତ ଅତିରିକ୍ତ ଦାୟିତ୍ୱରୁ ଅବ୍ୟାହତି ଦିଆଯାଇଛି । ସେ କେବଳ ପଶ୍ଚିମଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇବେ । ସୂଚନା ଅନୁସାରେ, ଗତ ମାର୍ଚ୍ଚ ୧ତାରିଖରେ ଓଇଆରସି ଅଧ୍ୟକ୍ଷ ପଦ ଦାୟିତ୍ୱ ସମ୍ଭାଳିଥିବା ଶ୍ରୀ ମହାପାତ୍ରଙ୍କ କାର୍ଯ୍ୟକାଳ ୨୦୨୭ରେ ଶେଷ ହୋଇଥାନ୍ତା । ମାତ୍ର ଅପ୍ରତ୍ୟାଶିତ ଘଟଣାକ୍ରମରେ ସେ ନିଜର ବ୍ୟକ୍ତିଗତ କାରଣ ଦର୍ଶାଇ ଓଇଆରସି ଅଧ୍ୟକ୍ଷ ପଦରୁ ଓହରି ଯାଇଛନ୍ତି । ତାଙ୍କର ଇସ୍ତଫା ପତ୍ରକୁ ମୁଖ୍ୟମନ୍ତ୍ରୀ ଗ୍ରହଣ କରିବାର କିଛି ଘଣ୍ଟା ମଧ୍ୟରେ ତାଙ୍କୁ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ମୁଖ୍ୟ ଉପଦେଷ୍ଟା ଭାବେ ନିଯୁକ୍ତି ଦେଇଛନ୍ତି। ସରକାର ପୂର୍ବରୁ ଶ୍ରୀ ମହାପାତ୍ରଙ୍କର ମୁଖ୍ୟ ସଚିବ ଭାବେ କାର୍ଯ୍ୟକାଳକୁ ଦୁଇଥରରେ ଏକବର୍ଷ ବୃଦ୍ଧି କରିଥିଲେ । ଏହାସହିତ ତାଙ୍କୁ ଦୃଷ୍ଟିରେ ରଖି ଓଇଆରସି ଅଧ୍ୟକ୍ଷ ପଦ ମଧ ପ୍ରାୟ ଏକବର୍ଷ ଧରି ଖାଲି ରଖିଥିଲେ । ସେ ମାତ୍ର ୮ମାସ ଓଇଆରସି ଅଧ୍ୟକ୍ଷ ପଦରେ କାର୍ଯ୍ୟ କରି ଇସ୍ତଫା ଦେଇଛନ୍ତି ।

▶▶ପୃଷ୍ଠା ୭

## ଭୁବନେଶ୍ୱରରେ ପ୍ରତିଷ୍ଠା ହେବ ବାୟୋ ମିଥେନ୍ ଗ୍ୟାସ ପ୍ଲାଣ୍ଟ

ଭୁବନେଶ୍ୱର, ୧୭/୧୧ (ନି.ପ୍ର): ଅଳିଆ ଅଲଗା ଅଲଗା ନଦେଲେ ନେବନାହିଁ ଭୁବନେଶ୍ୱର ମହାନଗର ନିଗମ। ରାଜଧାନୀବାସୀଙ୍କୁ ସଚେତନ କରାଇବା ପାଇଁ ଏପରି କହିଛନ୍ତି ବିଏମସି କମିଶନର ବିଜୟ ଅମୃତା କୁଲାଙ୍ଗେ। ବିଏମସି ବାୟୋ ମିଥେନ ଗ୍ୟାସ୍ ପ୍ଲାଣ୍ଟ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ପ୍ଲାଣ୍ଟ ପାଇଁ ଓଦା ଅଳିଆ ବ୍ୟବହାର ହେବ। ଏବେ ମଧ ଅନେକ ଲୋକେ ଅଲଗା ଅଲଗା ଅଳିଆ ଦେଉନାହାନ୍ତି। ତେଣୁ ଅଲଗା ଅଲଗା ଅଳିଆ ଦେବା ପାଇଁ ଲୋକଙ୍କୁ ଅନୁରୋଧ କରୁଛୁ ବୋଲି ବିଏମସି କମିଶନର କହିଛନ୍ତି। ଓଦା ଅଳିଆକୁ ପ୍ରକ୍ରିୟାକରଣ କରିବାକୁ ଖୁବ୍ ଶୀଘ୍ର ଭୁବନେଶ୍ୱର ମହାନଗରରେ ୪ଟି ଜାଗାରେ ବାୟୋ ମିଥେନ୍ ଗ୍ୟାସ ପ୍ଲାଣ୍ଟ ନିର୍ମାଣ କରାଯିବ। ପିପିପି ମୋଡ୍‌ରେ ଭୁବନେଶ୍ୱର ଉପକଣ୍ଠ ରୋକଟ, ମେହେର ପଲ୍ଲୀ, କୋଚିଲପୁଟ ଓ ବାସୁଆଘାଇରେ ବାୟୋ ମିଥେନ୍ ଗ୍ୟାସ୍ ପ୍ଲାଣ୍ଟ ନିର୍ମାଣ ହେବ।

# ଆଦିବାସୀଙ୍କ ଜମି ହଡ଼ପ ଷଡ଼ଯନ୍ତ୍ର: ମନ୍ତ୍ରୀ-ସଚିବଙ୍କର ନାହିଁ କ୍ୟାବିନେଟ୍ ନିଷ୍ପତ୍ତିକୁ ସ୍ଥଗିତ ରଖିବାର କ୍ଷମତା




ଭୁବନେଶ୍ୱର, ୧୭/୧୧ (ନି.ପ୍ର): ଆଦିବାସୀଙ୍କ ଜମିକୁ ଅଣଆଦିବାସୀଙ୍କୁ ବିକ୍ରି ପାଇଁ ରାଜ୍ୟ କ୍ୟାବିନେଟ୍‌ଙ୍କ ନିଷ୍ପତ୍ତିକୁ ନେଇ ଗୋଳିଆ ପରିସ୍ଥିତି ସୃଷ୍ଟି ହୋଇଛି । ଖୋଦ୍ ରାଜ୍ୟ ସରକାର ନିରୀହ ଆଦିବାସୀଙ୍କ ଜମିକୁ ହଡ଼ପ କରିବା ନିମନ୍ତେ ଏଭଳି ଗୋଳିଆ ପରିସ୍ଥିତି ସୃଷ୍ଟି କରି ତା'ର ଫାଇଦା ନେବାକୁ ଉଦ୍ୟମ କରିଛନ୍ତି । ଏହା ଆମେ କହୁନୁ ବରଂ ସରକାରଙ୍କ ପଦକ୍ଷେପ ଓ ବିରୋଧୀ ଦଳଙ୍କ ଅଭିଯୋଗରୁ ଏଭଳି ଚିତ୍ର ପଦାକୁ ଆସିଛି । ଏହାସହିତ ରାଜ୍ୟ କ୍ୟାବିନେଟ୍ ବୈଠକର ନିଷ୍ପତ୍ତିକୁ କିଭଳି ଜଣେ ମନ୍ତ୍ରୀ ଓ ସଚିବ ସ୍ଥଗିତ ରଖିପାରିବେ ତଥା ଏହା କ'ଣ ସେମାନଙ୍କ କ୍ଷମତା ପରିସରଭୁକ୍ତ କି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସାଧାରଣ ନିର୍ବାଚନରେ ଆଦିବାସୀଙ୍କ ରୋଷ ଓ ଭୋଟ ହାତଛଡ଼ା ହେବା ଭୟରେ କ୍ୟାବିନେଟ୍

▶▶ପୃଷ୍ଠା ୭

# ପଶ୍ଚିମ ଓଡ଼ିଶା ବନ୍ଦ ଡାକରାକୁ ବିରୋଧ କଲା ହୀରାଖଣ୍ଡ ସାମୁଖ୍ୟ




ଭୁବନେଶ୍ୱର, ୧୭/୧୧ (ନି.ପ୍ର): ପଶ୍ଚିମ ଓଡ଼ିଶାରେ ଦେଖିବାକୁ ମିଳିଛି ବିଚିତ୍ର ଚିତ୍ର। କୋଶଳ ରାଜ୍ୟ ଦାବିରେ ଆସନ୍ତାକାଲି ପଶ୍ଚିମ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିବା ବେଳେ ଏହାକୁ ବିରୋଧ କରିଛି ହୀରାଖଣ୍ଡ ସାମୁଖ୍ୟ ଓ ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ। 'କୋଶାଳ' ନାଁ ଉପରେ ଆପତ୍ତି

▶▶ପୃଷ୍ଠା ୭

# ଖାଇରେ ପଡ଼ି ୯ଜଣ ଯାତ୍ରୀଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୧୭/୧୧ : ଉତ୍ତରାଖଣ୍ଡର ନୈନିତାଲରେ ଶୁକ୍ରବାର ସକାଳେ ଏକ ବଡ଼ଧରଣର ଦୁର୍ଘଟଣା ଘଟିଛି । ନୈନିତାଲର ଓଖଲ କାଣ୍ଡା ବ୍ଲକର ଛିଡ଼ାଖାନ-ରିଠାସାହିବ ମୋଟର ପଥରେ ଏକ ଜିପ ଦୁର୍ଘଟଣାଗ୍ରସ୍ତ ହେବାପରେ ଖାଇରେ ପଡ଼ିଯାଇଥିଲା । ଏହି ଦୁର୍ଘଟଣାରେ ୯ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ଜଣ ଯାତ୍ରୀ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ, ଶୁକ୍ରବାର ସକାଳ ୮ଘଟିକା ସମୟରେ ଏକ ଜିପ ଛିଡ଼ାଖାନ-ରିଠାସାହିବ ମୋଟର ରାସ୍ତା ଦେଇ ଯାଉଥିବା ବେଳେ ହଠାତ ଭାରସାମ୍ୟ ହରାଇ ଦେଇଥିଲା । ଫଳରେ ଜିପ ୫୦୦ମିଟର ଖାଇରେ ଯାଇ ପଡ଼ିଥିଲା । ଏହି ଦୁର୍ଘଟଣାଗ୍ରସ୍ତ ଜିପରେ ୧୧ଜଣ ଯାତ୍ରୀ ବସି ଯାତ୍ରା କରୁଥିଲେ । ୧୧ଜଣ ଯାତ୍ରୀଙ୍କ ମଧ୍ୟରୁ ୯ଜଣ ଯାତ୍ରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟଲୋକେ ଏହି ଦୁର୍ଘଟଣାର ଖବର ପାଇବା ପରେ ସେମାନେ ପୁଲିସକୁ ଖବର ଦେଇଥିଲେ ।

▶▶ପୃଷ୍ଠା ୭


# 'ଡିପ୍‌ଫେକ୍'କୁ ନେଇ ଗଭୀର ଚିନ୍ତା ପ୍ରକଟ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୧୭/୧୧ : କୃତ୍ରିମ ବୁଦ୍ଧିମତା ବା ଏଆଇ ଜରିଆରେ ଏବେ ବିଭିନ୍ନ ସେଲିବ୍ରେଟିଙ୍କ ଡିପଫେକ ଫଟୋ ଏବଂ ଭିଡିଓ ପ୍ରସ୍ତୁତ କରାଯାଉଛି । ପ୍ରତିଷ୍ଠ ଲୋକଙ୍କ ଫଟୋ ଏବଂ ଭିଡିଓକୁ ବିକୃତ ଭାବେ ସୋଶାଲ ମିଡିଆରେ ଭାଇରାଲ ହେଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ ଡିପଫେକ୍‌ରୁ ବର୍ତ୍ତ ନାହାନ୍ତି । ବିଜେପିର ଦୀପାବଳି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦି ଗୀତ ଗାଉଥିବା ବେଳର ଦୃଶ୍ୟକୁ ଭାଇରାଲ କରାଯାଇଥିଲା । ଏଆଇ ଦ୍ୱାରା ଏପରି ଡିପଫେକ୍ ବିଷୟବସ୍ତୁ ସବୁ ପ୍ରସ୍ତୁତ କରାଯାଉଛି । ଡିପଫେକ୍ ଏବେ ନୂଆ ସମସ୍ୟା ଭାବେ ଉଭା ହୋଇଥିବା ବେଳେ ଏହାକୁ ନେଇ ଗଭୀର ଚିନ୍ତାପ୍ରକଟ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦି । ଟେକ୍ନୋଲୋଜି ଏପରି ବ୍ୟବାହାର ଅତ୍ୟନ୍ତ ଚିନ୍ତାଜନକ । ଏହା ଏକ ସମସ୍ୟା । ଏ ସମ୍ପର୍କରେ ଗଣମାଧ୍ୟମ ବହୁଳ ଭାବେ ଲୋକଙ୍କୁ ସତର୍କ କରାଇବା ଦରକାର ।ଏଆଇର ନକାରାତ୍ମକ ପ୍ରଭାବ ସମ୍ପର୍କରେ ମିଡିଆ ଲୋକଙ୍କୁ ସଚେତନା କରିବା ଉଚିତ । ବିଭିନ୍ନ ଲୋକଙ୍କୁ ବିକୃତି ଭାବେ ଦର୍ଶାଇବା କାମରୁ ଲୋକମାନେ କେମିତି ଦୂରେଇ ରହିବେ, ସେ ଦାୟିତ୍ୱ ମଧ ଗଣମାଧମ ସମ୍ପାଦକ କରୁ ବୋଲି ମୋଦି କହିଛନ୍ତି । ମୋଦି କହିଛନ୍ତି, "ନିକଟରେ ମୁଁ ଏମିତି ଗୋଟିଏ ଭିଡିଓକୁ ଦେଖିଛି

▶▶ପୃଷ୍ଠା ୭

# ମେସିନ୍ ଉପରେ ଭୁଶୁଡ଼ିଲା ମାଟି ଅତଡ଼ା: ପୁଣି ବାଧାପ୍ରାପ୍ତ ହେଲା ଉଦ୍ଧାରକାର୍ଯ୍ୟ




ନୂଆଦିଲ୍ଲୀ, ୧୭/୧୧ :ଉତ୍ତରକାଶୀରେ ସୁଡ଼ଙ୍ଗରେ ଫସିଥିବା ଶ୍ରମିକଙ୍କୁ ସୁରକ୍ଷିତ ଉଦ୍ଧାର ପାଇଁ ଜାରି ରହିଥିବା ଅଭିଯାନ ଶୁକ୍ରବାର କିଛି ସମୟ ପାଇଁ ବନ୍ଦ ରଖାଯାଇଛି । କାରଣ ଉଦ୍ଧାର କାର୍ଯ୍ୟରେ ବ୍ୟବହାର ହେଉଥିବା ଡ୍ରିଲିଂ ମେସିନ୍ ଉପରେ ମାଟି ପଡ଼ିବାରୁ ତାହା ବନ୍ଦ ହୋଇଛି । ସୁଡ଼ଙ୍ଗରେ ପଞ୍ଚମ ଟ୍ୟୁବ୍ ଲଗାଇବା ସମୟରେ ମେସିନ୍ ଉପରେ ମାଟି ଭୁଶୁଡ଼ି ପଡ଼ିଥିଲା । ଏହା ପରେ ଉଦ୍ଧାରକାର୍ଯ୍ୟ ପ୍ରାୟ ଏକ ଘଣ୍ଟା ପାଇଁ ବନ୍ଦ ରଖାଯାଇଛି । ସେହିଭଳି କୁହାଯାଉଛି ଯେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଆମେରିକାରୁ ଆସିଥିବା ମେସିନ୍‌ରେ ମଧ୍ୟ ତ୍ରୁଟି ଦେଖାଦେଇଛି । ଫଳରେ ମେସିନ୍ ଆଗକୁ ବଢ଼ିପାରୁନାହିଁ । ଏମିତିରେ ଏବେ ଆଙ୍କର ମେସିନ୍ ଲଗାଇ ମେସିନକୁ ପ୍ଲାଟଫର୍ମକୁ ଲଗାଯାଉଛି । କୁହାଯାଉଛି ଏପର୍ଯ୍ୟନ୍ତ କେବଳ ୨୪ ମିଟର ପର୍ଯ୍ୟନ୍ତ ଡ୍ରିଲ କରାଯାଇ ପାଇପ ଲଗାଯାଇପାରିଛି । ସେପଟେ ଇନ୍ଦୋରରୁ ଅତ୍ୟାଧୁନିକ ମେସିନ ମଗାଯାଇଛି । ସୂଚନାଥାଉକି, ଶ୍ରମିକମାନେ ସୁଡ଼ଙ୍ଗର ପ୍ରବେଶ ଠାରୁ ପ୍ରାୟ ୩୦୦

▶▶ପୃଷ୍ଠା ୭

# ୫ଶହ ଟଙ୍କାରେ ମିଳିବ ସିଲିଣ୍ଡର, ମହିଳା ପାଇବେ ମାଗଣା ବସ ସେବା, ଛାତ୍ରଛାତ୍ରୀଙ୍କୁ ମିଳିବ ଶିକ୍ଷା ରାଶି: କଂଗ୍ରେସ



ନୂଆଦିଲ୍ଲୀ, ୧୭/୧୧ : ତେଲେଙ୍ଗାନା ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସର ନିର୍ବାଚନୀ ଇସ୍ତାହାର ପତ୍ର ଜାରି । ଶାସନକୁ ଆସିଲେ ୫୦୦ଟଙ୍କାରେ ସିଲିଣ୍ଡର ଯୋଗାଇବା ସହ ୨୦୦ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି ଏବଂ ସ୍କୁଲ କଲେଜ ଛାତ୍ରୀ ମାନଙ୍କୁ ମାଗଣାରେ ସ୍କୁଟି ଦେବାକୁ ଘୋଷଣା କରାଯାଇଛି । ସେହିପରି ମହିଳାଙ୍କୁ ମାଗଣାରେ ବସ ଯାତ୍ରା, ମୁଖ୍ୟମନ୍ତ୍ରୀଙ୍କ କ୍ୟାମ୍ପ ଅଫିସରେ ପ୍ରତ୍ୟେକ ଦିନ ପ୍ରଜା ଦରବାର ଏବଂ ଇନ୍ଦିରାମ୍ମା ଯୋଜନାରେ ଝିଅ ମାନଙ୍କୁ ବିବାହ ସମୟରେ ସହାୟତା ଯୋଗାଇଦେବାକୁ ନିଜ ଇସ୍ତାହାର ପତ୍ରରେ ଘୋଷଣା କରିଛି ଦଳ । ତେଲେଙ୍ଗାନା ଆନ୍ଦୋଳନର ସହିଦଙ୍କ ପରିବାରକୁ ପେନସନ ଦେବା ସହିତ କୃଷକ ମାନଙ୍କୁ ୨୦ଲକ୍ଷ ଯାଏ ବିନା ସୁଧରେ କୃଷିଋଣ ଦେବାକୁ ପ୍ରତିଶ୍ରୁତି ଦିଆଯାଇଛି । କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେଙ୍କ ଉପସ୍ଥିତିରେ ଇସ୍ତାହାର ପତ୍ର ଜାରି କରିଛି କଂଗ୍ରେସ । ସେପଟେ ଆଜି ତେଲେଙ୍ଗାନରେ ବିଭିନ୍ନ ସ୍ଥାନରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ।

# କେନ୍ଦୁଝରରେ ଡିସେମ୍ବର ତୃତୀୟ ସପ୍ତାହରେ ଗୋନାସିକା-କେନ୍ଦୁଝର ମହୋତ୍ସବ ସହ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା

କେନ୍ଦୁଝର, ୧୭/୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଆଗାମୀ ଡିସେମ୍ବର ତୃତୀୟ ସପ୍ତାହରେ କାଳୀପଡିଆଠାରେ ଗୋନାସିକା କେନ୍ଦୁଝର ମହୋତ୍ସବ ଓ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା ଆୟୋଜନ ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଛି । ଏହି ଅବସରରେ ଜିଲ୍ଲାପାଳ ଆଶିଷ ଠାକରେଙ୍କ ଅନୁମୋଦନ କ୍ରମେ ଚଳିତ ନଭେମ୍ବର ୧୬ ତାରିଖ ଗୁରୁବାର ଅପରାହ୍ନରେ ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲାଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍‌ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରସ୍ତୁତି ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦିଲ୍ଲିପ କୁମାର ନାୟକ, କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ପିଏ ଆଇ.ଟି.ଡି.ଏ. କେନ୍ଦୁଝର ତପନ କୁମାର ନାଏକ, ଓରମାସ୍‌ର ଯୁଗ୍ମ ମୁଖ୍ୟ ନିର୍ବାହୀ ଅଧିକାରୀ ସପନ ଗୋସ୍ୱାମୀ, ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ, କେନ୍ଦୁଝର ସଂଜୀବ ବାରିକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଗଣମାଧ୍ୟମର ପ୍ରତିନିଧି ଓ ବିଭିନ୍ନ ଅନୁଷ୍ଠାନ ଓ ସଂଗଠନର କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିବା ସହିତ ମହୋତ୍ସବ ଓ ପିଲ୍ଲିଶ୍ରୀ ମେଳାକୁ କିପରି ସରସ ସୁନ୍ଦର କରାଯିବ ସେ ସଂପର୍କରେ ମତ ଉପସ୍ଥାପନ କରିଥିଲେ । ପ୍ରାରମ୍ଭରେ ଅତରିକ୍ତ ଜିଲ୍ଲାପାଳ ଶ୍ରୀ ମହଲା ଉଦ୍‌ବୋଧନ ଦେଇ କହିଥିଲେ ଯେ ଗୋନାସିକା-କେନ୍ଦୁଝର ମହୋତ୍ସବ କେନ୍ଦୁଝର ଜିଲ୍ଲାର ଲୋକ ଉତ୍ସବ । ମହୋତ୍ସବ ସହିତ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା ଆୟୋଜନ ଜିଲ୍ଲାର କଳା, ସଂସ୍କୃତି ଓ ଐତିହ୍ୟ ଓ ପରମ୍ପରାର ପ୍ରତିଲିପି ହେବା ସହିତ ଏହାର ପ୍ରଚାର ପ୍ରସାର ଦିଗରେ ସହାୟକ ହେବ ଏବଂ ରାଜ୍ୟ ତଥା ଦେଶର ବିଭିନ୍ନ ଅଂଚଳର ସଂସ୍କୃତିର ସମାଗମ ଘଟିବ । ଏଣୁ ଏହାର ସଫଳତା ପାଇଁ ସମସ୍ତେ ସହଯୋଗ କରିବାକୁ ନିବେଦନ କରିଥିଲେ। ନିଷ୍ପତି ଅନୁଯାୟୀ ଗୋନାସିକା-କେନ୍ଦୁଝର ମହୋତ୍ସବ ଓ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା ଆୟୋଜନ ଅବସରରେ ସାଂସ୍କୃତିକ ସମାରୋହରେ ଜିଲ୍ଲାର ବିଭିନ୍ନ ଅଂଚଳ, ରାଜ୍ୟର ବିଭିନ୍ନ ଜିଲ୍ଲାର ଏବଂ ଦେଶର ବିଭିନ୍ନ ରାଜ୍ୟର ଲୋକକଳା ସାଂସ୍କୃତିକ ଦଳକୁ ଆମନ୍ତ୍ରଣ କରାଯିବାକୁ ନିଷ୍ପତି ନିଆଯାଇଛି । ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳାରେ ଜିଲ୍ଲା, ରାଜ୍ୟ ତଥା ଦେଶର ଶିଳ୍ପୀ, କାରିଗର ଅଂଶଗ୍ରହଣ କରିବେ । ଏହି ଅବସରରେ ଖାଦ୍ୟମେଳା, କବି ସମ୍ମିଳନୀ, ପୁସ୍ତକମେଳା, ପୁଷ୍ପ ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହେବ ବୋଲି ସ୍ଥିରିକୃତ ହୋଇଛି । ସକାଳେ ଗୋନାସିକାସ୍ଥ ପବିତ୍ର ବୈତରଣୀ ନଦୀର ଉତ୍ପତିସ୍ଥଳ ଏବଂ ବ୍ରହ୍ମେଶ୍ୱର ମନ୍ଦିର, କେନ୍ଦୁଝରଗଡସ୍ଥିତ ବଳଦେବଜୀଉ ମନ୍ଦିର, ଘଟଗାଁ ମା'ତାରିଣୀ ମନ୍ଦିର, ଆନନ୍ଦପୁର ଉପଖଣ୍ଡ ସଦର ମହକୁମାସ୍ଥ ଦଧିବାମନଜୀଉ ମନ୍ଦିର, ଚମ୍ପୁଆ ଉପଖଣ୍ଡ ସଦର ମହକୁମାସ୍ଥ ଚନ୍ଦ୍ରଶେଖର ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ମଶାଲ ଶୋଭାଯାତ୍ରା ଜିଲ୍ଲା ସଦର ମହକୁମାସ୍ଥ ମହୋତ୍ସବ ସ୍ଥଳକୁ ଆସିବ ବୋଲି ନିଷ୍ପତି ନିଆଯାଇଛି । ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ସୁଆୟୋଜନ ଓ ପରିଚାଳନା ନିମନ୍ତେ ବିଭିନ୍ନ ପ୍ରସଙ୍ଗ ଯଥା ସାଂସ୍କୃତିକ ମଣ୍ଡପ ନିର୍ମାଣ, ଷ୍ଟଲ୍ ନିର୍ମାଣ, ଆଲୋକ ବ୍ୟବସ୍ଥା, ସୁରକ୍ଷା ଓ ନିରାପତା ବ୍ୟବସ୍ଥା, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ସଫାସୁତୁରା, ଅତିଥି କଳାକାରମାନଙ୍କ ପାଇଁ ଅଭ୍ୟର୍ଥନା, ଖାଦ୍ୟ ବ୍ୟବସ୍ଥା ଓ ରହଣି ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟୁତ୍ ଯୋଗାଣ, ଅଗ୍ନି ନିରାପତା ବ୍ୟବସ୍ଥା ଏବଂ ଅର୍ଥ ବ୍ୟବସ୍ଥା ଉପରେ ବୈଠକରେ ଆଲୋଚନା ହୋଇଥିଲା । ଉଦ୍‌?ଘାଟନୀ ସମାରୋହ ଓ ଉଦ୍‌?ଯାପନୀ ସମାରୋହ ତଥା ମହୋତ୍ସବର ଅନ୍ୟ ଦିନ ପାଇଁ ଅତିଥି ଆମନ୍ତ୍ରଣ ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା । ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ସୁଆୟୋଜନ ଓ ସୁପରିଚାଳନା ନିମନ୍ତେ ବିଭିନ୍ନ କମିଟି ଯଥା ଗ୍ରାଉଣ୍ଡ୍ ଓ ଷ୍ଟେଜ୍ କମିଟି, ସାଂସ୍କୃତିକ କମିଟି, ଅଭ୍ୟର୍ଥନା କମିଟି, ପୁସ୍ତକମେଳା କମିଟି, ପ୍ରଚାର କମିଟି, ଅର୍ଥ କମିଟି ଏବଂ ଷ୍ଟିୟରିଂ କମିଟି ସଂପର୍କରେ ବୈଠକରେ ନିଷ୍ପତି ନିଆଯାଇଛି ।

# କୃଷି ବିଭାଗର ସମୀକ୍ଷା ବୈଠକ: ୨୮ ଲକ୍ଷ ହେକ୍ଟର ରବି ଚାଷ ଲକ୍ଷ୍ୟ

ଭୁବନେଶ୍ୱର, ୧୭/୧୧ (ନି.ପ୍ର): ଚଳିତ ବର୍ଷ ରବିରେ ସମୁଦାୟ ୨୮ ଲକ୍ଷ ୧୩ ହଜାର ହେକ୍ଟର ରବି ଫସଲ ଚାଷ କରାଯିବ। ଏଥି ମଧ୍ୟରୁ ୯୧୨୦ ହେକ୍ଟରରେ ହାଇବ୍ରିଡ୍ ପରିବା, ୯୩୩୩ ହେକ୍ଟରରେ ଆଳୁ, ୨୩୨୫ ହେକ୍ଟରରେ ପିଆଜ, ୨୫୦୦ ହେକ୍ଟରରେ ରସୁଣ, ୧୫,୦୦୦ ହେକ୍ଟରରେ ଲଙ୍କା ଓ ୭୦୦୦ ହେକ୍ଟରରେ ଧଣିଆ ଚାଷ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ପର୍ଯ୍ୟାପ୍ତ ପରିମାଣରେ ବିହନ ଯୋଗାଇ ଦେବାକୁ କ୍ଷେତ୍ର ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କୃଷି ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ କୃଷି ବିଭାଗର ବିଭିନ୍ନ ଯୋଜନା ସମ୍ପର୍କିତ ସମୀକ୍ଷା ବୈଠକରେ ଏହି ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା, ଓଡ଼ିଶା ରାଜ୍ୟ ବିହନ ନିଗମର ପରିଚାଳନା ନିର୍ଦ୍ଦେଶକ, ଭାରତୀୟ ପାଣିପାଗ ବିଭାଗ, ଜଳସଂପଦ ବିଭାଗର ଅଧିକାରୀ, ସମସ୍ତ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ, ଜଳସଂପଦ ବିଭାଗ ଯନ୍ତ୍ରୀ ଓ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକଙ୍କ ସହିତ ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ କାର୍ଯ୍ୟକ୍ରମର ସମୀକ୍ଷା ହୋଇଥିଲା। ଧାନ ଅମଳ ପରବର୍ତ୍ତୀ ପଡ଼ିଆ ଜମିରେ ଉପଯୋଗ ନିମନ୍ତେ ରାଜ୍ୟ ସରକାରଙ୍କ ଫ୍ଲାଗ୍‌ସିପ୍ କାର୍ଯ୍ୟକ୍ରମ ଜଳବାୟୁ ସହନଶୀଳ ରାଇସ୍ ଫାଲୋ ମ୍ୟାନେଜ୍‌ମେଣ୍ଟର ଜିଲ୍ଲାୱାରି ସମୀକ୍ଷା କରାଯାଇଥିଲା। ଫସଲ ଚାଷର ପ୍ରତ୍ୟେକ ସ୍ତରର ଡକୁମେଣ୍ଟେସନ୍ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଗଲା। ଏଥିରେ ପି.ଏମ୍. କିସାନ ଯୋଜନାରେ ବକେୟା ଆବେଦନଗୁଡ଼ିକର ଯାଞ୍ଚ କାର୍ଯ୍ୟ ଶୀଘ୍ର ସଂପୂର୍ଣ୍ଣ, ସିଡିପି-ଏଲ୍‌ଏଆଇପିର ମାର୍ଗଦର୍ଶିକା ଅନୁଯାୟୀ ପ୍ରୋତ୍ସାହନ ରାଶି ଚାଷୀମାନଙ୍କୁ ତୁରନ୍ତ ପ୍ରଦାନ କରିବା ଏବଂ ପାରାକ୍ୱେଟ ତୃଣନାଶକର କୁପ୍ରଭାବ ସଂପର୍କରେ ଜିଲ୍ଲାପାଳ ଓ ଗବେଷଣା ଅନୁଷ୍ଠାନଗୁଡ଼ିକରୁ ରିପୋର୍ଟ ସଂଗ୍ରହ କରି ବିଭାଗରେ ଦାଖଲ କରିବା ପାଇଁ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରାରମ୍ଭରେ ସମ୍ଭାବ୍ୟ ଲଘୁଚାପଜନିତ ବର୍ଷା ଯୋଗୁ ଚାଷୀମାନଙ୍କ ନିମନ୍ତେ ଓୟୁଏଟି ପରାମର୍ଶରେ ଜାରି କରାଯାଇଥିବା ଫସଲ ପରିଚାଳନା ନେଇ ଆଲୋଚନା ହୋଇଥିଲା। ମହାନଦୀ ଡେଲ୍‌ଟା ଅଞ୍ଚଳରେ ରବି କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ କୃଷକ ସାଥୀଙ୍କର ଉପଯୋଗ କରି ଜଳସେଚନ କମାଣ୍ଡ ଅଞ୍ଚଳରେ କ୍ଲଷ୍ଟର ପଦ୍ଧତିରେ ଅଧିକ ଫସଲ ଚାଷ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ଖୋର୍ଦ୍ଧା, ପୁରୀରେ ନଭେମ୍ବର ୨୦ ତାରିଖ ସୁଦ୍ଧା ଗୋଷ୍ଠୀ ଆଧାରିତ ଅନୁଷ୍ଠାନକୁ ନିୟୋଜିତ କରିବା ନିମନ୍ତେ ବୈଠକରେ ସ୍ଥିର ହୋଇଥିଲା। ଉଦ୍ୟାନ କୃଷିରେ ଡେଲ୍‌ଟା ଅଞ୍ଚଳର ୩୧,୪୨୧ ହେକ୍ଟରରେ ପରିବା, ଫୁଲ ଓ ଫଳ ଚାଷ କରାଯିବ।

## ରାଜ୍ୟସ୍ତରୀୟ କ୍ଷେତ ମଜଦୁର ଓ ଦଳିତ ସମ୍ମିଳନୀ

ଭୁବନେଶ୍ୱର, ୧୭/୧୧ (ନି.ପ୍ର): ସମଗ୍ର ଦେଶରେ କ୍ଷେତ ମୂଲିଆ, ଦଳିତ ଓ ଆଦିବାସୀମାନଙ୍କ ଉପରେ ହେଉଥିବା ନିର୍ଯାତନା, ହିଂସା ଓ ଶୋଷଣ ବିରୋଧରେ, ସେମାନଙ୍କର ସାମାଜିକ ଓ ଅର୍ଥନୈତିକ ସ୍ୱାର୍ଥର ସୁରକ୍ଷା ସହିତ ସେମାନଙ୍କ ପାଇଁ କେନ୍ଦ୍ରୀୟ ଆଇନ ପ୍ରଣୟନ ଦାବିରେ ବିଭିନ୍ନ କେନ୍ଦ୍ରୀୟ କ୍ଷେତ ମୂଲିଆ ଓ ଦଳିତ ସଙ୍ଗଠନମାନଙ୍କ ତରଫରୁ ଏକ ରାଜ୍ୟସ୍ତରୀୟ ମିଳିତ କନଭେନସନ ଗୁରୁବାର ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀକୁ ଭାରତୀୟ କ୍ଷେତ ମଜଦୁର ୟୁନିୟନର ଆଶିଷ କାନୁନ୍‌ଗୋ, ଅଖିଳ ଭାରତ କ୍ଷେତ ମଜଦୁର ୟୁନିୟନର ନିର୍ମଳ ନାୟକ, ଅଖିଳ ଭାରତୀୟ କ୍ଷେତ ଓ ଗ୍ରାମୀଣ ମଜଦୁର ସଭାର ରାଧାକାନ୍ତ ସେଠୀ, ଅଖିଳ ଭାରତ ଅଗ୍ରଗାମୀ କୃଷି ଶ୍ରମିକ ୟୁନିୟନର ଜ୍ୟୋତିରଞ୍ଜନ ମହାପାତ୍ର, ଆମ୍ବେଦକର ଲୋହିଆ ବିଚାର ମଂଚର ସଂଗ୍ରାମ ମଲ୍ଲିକ ଓ ଦଳିତ ଶୋଷଣ ମୁକ୍ତି ମଂଚର ଶ୍ୟାମସୁନ୍ଦର ଜେନାଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ପରିଚାଳନା କରିଥିଲେ।

# ପଲ୍ଲୀରୁ ମହାନଗର ପର୍ଯ୍ୟନ୍ତ ସବୁଜଜହର ବ୍ୟବସାୟର ଲମ୍ବିଛି ଚେର: ଯୁବବର୍ଗ ସାଜିଛନ୍ତି ଚାଲାଣକାରୀ ଓ ନିଶାଡ଼ି

ଜୟପୁର, ୧୭/୧୧ (ନି.ପ୍ର): କୋରାପୁଟ ଜିଲ୍ଲାର ବିଭିନ୍ନ ପଲ୍ଲୀରୁ ସବୁଜ ଜହରର ବ୍ୟବସାୟ ଆରମ୍ଭ ହୋଇଥିବା ବେଳେ ଏହାର ଚେର ରାଜ୍ୟ, ଦେଶର କୋଣ ଅନୁକୋଣର ମହାନଗର ଗୁଡିକୁ ଲମ୍ବିଥିବା ପ୍ରମାଣ ଗତ କିଛି ଦିନର ଘଟଣାରୁ ସ୍ପଷ୍ଟ ହୋଇଛି। ବର୍ଷକ ତଳେ ନୂଆଦିଲ୍ଲୀରୁ ଏନସିବି ଟିମ୍ ଆସି ସଦରଥାନା ଅଂଚଳରୁ ଜଣେ ଅଭିଯୁକ୍ତଙ୍କୁ ଧରି ନେଇଥିଲେ। ସେଭଳି ବେଙ୍ଗାଲୁରୁ କମିସନରେଟ୍ ଟିମ୍ ଜୟପୁର ସହରରୁ ୫ଜଣ ଛାତ୍ରଙ୍କୁ ନେଇକି ଯାଇଛନ୍ତି। ପ୍ରକାଶ ଯୋଗ୍ୟ, ଗଂଜେଇ ଚାଷ ଓ ବ୍ୟବସାୟୀଙ୍କ ପ୍ରମୁଖ କରିଡ଼ର ପାଲଟିଛି କୋରାପୁଟ ଓ ମାଲାକାନଗିରି ଜିଲ୍ଲା। ଜିଲ୍ଲାର ମାଛକୁଣ୍ଡ, ଲମତାପୁଟ, ନନ୍ଦପୁର, ପାଡୁଆ , ବେ ?ପାରୀଗୁଡା , କୁନ୍ଦ୍ରା ବ୍ଲକ ସହ ମାଲାକାନଗିରୀ ଜିଲ୍ଲାର ଚିତ୍ରକୋଣ୍ଡା ଆଦି ଅଂଚଳର ବିଭିନ୍ନ ଦୁର୍ଗମ ଗାଁ ଗୁଡ଼ିକରେ ବ୍ୟାପକ ଭାବେ ଗଂଜେଇ ଚାଷ ହେଉଛି। ଏଠାକାର ପଲ୍ଲୀରୁ ରାଜ୍ୟ ରାଜଧାନୀ ଭୁବନେଶ୍ୱର, ଦେଶର ରାଜଧାନୀ ନୂଆଦିଲ୍ଲୀ, ମୁମ୍ବାଇ, ବିଶାଖାପାଟଣା, ହାଇଦ୍ରାବାଦ, ବାଙ୍ଗାଲୁରୁ, ଚେନ୍ନାଇ, ରାୟପୁର ସହ ପଂଜାବ, ହରିଆନା, ଉତ୍ତରପ୍ରଦେଶକୁ ଏଠାରୁ ଚାଲାଣ ହେଉଥିବା ପୁଲିସ ଗୁଇନ୍ଦା ବିଭାଗ ସୂତ୍ରରୁ ସୂଚନା ମିଳିଛି। ଜୟପୁର ପୁଲିସ ଉପଖଣ୍ଡ ଦେଇ ବେଶି ମାତ୍ରାରେ ଚାଲାଣ ହେବା ଏବଂ ଜୟପୁରରେ ଏହାର ହବ୍ ଥିବା ପୁଲିସ ବି ଜାଣିପାରିଛି। ଏପରିକି ଚାଷ ଓ ଚାଲାଣ କରିବାରେ ସମାଜର ଭଦ୍ରମୁଖା ବୋଲାଉଥିବା ବହୁ ସରକାରୀ କର୍ମଚାରୀ, ପୁଲିସ, ସାମ୍ବାଦିକ, ରାଜନୈତିକ ନେତା, ବଡ଼ବଡ଼ ବ୍ୟବସାୟୀ, ପରିବହନ ବ୍ୟବସାୟୀମାନେ ସ୍ୱଳ୍ପ ସମୟରେ ଅଧିକା ଟଙ୍କା ଉପର୍ଜନା କରିବାକୁ ମାନସିକତା ଥିବା ଏବଂ ଚିନ୍ତା କରୁଥିବା ଯୁବ ବର୍ଗଙ୍କୁ ଚିହ୍ନଟ କରି ସାମିଲ କରୁଥିବା ପୁଲିସ ଜାଣି ପାରିଛି। ସଂପ୍ରତି ବଡ ବଡ ସହରରେ କମ୍ ଟଙ୍କା ଖର୍ଚ୍ଚରେ ବେଶି ନିଶା ନେବା ପାଇଁ ଯୁବବର୍ଗଙ୍କ ପ୍ରଥମ ପସନ୍ଦ ବି ଗଂଜେଇ ପାଲଟିଥିବା ପୁଲିସ ତଦନ୍ତ ବେଳେ ଜାଣି ପାରିଛି।



ସିଗାରେଟରେ ଗଂଜେଇ ଭର୍ତ୍ତି କରି ଏମାନେ ପିଉଛନ୍ତି। କମ୍ ଟଙ୍କା ଖର୍ଚ୍ଚରେ ବେଶି ନିଶା ନେବା ପାଇଁ ଯୁବବର୍ଗଙ୍କ ପ୍ରଥମ ପସନ୍ଦ ବି ଏହି ଜହର ପାଲଟିଛି। ଖାସ୍ କରି କୋରାପୁଟ ଜିଲ୍ଲାରୁ ଯାଉଥିବା ଏହି ସବୁଜ ଜହରକୁ ଅଧିକା ପସନ୍ଦ କରୁଛନ୍ତି ଯୁବବର୍ଗ। ଏହାକୁ ଦୃଷ୍ଟିରେ ରଖି ନ୍ୟାସ୍ତସ୍ୱାର୍ଥୀ ମାଷ୍ଟର ମାଇଣ୍ଡ ମାନେ ବି ଯୁବବର୍ଗ କିଶୋର ମାନଙ୍କୁ ଏସବୁ କାମରେ ନିୟୋଜିତ କରୁଛନ୍ତି। କିଛି ଶିକ୍ଷିତ କିଛି ଅର୍ଦ୍ଧଶିକ୍ଷିତ ତଥା ଶୀଘ୍ର ଟଙ୍କା କମାଇବା ଲକ୍ଷ୍ୟରେ ଥିବା ଯୁବକ ଓଯୁବତୀ , କିଶୋର ମାନେ ଏଥିରେ ସାମିଲ ରହିଛନ୍ତି। ଚାଲାଣକାରୀ ଓ ନିଶାଡ଼ି ଯୁବ ବର୍ଗ ଓ କିଶୋର ସାଜି ଅପରାଧ ଦୁନିଆରେ ପାଦ ଦେଉଥିବାରୁ ଏହାକୁ ରୋକିବା ପାଇଁ ସରକାର, ପ୍ରଶାସନ ତୁରନ୍ତ ଆଶୁ ପଦକ୍ଷେପ କିଭଳି ନେଇ ହେବ ସେ ଦିଗରେ ପ୍ରୟାସ କରିବା କଥା। ଏହି ଧନ୍ଦା କରୁଥିବା ଏବଂ ଯୁବ ବର୍ଗ ଓକିଶୋର ମାନଙ୍କୁ ସାମିଲ କରାଉଥିବା ମୂଳଉତ୍ସକୁ ଚିହ୍ନଟ କରି ଧରିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ସ୍ନାତକୋତର ଦର୍ଶନ ବିଭାଗ ତରଫରୁ ବିଶ୍ୱ ଦର୍ଶନ ଦିବସ ପାଳିତ

ବଲାଙ୍ଗୀର, ୧୭/୧୧ (ନି.ପ୍ର): ବାସ୍ତବରେ ଦର୍ଶନ ତତ୍ୱ ଏବଂ ଦାର୍ଶନିକ ଶିକ୍ଷା ଯୁଗେ ଯୁଗେ ଦୈନିକ ଜୀବନରେ ବ୍ୟକ୍ତି ଓ ସମାଜର ନୈତିକ ଆଲୋକ ବର୍ତିକା ସଦୃଶ କାମ କରିଥାଏ। ପ୍ରତିବର୍ଷ ଏହି ଦିବସକୁ ପାଳନ କରି ଶିକ୍ଷାବିତ୍ ଓ ଶିକ୍ଷାନୁଷ୍ଠାନ ଗୁଡିକ ଦର୍ଶନର ବ୍ୟବହାରିକ ଓ ଯୁଗୋପଯୋଗୀ ତଥ୍ୟ ମାନ ପ୍ରଦାନ କରିଥାନ୍ତି। ବାସ୍ତବରେ ଦାର୍ଶନିକ ତଥ୍ୟ ସଦା ସର୍ବଦା ସତ୍ୟ ଓ ପରିମାର୍ଜିତ ଜ୍ଞାନ ଉପରେ ପର୍ଯ୍ୟବେସିତ ସାମାଜିକ, ବୈଜ୍ଞାନିକ ଏବଂ କଳାକୌଶଳ ସମୂହର ଅତିନ୍ଦ୍ରୀୟ ଜ୍ଞାନ ଅଟେ। ଏହି ତଥ୍ୟକୁ ଆଧାର କରି ମିଳିତ ଜାତିସଂଘ ତରଫରୁ ୨୦୦୨ ମସିହାଠାରୁ ବିଶ୍ୱ ଦର୍ଶନ ଦିବସ ପାଳିତ ହୋଇ ଆସୁଅଛି। ଏହି ପରିପ୍ରେକ୍ଷୀରେ ୧୬ ନଭେମ୍ବର ୨୦୨୩ ଦିନ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ସ୍ନାତକୋତର ଦର୍ଶନ ବିଭାଗ ତରଫରୁ ଏକ ଜାତୀୟ ପାଠଚକ୍ର ଆୟୋଜିତ ହୋଯାଇଅଛି। ଏହି ପାଠ୍ୟଚକ୍ରରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଉମା ବଲ୍ଲଭ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆଇ.ଆଇ.ଟି ଧନବାଦ୍‌ର ପ୍ରଫେସର ଅଜିତ କୁମାର ବେହୁରା ନିଜର ସାରଗର୍ଭକ ଅଭିଭାଷଣରେ ମୁଖ୍ୟତଃ ସେ ବିଜ୍ଞାନ ଓ ଯାନ୍ତ୍ରିକ କୌଶଳ ସହର ଦର୍ଶନ ପ୍ରାସଙ୍ଗିକତା ବିଷୟରେ ଆଲୋଚନା କରିଥିଲେ। ଆଇ.ଆଇ.ଟି ଭୁବନେଶ୍ୱରର ପ୍ରଫେସର ରିଚା ଶୁକ୍ଲା ଅନେକ ଅର୍ଥରେ ଦାର୍ଶନିକ ପ୍ରସଙ୍ଗରେ ଆଲୋଚନା କରିଥିଲେ। ସଭାର ପରବର୍ତୀ ବକ୍ତା ହିସାବରେ ବିଭାଗୀୟ ମୁଖ୍ୟ ତଥା ବିଶ୍ୱବିଦ୍ୟାଳୟର ସ୍ନାତକୋତର ପରିଷଦର ଅଧକ୍ଷ ପ୍ରାଧାପକ ରାଜ କିଶୋର ପାତ୍ର ଏ.ଆଇ ବୁଦ୍ଧିମତା ସଚେତନଶୀଳତା ଏବଂ ନୈତିକତା ଶୀର୍ଷକ ଉପରେ ଆଲୋଚନା କରିଥିଲେ। ଏଥିରେ ଦର୍ଶନ ବିଭାଗର ଅଧାପକ ଓ ଅଧାପିକା ଜେଭିୟର ଖେସ, ବଂଶୀଧର ଦୀପ, ଡ଼ ପଙ୍କଜିନୀ ମୂଳିଆ ଯୋଗ ଦେଇଥିଲେ। ବିଶ୍ୱବିଦ୍ୟାଳୟର ଅନ୍ୟ ବିଭାଗର ଅଧାପକ ଓ ଅଧାପିକା ଓ ବିଭାଗୀୟ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ବକ୍ତାମାନଙ୍କ ସହ ମତ ବିନିମୟ କରିଥିଲେ। ପରିଶେଷରେ ବିଭାଗୀୟ ପ୍ରାଧାପକ ବଂଶୀଧର ଦୀପ ଧନ୍ୟବାଦ ଅର୍ପଣ କରିଥିଲେ।

## ଲୁଟ ମାମଲାରେ ଜଣେ ଗିରଫ

ଜୟପୁର, ୧୭/୧୧ (ନି.ପ୍ର): ଲୁଟ ମାମଲାରେ ୩ ଜଣକୁ କାବୁ କରିଛି ଜୟପୁର ଟାଉନ ପୋଲିସ। ଗିରଫ ଅଭିଯୁକ୍ତ ଜଣକ ହେଲା ଜୟନଗର ଚିଲିଗୁଡାର ଆକାଶ ହରିଜନ ସହ ଦୁଇ ଜଣ ନାବାଳକକୁ କାବୁ କରିଛି । ପୋଲିସ ସୁଚନା ଅନୁଯାଇ ଜୟପୁର କୋର୍ଟର ପବ୍ଲିକ ପ୍ରକିକ୍ୟୁଟର ଶୌଳଜା ପଟ୍ଟନାୟକ ଚନ୍ଦନ ବାଡ ସାହି ସ୍ଥିତଘରକୁ ଯାଉଥିବା ବେଳେ ତେଲି ସାହି ଛକରେ ୩ଜଣ ଯୁବବ ଭେନିଟି ବେଗ ଓ ମୋବାଇଲ ଫୋନକୁ ଲୁଟ କରିଥିଲେ । ଏନେଇ ଟାଉନ ଥାନାରେ ଅଭିଯୋଗ ହେବାରୁ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ପୋଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଅନ୍ୟ ଦୁଇ ଜଣ ଜୁଭେଲାଇନଜଷ୍ଟିଜ ବୋର୍ଡଙ୍କ ନିକଟରେ ହାଜର କରାଯାଇଛି । ଗିରଫ ଅଭିଯୁକ୍ତ ଠାରୁ ଲୁଟ ମୋବାଇଲ ସହ ବାଇକ କୁ ଜବତ କରିଥିବା ବିଷୟ ଟାଉନ ଥାନା ଅଧିକାରି ସତ୍ୟା ନନ୍ଦ ପାତ୍ର ସୂଚନା ଦେଇଛନ୍ତି ।

## ରାଜ୍ୟସ୍ତରୀୟ ସ୍କୁଲ ବ୍ୟାଣ୍ଡ ପ୍ରତିଯୋଗିତା ଉଦ୍‌ଘାଟିତ

ଭୁବନେଶ୍ୱର, ୧୭/୧୧ (ନି.ପ୍ର): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗୁରୁବାର ପୂର୍ବାହ୍ନରେ ୟୁନିଟ-୬ ବାଳିକା ହାଇସ୍କୁଲରେ ରାଜ୍ୟସ୍ତରୀୟ ସ୍କୁଲ ବ୍ୟାଣ୍ଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୧୦ଟି ଜିଲ୍ଲାରୁ ୧୧ଟି ସ୍କୁଲ ବ୍ୟାଣ୍ଡ ଟିମ୍ ଏହି ରାଜ୍ୟସ୍ତରୀୟ ସ୍କୁଲ ବ୍ୟାଣ୍ଡ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି । ବିଭାଗୀୟ କମିଶନର ତଥା ଶାସନ ସଚିବ ଅଶ୍ୱଥି ଏସ୍. ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟସ୍ତରୀୟ ସ୍କୁଲ ବ୍ୟାଣ୍ଡ ଟିମ୍ ପ୍ରତିଯୋଗିତାର ଶୁଭ ଉଦ୍‌ଘାଟନ କରିଥିଲେ ଏବଂ ଟିମ୍ ର ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । କେନ୍ଦ୍ର ସରକାରଙ୍କ ଦୁଇଟି ବିଭାଗ ଯଥା- କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ଏବଂ ପ୍ରତିରକ୍ଷା ମନ୍ତ୍ରାଳୟର ମିଳିତ ସହଯୋଗରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ବ୍ୟାଣ୍ଡ ପ୍ରତିଯୋଗିତାରେ ଯେଉଁ ଦଳ ପ୍ରଥମ ସ୍ଥାନ ଅଧିକାର କରିବେ ସେମାନେ ଆନ୍ତଃରାଜ୍ୟ ସ୍କୁଲ ବ୍ୟାଣ୍ଡ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ (ପୂର୍ବ ଜୋନ୍) । ଅନ୍ୟ ଟିମ୍ ମାନଙ୍କ ମଧ୍ୟରୁ ଚୟନ କରାଯାଇ ସେମାନଙ୍କୁ ଭୁବନେଶ୍ୱରରେ ହେବାକୁ ଥିବା ଆଗାମୀ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପରେଡରେ ଅଂଶଗ୍ରହଣ କରିବାର ସୁଯୋଗ ଦିଆଯିବ। ରାଜ୍ୟସ୍ତରରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଟିମ୍ କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନପୂର୍ବକ ପୁରସ୍କୃତ କରାଯାଇଛି। ସମଗ୍ର ଭାରତବର୍ଷକୁ ଚାରୋଟି ଜୋନ୍ ରେ ବିଭକ୍ତ କରାଯାଇଛି। ପ୍ରତ୍ୟେକ ଜୋନ୍ ରୁ ୨ ଗୋଟି ବିଜୟୀ ଦଳ (ପୁରୁଷ ଓ ମହିଳା) ବ୍ରାସ୍ ବ୍ୟାଣ୍ଡର ଏବଂ ଗୋଟିଏ ବିଜୟୀ ଦଳ (ମହିଳା) ପାଇପ ବ୍ୟାଣ୍ଡ କାଟାଗୋରୀର ସମୁଦାୟ ତିନୋଟି ଟିମ୍ ଅନ୍ତରାଜ୍ୟ ସ୍କୁଲ ବ୍ୟାଣ୍ଡ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଆମ ରାଜ୍ୟରୁ ୪ଟି ଲେଖାଏଁ ବ୍ୟାଣ୍ଡ ଟିମ୍ ସମୁଦାୟ ୧୬ଟି ଟିମ୍ ଦିଲ୍ଲୀର ଜାତୀୟ ନ୍ୟାସନାଲ୍ ଷ୍ଟାଡିୟମ୍ ରେ ଅନୁଷ୍ଠିତ ପ୍ରତିଯୋଗିତାରେ ଭାଗନେବେ। ଏଥିରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ (ଓସେପା) ଅନୁପମ ସାହା ସ୍କୁଲ ବ୍ୟାଣ୍ଡ ପ୍ରତିଯୋଗିତା କାର୍ଯ୍ୟକ୍ରମ ସଂପର୍କରେ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଅତିରିକ୍ତ ନିର୍ଦ୍ଦେଶକ ଭଗବାନ ବେହେରା ସୂଚନା ପ୍ରଦାନ କରିଥିବାବେଳେ ଶେଷରେ ଉପନିର୍ଦ୍ଦେଶକ ମହେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜ୍ୟରେ ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ରାଜ୍ୟପାଳଙ୍କୁ ଫେରାଦ ହେଲା ବିଜେପି କୃଷକମୋର୍ଚ୍ଚା

ଭୁବନେଶ୍ୱର, ୧୭/୧୧ (ନି.ପ୍ର): ଓଡ଼ିଶାର ଚାଷୀକୁଳ ଦୁଃଖ ଓ ନୈରାଶ୍ୟ ଭିତରେ କାଳାତିପାତ କରୁଛନ୍ତି। ଏହାର ଉଦାହରଣ ଯାଜପୁର ଜିଲ୍ଲା ଧର୍ମଶାଳାର ଚାଷୀ ନିତ୍ୟାନନ୍ଦ ପରିଡା, ନୟାଗଡ ଜିଲ୍ଲା ରଣପୁର ଚାଷୀ ଗୋବିନ୍ଦ ସାହୁ ଏବଂ ବଲାଙ୍ଗିର ଜିଲ୍ଲା ଲୋଇସିଙ୍ଗାର ରମେଶ ଭୋଇ। ଏହି ତିନିଜଣ ଚାଷୀ ଫସଲହାନି ଓ ଋଣସୁଝିବା ଚିନ୍ତାରେ ଆତ୍ମହତ୍ୟା କରିଛନ୍ତି। ଚାଷୀଙ୍କ ଦୁଃଖ ଦୁର୍ଦ୍ଦଶା ବିନୋଚନ ପାଇଁ ଆଜି ଭାରତୀୟ ଜନତା ପାର୍ଟି କୃଷକମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କୁ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟପାଳ ରଘୁବର ଦାସଙ୍କୁ ଭେଟି ୬ଦଫା ସମ୍ବଳିତ ଦାବି ପତ୍ର ଦେଇଛନ୍ତି। ପ୍ରଧାନମନ୍ତ୍ରୀ କିଶାନ ସମ୍ମାନ ନିଧି ଯୋଜନାରେ ରାଜ୍ୟ ସରକାର ଓଡିଶାର ଚାଷୀଙ୍କ ନାମ କେନ୍ଦ୍ରକୁ ଦେଇନଥିବା କାରଣରୁ ୩୦ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ଏଥିରୁ ବଂଚିତ ହୋଇଛନ୍ତି। ବିଜେଡି ସରକାର ଚାଷ ଜମିକୁ ଜଳସେଚିତ କରିବାରେ ବିଫଳ ହୋଇଛି। ଅନାବୃଷ୍ଟି ଯୋଗୁଁ ମରୁଡି ଭଳି ବିପତିର ସମ୍ମୁଖୀନ ହେଉଛନ୍ତି ଓଡ଼ିଶାର ଚାଷୀ। ସେହିପରି ରାଜ୍ୟ ସରକାରଙ୍କ ଅବହେଳା କାରଣରୁ ଅଧିକାଂଶ ଜିଲ୍ଲାରେ ହାତୀ, ବାର୍‌ହା ଓ ପଶୁପକ୍ଷୀଙ୍କ ଦ୍ୱାରା ଫସଲ ଓ ଲୋକଙ୍କ ଜୀବନ ଯାଉଛି। ରାଜ୍ୟ ସରକାର ଚାଷୀଙ୍କ ପ୍ରତି ଅବହେଳା ନକରି ମାଗଣାରେ ବିହନ, ସାର ଓ କୀଟନାଶକ ଯୋଗାଇବା ସହ ମରୁଡି ହୋଇଥିବା ଜିଲ୍ଲାରେ ତଦନ୍ତ କରି କ୍ଷତିପୂରଣ ଦିଅନ୍ତୁ ବୋଲି ଶ୍ରୀ ସାହୁ ଦାବି କରିଛନ୍ତି। ସେହିପରି ରାଜ୍ୟ ସରକାର ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା ଓ ଦୁର୍ନୀତି କରି ଚାଷୀଙ୍କୁ ଶୋଷଣ କରୁଛନ୍ତି। ଧାନ କୁଇଂଟାଲ ପିଛା ୫ ରୁ ୧୦କିଗ୍ରା କଟନିଛଟନି କରାଯାଉଛି। ରାଜ୍ୟ ସରକାର ତୁରନ୍ତ ଧାନ ଦୁର୍ନୀତି ବନ୍ଦ କରି ଧାନମଣ୍ଡିକୁ ମିଲରଙ୍କ ଦାଦାଗିରିକୁ ମୁକ୍ତ କରାଯାଉ, ଧାନମଣ୍ଡି ସବୁଦିନ ଖୋଲାଯାଉ ଓ ରାଜ୍ୟରେ ଧାନ କାରବାରରେ ବିଗତ ଦିନରେ ହୋଇଥିବା ଦୁର୍ନୀତିର ସିବିଆଇ ତଦନ୍ତ କରାଯାଉ ବୋଲି ଶ୍ରୀ ସାହୁ ଦାବି କରିଛନ୍ତି। ରାଜ୍ୟ ସରକାର ଓଡ଼ିଶାରେ ଥିବା କୃଷି ଭିତିକ ଶିଳ୍ପ ଯଥା-ଚିନିକଳ, ସୂତାକଳ ଓ ଝୋଟକଳ ଖୋଲନ୍ତୁ ଓ ଖାଦ୍ୟପ୍ରକ୍ରିୟା କରଣ ଶିଳ୍ପ ପ୍ରତିଷ୍ଠା କରନ୍ତୁ। ରାଜ୍ୟ ସରକାରଙ୍କ ସବୁ ବ୍ଲକରେ ଶୀତଳ ଭଣ୍ଡାର ପ୍ରତିଶ୍ରୁତି କୁଆଡେ ଗଲା? ନବୀନ ବାବୁ ଶାସନକୁ ଆସିବା ସମୟରେ ୧୧୨ଟି ଶୀଳତ ଭଣ୍ଡାର କାର୍ଯ୍ୟ କରୁଥିଲା ମାତ୍ର ୮ଟି କାର୍ଯ୍ୟକ୍ଷମ ଅଛି। ବନ୍ଦ ପଡିଥିବା ଶୀତଳଭଣ୍ଡାରକୁ ରାଜ୍ୟ ସରକାର ତୁରନ୍ତ ଖୋଲିବା ସହ ନୂଆ ପ୍ରତିଷ୍ଠା କରନ୍ତୁ। ରାଜ୍ୟର ବିଭିନ୍ନ ଜିଲ୍ଲାରେ ମରୁଡି ହୋଇ ଧାନଫସଲ କ୍ଷତି ହୋଇଥିଲେ ମଧ ଚାଷୀ ଫସଲବୀମା ଟଙ୍କା ପାଇନାହାନ୍ତି। ଶାସକ ଦଳର ମନ୍ତ୍ରୀ,ନେତା, ବିଧାୟକମାନେ କମ୍ପାନୀ ସହ ମିଶି ଅନୈତିକ ଉପାୟରେ ବୀମାରାଶି ହଡପର ଅଭିଯୋଗ ଆସିଛି। ଓଡ଼ିଶାର ଚାଷୀମାନଙ୍କୁ ତୁରନ୍ତ ଫସଲହାନୀ ବିମା ଟଙ୍କା ପ୍ରଦାନ କରନ୍ତୁ ରାଜ୍ୟ ସରକାର ବୋଲି ଶ୍ରୀ ସାହୁ କହିଛନ୍ତି।


## ଉଠା ଜଳସେଚନ କାର୍ଯ୍ୟାଳୟ ଆଗରେ ଅବସରପ୍ରାପ୍ତ ଇପିଏଫ୍ କର୍ମଚାରୀଙ୍କ ଧାରଣା

କେନ୍ଦ୍ରାପଡ଼ା, ୧୭/୧୧ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଇପିଏଫ୍ ଆସୋସିଏସନ୍ ସଂଘ ତରଫରୁ ୪ ଦଫା ଦାବି ନେଇ ଜିଲ୍ଲା ଉଠା ଜଳସେଚନ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିବା ଜଣାପଡିଛି । ଜିଲ୍ଲା ସଭାପତି ବସନ୍ତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଧାରଣାରେ ସଂଘ ତରଫରୁ ସର୍ବନିମ୍ନ ମାସିକ ପେନଶନ ୯ ହଜାର ଟଙ୍କା ସହ ମହଙ୍ଗା ଭତା ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ବର୍ଦ୍ଧିତ ପେନଶନ, ସମସ୍ତ ଇପିଏଫ୍ ପେନଶନ ଭୋଗୀ ବରିଷ୍ଠ ନାଗରିକମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେବା, ଆୟୁଷ୍ମାନ ଯୋଜନାରେ ସାମିଲ କରି ମାଗଣା ଚିକିତ୍ସା ଯୋଗାଇବା ଆଦି ଦାବି ନେଇ ବିକ୍ଷୋଭ ସହ ଧାରଣା ଦିଆଯାଇଥିଲା । ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଧନେଶ୍ୱର ରାଉତ, ସହଦେବ ସିଂହ, ନିରଞ୍ଜନ ପଲାଇ, କାହ୍ନୁଚରଣ ଦାସ, ଧୃବଚରଣ ସାହୁ, ରଘୁନାଥ ପଣ୍ଡା, ଶିବ ପ୍ରସାଦ ସାହୁ, କିଶୋର ପରିଡା, ଶୁକଦେବ ସାମଲ, ନାରାୟଣ ବେହେରା, ରମେଶ ଚନ୍ଦ୍ର ପଣ୍ଡା, ଗୋକୁଳି ସେଠୀ, ଲିଳି ଦାସ ପ୍ରମୁଖ ଧାରଣାରେ ବସିଥିଲେ।

## ବଲାଙ୍ଗୀର ମାଲପଡ଼ା ନାଗରିକ କମିଟିର ବିଭିନ୍ନ ସମସ୍ୟା

ବଲାଙ୍ଗୀର, ୧୭/୧୧ (ନି.ପ୍ର): ମାଲପଡା ନାଗରିକ କମିଟିର ମାସକିଆ ବୈଠକ ସଭାପତି ଯୁଧିଷ୍ଠିର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରମୁଖ ବିଷୟରେ ଆଲୋଚନାମାନ ହୋଇଥିଲା। ମାଲପଡା ପ୍ରାଥମିକ ସ୍କୁଲର ଗୃହମାନ ଭାଙ୍ଗି ଗଲାଣି, ମରାମତି ହେଉନାହିଁ କିମ୍ବା ପିଲାଙ୍କ ପାଠ ପଢାରେ ଭିଷଣ ଅସୁବିଧା ହେଉଛି । ଏହି ବାବଦରେ ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ ଓ ପତ୍ରାଲାପ କରିଥିଲେ ମଧ୍ୟ ସ୍କୁଲ ମରାମତି କିମ୍ବା ନୂତନ କରି ନିର୍ମାଣ କରାଯାଉନାହିଁ। ଏଣୁ ଶିକ୍ଷା ଅଧିକାରୀ ଶିଘ୍ର ଏହା ଉପରେ କାର୍ଯ୍ୟନୁଷ୍ଠାନ କରିବା ପାଇଁ ଅନୁରୋଧ। ମାଲପଡାର ନାଳ, ନର୍ଦ୍ଦମା ଠିକ୍ ଭାବେ ସଫା ସୁତରା ହେଉ ନ ଥିବାରୁ ମଶା, ମାଛି ର ପ୍ରାଦ୍ୟୁଭାବ ବହୁ ପରିମାଣ ରେ ବଢି ଚାଲିଛି। ଏଣୁ ପକ୍କା ନାଳ ତିଆରି କରାଯାଉ ଓ ଏହାର ଯତ୍ନ ନିଆଯାଉ ।

# ଆଟିଚ୍ୟୁଡ୍ ଜରୁରୀ



ଯଦି ଆପଣଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଅଭିଜ୍ଞ ତଥା ଦକ୍ଷ ହୋଇଥିଲେ ବି ଅଫିସରେ ଅନ୍ୟମାନଙ୍କ ସହ ଆପଣଙ୍କ ସମ୍ପର୍କ ଭଲ ରହୁନାହିଁ। ଏହାର କାରଣ ହୁଏତ ଆପଣ ଆଟିଚ୍ୟୁଡ୍ ହୋଇପାରେ। ଯେଉଁଥିପାଇଁ ଟିମ୍‌ରେ କାମ କରିବାରେ ସମସ୍ୟା ହେଉଛି। କାମ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିପାରେ। ତଥାପି କ୍ୟାରିଅରକୁ ସଫଳତାର ଶିଖରରେ ପହଞ୍ଚାଇବାକୁ ଆବଶ୍ୟକ ଆଟିଚ୍ୟୁଡ୍। କିନ୍ତୁ ସର୍ବଦା ନଇଁପଡ଼େ, ସେହିଭଳି ଜ୍ଞାନୀ ଲୋକମାନେ ମଧ୍ୟ ନମ୍ର ବ୍ୟବହାର ପ୍ରଦର୍ଶନ କରିଥାନ୍ତି। ସଫଳତାର ସିଡ଼ି ଚଢୁଥିବା କର୍ମଚାରୀ ସର୍ବଦା ବିନମ୍ର ଭାବେ କଥା କହିଥାନ୍ତି। ଫଳରେ ଅନ୍ୟମାନଙ୍କ ଆଗରେ ତାଙ୍କର ସମ୍ମାନ ଦ୍ୱିଗୁଣିତ ହୋଇଥାଏ। ମାତ୍ର ସାମାନ୍ୟ ଜ୍ଞାନଥିବା କର୍ମଚାରୀଟିଏ ବେଳେବେଳେ ଅହଙ୍କାରକୁ ଆଧାରକରି ଛୋଟ ଛୋଟକଥାକୁ ନେଇ ବଡ଼ ଘଟଣା ଘଟାଇଥାନ୍ତି। ଏପରି କରିବା କରିଥାନ୍ତି। ହୁଏତ ଏଭଳି ବ୍ୟବହାର ସେମାନଙ୍କ ପାଇଁ ବିଶେଷତ୍ୱ ପ୍ରମାଣିତ ହୋଇ କାର୍ଯ୍ୟ କ୍ଷେତ୍ରରେ ସଫଳତା ଦେଇପାରେ ବୋଲି ଆଟିଚ୍ୟୁଡ୍ ବଳରେ ସାମାନ୍ୟତମ ସଫଳତା ହୁଏତ ସମ୍ଭବ ହୋଇପାରିବ, ମାତ୍ର ଏଥିଷର ପରିବର୍ତ୍ତନ ନଆଣିଲେ ବହୁ ଦୂର ଯିବା କଷ୍ଟକର ହୋଇଥାଏ। ସଫଳତା ପାଇଁ କେବଳ ଆଟିଚ୍ୟୁଟ୍ ନୁହେଁ, ଦକ୍ଷତା ବଢ଼ାଇବା ଦରକାର।

**ଦୂରତା ବଢ଼ାନ୍ତୁନି:** କିଛି ଲୋକ କର୍ମକ୍ଷେତ୍ରରେ ନିଜକୁ ଅନ୍ୟମାନଙ୍କ ଠାରୁ ଶ୍ରେଷ୍ଠ ବୋଲି ଭାବିବସନ୍ତି। ଅତ୍ୟଧିକ ଆତ୍ମବିଶ୍ୱାସ ଯୋଗୁସେମାନେ ଅନ୍ୟମାନଙ୍କ ସହ ଦୁର୍ବ୍ୟବହାର କରିବାକୁ ଭୁଲନ୍ତି ନାହିଁ। ଏମିତିକି ସହକର୍ମୀମାନଙ୍କ ପ୍ରତି ଅହଂକାର ମନୋଭାବ ପ୍ରଦର୍ଶନ କରିଥାନ୍ତି। ଫଳରେ ଏମିତି ସମୟ ଆସିଥାଏ ଯେ, ଆଟିଚ୍ୟୁଡ୍ ଯୋଗୁ ଅନ୍ୟ ସହକର୍ମୀମାନେ ଆପଣଙ୍କ ଠାରୁ ଦୂରେଇବା ଆରମ୍ଭ କରନ୍ତି। ଦକ୍ଷ କର୍ମଚାରୀଟିଏ ଅଫିସରେ କାର୍ଯ୍ୟ କରୁଥିବା ସମୟରେ ସହକର୍ମୀଙ୍କ ଠାରୁ ଦୂରତା ବଢ଼ାଇ ନଥାଏ, ବରଂ ନିକଟତର ହୋଇଥାଏ।


**ହସଖୁସିର ମାହୋଲ:** ଘର ହେଉ ଅବା ଅଫିସ ହସଖୁସିର ବାତାବରଣକୁ ସମସ୍ତେ ପସନ୍ଦ କରିଥାନ୍ତି। ସମସ୍ତେ ମିଳିମିଶି କାମ କରିବା ଦ୍ୱାରା କେବେ କେବେ କଠିନ କାମ ବି ସହଜରେ ହୋଇଯାଏ। ଅଫିସରେ ହସଖୁସିରେ



ମାତ୍ରାଧିକ ଆଟିଚ୍ୟୁଡ୍ କ୍ୟାରିଅର ପାଇଁ ବିପଦଜନକ ହୋଇପାରେ।

**ଅହଙ୍କାର ଛାଡ଼ନ୍ତୁ:**

କଥାରେ ଅଛି, ନମ୍ରତା ଫଳନ୍ତି ବୃକ୍ଷାଃ, ନମ୍ରନ୍ତି ଗୁଣୀନ ଜନାଃ। ଅର୍ଥାତ୍ ଫଳନ୍ତି ବୃକ୍ଷ ଦ୍ୱାରା ସେମାନେ କେବଳ ସମୟ ହିଁ ନଷ୍ଟ କରିଥାନ୍ତି। ସବୁବେଳେ ଆଟିଚ୍ୟୁଟ୍ ଦେଖାଇ ହେବାର କୌଣସି ଅର୍ଥ ନାହିଁ। ଏହାକୁ ବୁଝି ଅହଙ୍କାରକୁ ଛାଡ଼ିବା ହିଁ ଉଚିତ୍ ହେବ।



**ପରିପକ୍ୱତାର ଅଭାବ:** ପରିପକ୍ୱତା ଆସି ନଥିବା କର୍ମଚାରୀ ମାନେ ଛୋଟଛୋଟ କଥାକୁ ଆଧରର କରି ବଡ଼ବଡ଼ ଅଘଟଣ ଘଟାଇଥାନ୍ତି। କାରଣ ସେମାନଙ୍କ ଭିତରେ ନିଜର ଜ୍ଞାନ ଓ କ୍ଷମତାକୁ ନେଇ ଭୟ ସୃଷ୍ଟି ହୋଇଥାଏ। ତେଣୁ ନିଜର ଦୁର୍ବଳତାକୁ ଘୋଡ଼ାଇବା ପାଇଁ ଏଭଳି ପରିସ୍ଥିତି ସୃଷ୍ଟି ମାହୋଲ ଭିତରେ ଟିମ ସଦସ୍ୟମାନେ କାମ କରିବା ଦ୍ୱାରା ଅନେକ ସମୟରେ ବହୁ କଷ୍ଟକାମ ବି ସହଜସାଧ୍ୟ ମନେହେଇଥାଏ। ଏହାଦ୍ୱାରା କାମ ସହ ସମ୍ପର୍କ ବି ଦୃଢ଼ଖ ଓ ମଜଭୁତ ହୋଇଥାଏ।

**ନିଜକୁ ପରିବର୍ତ୍ତନ କରନ୍ତୁ:** ଆଟିଚ୍ୟୁଡ୍ ରହିବା ଭଲ, ମାତ୍ର ଏହା ଅନ୍ୟମାନଙ୍କ ପାଇଁ ସମସ୍ୟା ନହେବା ଆବଶ୍ୟକ। ତେଣୁ ଘରେ ହେଉ ଅବା ବାହାରେ ସବୁଠାରେ ସମସ୍ତଙ୍କୁ ବଦଳାଇବା ସମ୍ଭବ ହୋଇ ନଥାଏ। ତେଣୁ ଅନ୍ୟର ଚିନ୍ତାରେ ପରିବର୍ତନ ଆଣିବାକୁ ଚେଷ୍ଟା କରିବା ଅପେକ୍ଷା ନିଜକୁ ବଦଳାଇବା ଉଚିତ୍। ଅନ୍ୟ ଭିତରେ ପରିବର୍ତ୍ତନ ଆଣିବା ଆମ ହାତରେ ନଥାଏ, ମାତ୍ର ନିଜ ଭିତରେ ପରିବର୍ତ୍ତନ ଆଣିବା ସହଜ।

# ଉପକାରୀ ଧନିଆ



ଘରେ ଘରେ ପରିଚିତ ଧନିଆ କେବଳ ମସଲା ରୂପେ ବ୍ୟବହାର ହୋଇ ନଥାଏ, ଏହା ଖାଦ୍ୟକୁ ଭିନ୍ନ ସ୍ୱାଦ ମଧ୍ୟ ଦେଇଥାଏ। ତେବେ ଧନିଆରେ ବହୁ ଔଷଧୀୟ ଗୁଣ ମଧ୍ୟ ରହିଛି। ହର୍ବାଲ ବିଜ୍ଞାନୀ ଏହାକୁ ମଣିଷର ସ୍ୱାସ୍ଥ୍ୟ ସମସ୍ୟା ଦୂର କରିବାରେ ବ୍ୟବହାର କରିଥାନ୍ତି।

- ଧନିଆରେ ଅଧିକ କ୍ୟାଲସିୟମ ରହିଥିବାରୁ ଖାଦ୍ୟ ରୂପେ ଏହାକୁ ଅଧିକରୁ ଅଧିକ ବ୍ୟବହାର କଲେ ଆଣ୍ଠୁଗଣ୍ଠି ଜନିତ ସମସ୍ୟା ଓ ହାଡ଼ଜନିତ ସମସ୍ୟା ଦୂର ହୋଇଥାଏ।



- ମୁଖରୁ ଦୁର୍ଗନ୍ଧ ବାହାରୁଥିଲେ ଧନିଆ ପତ୍ର ରସକୁ ନିୟମିତ ଭାବେ କୁଳିକଲେ ତାହା ବନ୍ଦ ହୋଇଯାଏ।
- ସେହିପରି ଦାନ୍ତମୂଳରୁ ରକ୍ତ ବାହାରୁଥିଲେ ଓ ଏହା ଦୁର୍ବଳ ହେଉଥିଲେ ଧନିଆ ପତ୍ର ବାଟି ନିୟମିତ ଦାନ୍ତରେ ବ୍ୟବହାର କରନ୍ତୁ। ଏପରି କିଛି ଦିନ କଲେ ଦାନ୍ତମୂଳ ମଜଭୂତ ହେବା ସହ ରକ୍ତ ବାହାରିବା ମଧ୍ୟ ବନ୍ଦ ହୋଇଯାଏ।
- ଶିଶୁର କାଶ ଓ ଶ୍ୱାସ ରୋଗ ହୋଇଥିଲେ ଚାଉଳଧୁଆ ପାଣିରେ ୧ ଗ୍ରାମ୍ ଧନିଆକୁ ବାଟି ସେଥିରେ ଚିନି ମିଶାଇ ପାନ କରାଇଲେ କାଶ ଓ ଶ୍ୱାସ ଭଲ ହୋଇଥାଏ।

# ଏମିତି ଚୟନ କରନ୍ତୁ ବିଶ୍ୱବିଦ୍ୟାଳୟ

**ଉଚ୍ଚଶିକ୍ଷାପାଇଁ ବିଦେଶ ଯିବେ ନା ନିଜ ଦେଶରେ ପଢ଼ିବେ ? କେଉଁ ବିଶ୍ୱବିଦ୍ୟାଳୟ କେମିତି ବାଛିବେ ? ଉଚ୍ଚଶିକ୍ଷା ପାଇଁ ଆଗ୍ରହୀ ଛାତ୍ରଛାତ୍ରୀଙ୍କ ମନରେ ଉଙ୍କିମାରେ ଏମିତି ଅନେକ ପ୍ରଶ୍ନ। ବିଶ୍ୱବିଦ୍ୟାଳୟ ଚୟନ ବେଳେ କ୍ୟାରିଅର ମୋଟିଭେଟରଙ୍କ ସାହାଯ୍ୟ ନିଅନ୍ତୁ।**



**ପାଠପଢ଼ାର ମାନ:** ଉଚ୍ଚଶିକ୍ଷା ପାଇଁ ବିଶ୍ୱବିଦ୍ୟାଳୟରେ ଆଡ଼ମିଶନ ନେବାକୁ ଚାହାଁନ୍ତି। ତେଣୁ ପ୍ରତି ବିଶ୍ୱବିଦ୍ୟାଳୟ ସମ୍ପର୍କରେ ଟିକିନିଖି ବିବରଣୀ ସଂଗ୍ରହ କରନ୍ତୁ। କେଉଁଠାରେ ପାଠ ପଢ଼ା ଭଲ ହୁଏ ସେଗୁଡ଼ିକର ଅଲଗା ତାଲିକା ତିଆରି କରନ୍ତୁ। ସେଠାରେ ପଢୁଥିବା ଛାତ୍ରଛାତ୍ରୀଙ୍କ ଠାରୁ ମଧ୍ୟ ପରାମର୍ଶ ନେଇପାରନ୍ତି। ନିଜକୁ ଯେଉଁଟା ସବୁଠୁ ଭଲ ବୋଲି ମନେ ହେବ ସେହି କଲେଜ, ୟୁନିଭର୍ସିଟିରେ ଆବେଦନ କରନ୍ତୁ।

**କେଉଁ ପାଠ୍ୟକ୍ରମ :** ଦେଶ ହେଉ ବା ବିଦେଶ ଅଧିକାଂଶ ବିଶ୍ୱବିଦ୍ୟାଳୟରେ ନିର୍ଦ୍ଦିଷ୍ଟ କେତେକ ପାଠ୍ୟକ୍ରମ ତୁଳନାତ୍ମକ ଭାବେ ଖୁବ୍ ଭଲ ହୋଇତାଏ। ଯେମିତି କେଉଁଠାରେ ସାହିତ୍ୟ ଭଲ ତ ଆଉ କେଉଁଠି ବିଜ୍ଞାନ ଖୁବ ଭଲ ପଢ଼ା



ହୋଇଥାଏ। ତେଣୁ ଆପଣ କେଉଁ ବିଷୟ ନେଇ ଉଚ୍ଚଶିକ୍ଷା କରିବେ ତାହା ପ୍ରଥମେ ସ୍ଥିର



କରନ୍ତୁ। ସେହି ଅନୁସାରେ ବିଶ୍ୱବିଦ୍ୟାଳୟ ବାଛନ୍ତୁ।

**ଯାତାୟତ:** ଯଦି ବିଦେଶରେ ପଢ଼ିବାକୁ ଚାହାନ୍ତି ତେବେ ହଷ୍ଟେଲରେ ବିଶ୍ୱବିଦ୍ୟାଳୟର ଦୂରତ୍ୱ ଯେମିତି ଅତ୍ୟଧିକ ନହୁଏ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ଏହାବ୍ୟତୀତ ବିମାନବନ୍ଦର, ରେଲୱେ ଷ୍ଟେସନ ଠାରୁ ଶିକ୍ଷାନୁଷ୍ଠାନର ଦୂରତାକୁ ଧ୍ୟାନ ଦିଅନ୍ତୁ। ଅନ୍ୟ ସହରକୁ ଉଚ୍ଚଶିକ୍ଷା ପାଇଁ ଯାଉଥିଲେ ମଧ୍ୟ ଏହି ସମାନ ନିୟମ ମାନିବାକୁ ଚେଷ୍ଟା କରନ୍ତୁ।

**ଫ୍ୟାକଲ୍ଟି:** ବିଶ୍ୱବିଦ୍ୟାଳୟ ଯେତେ ନାମୀଦାମୀ ହୋଇଥିଲେ ମଧ୍ୟ ନିଜ ପାଠ୍ୟକ୍ରମର ଫ୍ୟାକଲ୍ଟି କିପରି ସେ ବିଷୟରେ ପ୍ରଥମରୁ ବୁଝିବାକୁ ଚେଷ୍ଟା କରନ୍ତୁ।ପ୍ରତିଟି ବିଶ୍ୱବିଦ୍ୟାଳୟର ୱେବସାଇଟ ସବୁ ଡିପାର୍ଟମେଣ୍ଟର ଫ୍ୟାକଲ୍ଟିମାନଙ୍କର ନାଁ ଉଲ୍ଲେଖ ଥାଏ। ସେହି ନାଁକୁ ଆଧାର କରି ଗୁଗୁଲ ସର୍ଚ୍ଚ କରି ସେମାନଙ୍କ ବିଷୟରେ ଅଧିକ ତଥ୍ୟ ଜାଣିପାରିବେନ।

**ଖର୍ଚ୍ଚ:** ଉଚ୍ଚଶିକ୍ଷା ପାଇଁ ନିଜର ସାମର୍ଥ୍ୟ କେତେ ତାହା ମଧ୍ୟ ଖିଆଲ ଶଖିବା ଦରକାର। କେବଳ ବିଦେଶରେ ବା ଗ୍ଲାମରସ ବିଶ୍ୱବିଦ୍ୟାଳୟରେ ଭଲ ପଢ଼ାହୁଏ ସେକଥା ନୁହେଁ। ତେଣୁ ନାଁ ଲେଖାଇବା ପୂର୍ବରୁ ଖର୍ଚ୍ଚ କେତେ ପଡ଼ିବ ସେକଥା ମଧ୍ୟ ପ୍ରଥମରୁ ବୁଝିନିଅନ୍ତୁ। ହିସାବ କରି ଦେଖନ୍ତୁ କେତେ ପରିମାଣରେ ଖର୍ଚ୍ଚ ଆପଣ କରିପାରିବେ।ସେହି ଅନୁସାରେ ଶିକ୍ଷାନୁଷ୍ଠାନ ବାଛନ୍ତୁ। ସ୍କଲାରଶିପ ପାଇଁ ଚେଷ୍ଟା କରନ୍ତୁ।



# ମଦ ପ୍ରତି ସାବଧାନ



ସମଗ୍ର ଦେଶରେ ମଦବିରୋଧୀ ଆନ୍ଦୋଳନ ଜାରି ରହିଛି। ଏ ପରିପ୍ରେକ୍ଷୀରେ ଛତିଶଗଡ଼ର ଭିଲାଇ ସହରର ଅବକାରୀ ବିଭାଗ ଏ ନେଇ ଅଭିଯାନ ଆରମ୍ଭ କରିଛି। ଯେଉଁଥିରେ ମଦ ଦୋକାନର ପାଖାପାଖି କିମ୍ବା କୌଣସି ଖୁଲା ସ୍ଥାନରେ ମଦ ନପିଇବା ପାଇଁ କଟକଣା ଜାରି କରାଯାଇଛି। ମଦ ପିଉଥିବା ଲୋକଙ୍କ ସହ ଯିଏ ମଦ ବୋତଲ ନେଇକି ଯାଉଛି ତାକୁ ମଧ୍ୟ ଛଡ଼ା ଯାଉନାହିଁ। ମୋବାଇଲ ଓ ପରିଚୟ ପତ୍ରକୁ ଜବତ କରାଯାଉଛି ଏବଂ ପରଦିନ ଜୋରିମାନା ଦେବା ପରେ ମୋବାଇଲ ଓ ପରିଚୟ ପତ୍ର ଫେରାଯାଉଛି। ଗତ କିଛିଦିନ ହେବ ଭିଲାଇ-୩, ଚରୋଦା, କୁହ୍ମାରୀ, ଜାମୁଲ, ଚରୋଦା ଆଦି ସ୍ଥାନରେ ଲୋକମାନେ ଅସନ୍ତୋଷ ଜାହିର କରିବାରୁ ଅବକାରୀ ବିଭାଗ ଏଭଳି ଏକ ନିଷ୍ପତ୍ତି ନେଇଛି। କେବଳ ଦିନରେ ନୁହେଁ ରାତିରେ ମଧ୍ୟ ମଦ ଦୋକାନ ବନ୍ଦ କରିବାର ଅଭିଯାନ ଚଳାଇଛନ୍ତି। ଫଳରେ ଏଠାକାର ବାସିନ୍ଦା ଆଶ୍ୱସ୍ତ ହୋଇଛନ୍ତି।





# ଡଗି ଡ୍ୟାନ୍ସ

ବିଶେଷ ମୁହୂର୍ତ୍ତ ଗୁଡ଼ିକରେ ସଙ୍ଗୀତ ମୂର୍ଚ୍ଛନାରେ କେବଳ ମନୁଷ୍ୟ ଯେ ନୃତ୍ୟ କରିପାରେ ତାହା କହିବା ଭୁଲ୍। ବେଳେବେଳେ ପାଳିତ ପଶୁପକ୍ଷୀମାନେ ଏପରି ଅଙ୍ଗଭଙ୍ଗୀ ପ୍ରଦର୍ଶନ କରନ୍ତି ଯାହା ଦେଖିଲେ ଯେକେହି ଚକିତ ହୋଇଯିବ। ଏହିପରି ଏକ ସୁନ୍ଦର ଦୃଶ୍ୟ ଦେଖିବାକୁ ମିଳିଛି ସୁଇଜରଲାଣ୍ଡରେ। ଏଠାକାର ଏକ ଉନ୍ନତ ପ୍ରଜାତିର କୁକୁର ସୁନ୍ଦର ଲୋମବିନ୍ୟାସରେ ସଜ୍ଜିତ ହୋଇ ନିଜ କୁନି ମାଲିକାଣୀ କେଟି ବ୍ରାଇଡ଼ଙ୍କ ସହ ତାଳମିଳାଇ ବିଭିନ୍ନ ନୃତ୍ୟ ମୁଦ୍ରାରେ ମଜିଯାଇଛି। ଶୁଭ ସକାଳର ଏଇ ସୁନ୍ଦର ମୁହୂର୍ତ୍ତକୁ କ୍ୟାମେରା ଲେନ୍ସରେ କ,ଦ୍ କରିଛନ୍ତି ଯୁବ ଫଟୋଗ୍ରାଫର ୱିଲିୟମ କ୍ରୋ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୮ ନଭେମ୍ବର ୨୦୨୩, ଶନିବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ମୁଦ୍ରାସ୍ଫୀତି...

ଅକ୍ଟୋବର ମାସର ଖୁଚୁରା ଏବଂ ପାଇକାରୀ ମୁଦ୍ରାଷ୍ଫୀତି ସଂଖ୍ୟାଗୁଡ଼ିକ ଦେଶର ଆର୍ଥିକ ନୀତି ସହିତ ଜଡ଼ିତ ଅନୁଷ୍ଠାନମାନଙ୍କୁ କେତେକାଂଶରେ ଆଶ୍ୱସ୍ତି ଆଣିଦେବା ଭଳି ହୋଇଛି । ଏହି ମାସରେ ଦେଶର ଖାଉଟି ମୂଲ୍ୟ ମୁଦ୍ରାଙ୍ଗୀତି ଏହାର ପୂର୍ବ ଚାରି ମାସଠାରୁ ନିମ୍ନକୁ ଖସି ୪.୮୭ ପ୍ରତିଶତ ହୋଇଥିବା ବେଳେ ପାଇକାରୀ ମୂଲ୍ୟ ବର୍ଷ ପରେ ବର୍ଷ ଆଧାରରେ ଲଗାତର ସପ୍ତମ ମାସ ପାଇଁ ମାତ୍ର ୦.୫ ପ୍ରତିଶତ ହ୍ରାସ ପାଇଛି । ପାଇକାରୀ ମୂଲ୍ୟ ସୂଚକାଙ୍କ (ଡବ୍ଲ୍ୟୁପିଆଇ) ଦ୍ୱାରା ଯେପରି ପାଇକାରୀ ମୂଲ୍ୟ ମାପ କରାଯାଇଥାଏ, ତାହା ସେଥିପାଇଁ ଅନୁକୂଳ ହେଉଥିବା କିଛି ମାତ୍ରାରେ ମୂଳ ପ୍ରଭାବଠାରୁ ଦୂରେଇ ଯାଇଥିଲେ ସୁଦ୍ଧା ସଂକୁଚନ କ୍ଷେତ୍ର ମଧ୍ୟରେ ରହିଥିଲା । ପଶ୍ଚିମ ଏସିଆରେ ଚାଲିଥିବା ଦ୍ୱନ୍ଦ୍ୱ ଯୋଗୁଁ ଯେ ପର୍ଯ୍ୟନ୍ତ ଅଶୋଧୀତ ତୈଳ ଦରରେ କିଛି ବଡ଼ ଆଘାତ ଲାଗିବା ଭଳି ପରିବର୍ତ୍ତନ ଘଟିନାହିଁ - ଯେଉଁ ଅସୁବିଧାଜନକ ପରିସ୍ଥିତି ବର୍ତ୍ତମାନ ସମୟରେ ସାମାନ୍ୟ ଭଳି ମନେ ହେଉଛି- ସେ ପର୍ଯ୍ୟନ୍ତ ବିଭିନ୍ନ ସାମଗ୍ରୀଗୁଡ଼ିକର ଦରର ପରିବେଶ ଆଶ୍ୱାସନାମୂଳକ ହେବା ବଜାୟ ରହିବ । ଏହି ମାସର ଖୁଚୁରା ମୁଦ୍ରାଙ୍ଗୀତି ଯଦିଓ ଠିକ୍ ଜୁନ୍ ମାସ ଭଳି ହୋଇଛି ଏବଂ ସେପ୍ଟେମ୍ବର ମାସର ମୂଲ୍ୟ ବୃଦ୍ଧି ଗତି ୫ ପ୍ରତିଶତଠାରୁ ସାମାନ୍ୟ କମ୍, ତଥାପି ଏହା ଜୁଲାଇ ମାସର ଅତ୍ୟଧିକ ଦର ବୃଦ୍ଧିର ଗତି ୭.୪ ପ୍ରତିଶତଠାରୁ ଅବଶ୍ୟ ଯଥେଷ୍ଟ ସୁହାଇବା ଭଳି । ତେବେ ଗ୍ରାମାଞ୍ଚଳରେ ବାସ କରୁଥିବା ଖାଉଟିମାନେ ଏବେ ସୁଦ୍ଧା ୫.୧ ପ୍ରତିଶତର ମୁଦ୍ରାଷ୍ଫୀତିକୁ ସାମ୍ନା କରୁଛନ୍ତି । କେନ୍ଦ୍ରୀୟ ମୁଦ୍ରାଷ୍ଫୀତି, ଯାହା ଶକ୍ତି ଏବଂ ଖାଦ୍ୟ ସାମଗ୍ରୀଗୁଡ଼ିକର ଦରକୁ ବାଦ୍ ଦେଇଥାଏ, ତାହା ପୂର୍ବାପେକ୍ଷା କମିଛି ଏବଂ ଘରୋଇ ସେବା କ୍ଷେତ୍ରର ମୁଦ୍ରାଙ୍ଗୀତି ଉପର ବଣ୍ଟିତ ଅନେକଗୁଡ଼ିଏ ମାସ ଅପେକ୍ଷା ୪ ପ୍ରତିଶତ ତଳକୁ ଖସିଛି । ସେହିପରି ଜୁଲାଇ ମାସରେ ପନିପରିବାର ଦର, ଯାହା ୩୭ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଥିଲା, ତାହା ଅକ୍ଟୋବର ମାସରେ ୨.୭ ପ୍ରତିଶତ ହ୍ରାସ ପାଇଛି । ପରନ୍ତୁ, ସାମଗ୍ରିକ ଭାବରେ ଦେଖୁଲେ ପରିବାରଗୁଡ଼ିକ ପାଇଁ ଖାଦ୍ୟର ମୂଲ୍ୟ ଏବେ ମଧ ୬.୬ ପ୍ରତିଶତରେ ଅଟଳ ରହିଛି। ଖାଉଟି ମୂଲ୍ୟ ସୂଚକାଙ୍କ (ସିପିଆଇ) ଦ୍ୱାରା ମାପ କରାଯାଉଥିବା ଖୁଚୁରା ମୂଲ୍ୟଗୁଡ଼ିକ ୪.୯ ପ୍ରତିଶତ ହାରରେ ବୃଦ୍ଧି ପାଇଥିଲା । ସୂଚନାଯୋଗ୍ୟ ଯେ ଏହା ହେଉଛି ଦେଶର ମୁଦ୍ରାଷ୍ଫୀତି ଲକ୍ଷ୍ୟର ଡାଞ୍ଚାକୁ ମାପ କରିବା ନିମନ୍ତେ ମାନଦଣ୍ଡ । ତେବେ ଉପରୋକ୍ତ ହାରରେ ବୃଦ୍ଧି ପାଇଁ ପନିପରିବାର ଦରରେ ଉଲ୍ଲେଖନୀୟ ଭାବରେ ହ୍ରାସ ଘଟିବାକୁ ଶ୍ରେୟ ଦିଆଯାଇପାରେ । ଜୁଲାଇ ମାସରେ ଏହି ସଂଖ୍ୟାରେ ରହିଥିବା ୭.୪ ପ୍ରତିଶତ ସ୍ଥିତିକୁ ଖସାଇବା ନିମନ୍ତେ ଆର୍ଥିକ ନୀତି କମିଟି କ୍ୱଚିତ୍ର ସେପରି କିଛି ଉଦ୍ୟମ କରିଥିବା ବେଳେ ଏହା ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ଆର୍ଥିକ ନୀତି କମିଟି (ଏମ୍ପି) ଉପରେ ରହିଥିବା ଚାପକୁ ଉଲ୍ଲେଖନୀୟ ଭାବରେ କମାଇବାରେ ସାହାଯ୍ୟ କରିବ- ମୁଦ୍ରାଷ୍ଫୀତିକୁ ଚପାଇବା ନିମନ୍ତେ ଏହାର ବାହାଦୂରୀକୁ ବଖାଣିବା ପାଇଁ ଯେ କୌଣସି ବଡ଼ ଧରଣର ପଦକ୍ଷେପ ନେବାକୁ । ଏକଥା ନିଶ୍ଚିତ ଯେ ଏମ୍‌ସି ଏହାର ୪ ପ୍ରତିଶତର ସର୍ବାଧିକ ମୁଦ୍ରାଷ୍ଫୀତି ସୀମାରେଖାକୁ ହାସଲ କରିବା ନିମନ୍ତେ ତା'ର କାର୍ଯ୍ୟ କରିବାକୁ ବଜାୟ ରଖିବ । କିନ୍ତୁ ଯାହା ଗୁରୁତ୍ୱ ରଖେ, ତାହା ହେଉଛି- ଆକ୍ରମଣାତ୍ମକ ମନ୍ତବ୍ୟ ପ୍ରଦାନ କରିବା ଅଭିବୃଦ୍ଧି ପ୍ରତି ଆଘାତ ପହଞ୍ଚାଇ ନଥାଏ, ସୁଧହାର କିନ୍ତୁ କରିଥାଏ । ସଠିକ୍ ଭାବରେ ତାହା କଦାଚିତ୍ କୁହାଯାଇ ପାରିବ । ଖାଦ୍ୟଶସ୍ୟ, ଡାଲିଜାତୀୟ ପଦାର୍ଥ, କ୍ଷୀର ଏବଂ ବର୍ତ୍ତମାନ ସମୟରେ ଚିନିର ମୂଲ୍ୟ ହୁ ହୁ ହୋଇ ବଢ଼ି ଚାଲିଛି, ଯାହା ସ୍ୱଚ୍ଛନ୍ଦରେ ଜୀବନ ବିତାଇବାକୁ ଦେବାଠାରୁ ବେଶ୍ ଦୂରରେ । ତେଣୁ ନଭେମ୍ବର ଏବଂ ଡିସେମ୍ବର ମାସ ମୁଦ୍ରାଷ୍ଫୀତି କ୍ଷେତ୍ରରେ ଆରବିଆଇର ସର୍ବାଧିକ ସହନ ସୀମାଠାରୁ ଅଧିକ ହାରାହାରି ୫.୯୫ ପ୍ରତିଶତର ମୁଦ୍ରାଷ୍ଫୀତିକୁ ପରିଲକ୍ଷିତ କରିବାର ସମ୍ଭାବନା ରହିଛି । ଖାଇବା ତେଲଗୁଡ଼ିକୁ ବାଦ୍ ଦେଲେ, ଯାହାର ମୂଲ୍ୟରେ ବର୍ଷ ପରେ ବର୍ଷ ଦରରେ ୧୩.୭ ପ୍ରତିଶତର ହ୍ରାସ ଘଟିଛି, ତାହା ସିପିଆଇକୁ ଆଶ୍ୱାସନାମୂଳକ କରିବା କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଗତ ବର୍ଷ ରୁଷିଆ- ୟୁକ୍ରେନ୍ ଯୁଦ୍ଧ ଆରମ୍ଭ ହେବା ସମୟରେ ଖାଇବା ତେଲର ମୂଲ୍ୟ ଉପରେ ଯେଉଁ ମୂଳ ପ୍ରଭାବ ପଡ଼ିଥିଲା, ତାହା ଆଗାମୀ ମାସଗୁଡ଼ିକରେ ଧୀରେ ଧୀରେ କମିବାକୁ ଲାଗିବ । ସେହିଭଳି ୨୦୨୨ ଅକ୍ଟୋବରରେ ୬.୮ ପ୍ରତିଶତର ମୁଦ୍ରାଷ୍ଫୀତି ରେକର୍ଡ କରାଯାଇଥିବା ବେଳେ ଗତ ମାସରେ ମୂଲ୍ୟ ବୃଦ୍ଧି ସହନୀୟ ସ୍ତରକୁ ଆସିଛି, ଯାହା ଚଳିତ ମାସରେ ଆହୁରି କିଛି କମିବାର ଆଶା ରହିଛି । ତେବେ ଶୀତ ଋତୁଜନିତ ଫସଲଗୁଡ଼ିକର ଅମଳକୁ ନେଇ ମଧ ଆଗାମୀ ସମୟର ଅବସ୍ଥା ସମ୍ପର୍କରେ କିଛି ଭଲ ଆଶା କରାଯାଇ ପାରିବ । କିନ୍ତୁ ଏଲ୍ ନିନୋ ଅବସ୍ଥା ଯଦି ଏଥିପ୍ରତି ହାନିକାରକ ହୁଏ ଏବଂ ଏହା ସହିତ କାକତାଳୀୟ ନୀତିରେ ଋତୁକାଳୀନ ପନିପରିବାର ଦରବୃଦ୍ଧି ତାଳ ଦେଇ ଚାଲେ, ତା'ହେଲେ ପରିସ୍ଥିତି ସୁଧୁରିବାର ସମ୍ଭାବନା କ୍ଷୀଣ ହେବ । ଆଉ ଯଦି ଏ ବାବଦରେ ସବୁକିଛି ପ୍ରକୃତରେ ଖରାପ ଆଡ଼କୁ ଗତି କରେ, ତେବେ ଅର୍ଥନୀତିକୁ ଖାଦ୍ୟ ଅର୍ଥନୀତିର ସରକାରଙ୍କ ଯୋଗାଣ-ପକ୍ଷ ପରିଚାଳନା କାରଣରୁ ଗ୍ରାମାଞ୍ଚଳ ଚାହିଦା ଅବସ୍ୱୀତିର କଷ୍ଟ ଭୋଗିବାକୁ ପଡ଼ିବ । ପରିବାରଗୁଡ଼ିକ ଯେଉଁମାନେ ବର୍ତ୍ତମାନ ସୁଦ୍ଧା ସେମାନଙ୍କର ଅନାବଶ୍ୟକ ଖର୍ଚ୍ଚଗୁଡ଼ିକୁ କାଟ୍ କରି ଏବଂ ଔଦ୍ୟୋଗିକ ଉତ୍ପାଦନ ଧାରାର ତଥ୍ୟ ଅନୁସାରେ କେବଳ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକ କ୍ରୟ କରି ଜୀବନ ବଞ୍ଚିବାର ମୂଲ୍ୟରେ ସାମ୍ପ୍ରତିକ ସମୟରେ ଦେଖା ଦେଇଥିବା ନିରନ୍ତର ବୃଦ୍ଧି ସହିତ ଖାପ ଖୁଆଇ ଚାଲିଛନ୍ତି, ସେମାନେ ନିକଟ ଭବିଷ୍ୟତରେ ସେମାନଙ୍କର ଖର୍ଚ୍ଚକୁ ବୃଦ୍ଧି କରିବା ଅପେକ୍ଷା ଆହୁରି ସାବଧାନ ହେବେ । ଆଉ ନୀତି ନିର୍ମାତାମାନେ ଚାହିଦା ବୃଦ୍ଧି ପାଇଁ ପଦକ୍ଷେପ ନେବାର ଅପରିହାର୍ଯ୍ୟତା ରହିଛି, କାରଣ ଖାଉଟିମାନେ ହିଁ ଅର୍ଥନୀତିକ ଅଭିବୃଦ୍ଧି ପାଇଁ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ।



## ବିଶ୍ୱ ଜନଗୋଷ୍ଠୀ ଦିବସ

### ଡ଼ଃ. ଅରୁନ୍ଧତୀ ଦେବୀ

ଆଜି ବିଶ୍ୱ ଜନଗୋଷ୍ଠୀ ଦିବସ । ଏହି ଦିବସର ତାତ୍ପର୍ଯ୍ୟ ଭିତରେ ମନେପଡ଼ୁଛି ଉପନିଷଦର ସେହି ପବିତ୍ର ବାଣୀ 'ଶୁଣନ୍ତୁ ସର୍ବେ ଅମୃତସ୍ୟ ପୁତ୍ରାଃ'। ସଚରାଚର ବିଶ୍ୱ ବ୍ରହ୍ମାଣ୍ଡର ଆମେ ସମସ୍ତେ ହେଉଛି ଗୋଟିଏ ମାତାର ସନ୍ତାନ । ପୃଥିବୀ ରୂପକ ଛାତତଳେ ଆମ୍ଭେ ସମସ୍ତେ ଗୋଟିଏ ପରିବାରର ସଦସ୍ୟ । ସଂପ୍ରତି ସମଗ୍ର ବିଶ୍ୱରେ ଦେଖାଦେଇଥିବା ପ୍ରଗତି ଓ ଦୁର୍ଗତୀର ଦୁଇଟି ଚିତ୍ରକୁ ନିରିଖେଇ ଦେଖିଲେ ପ୍ରଗତି ତୁଳନାରେ ଦୁର୍ଗତୀର ଛାପ ଅଧିକ। ସୂଚନା ପ୍ରଯୁକ୍ତିର ସାହାରାରେ ମଣିଷ ଆଜି ଚନ୍ଦ୍ରପୃଷ୍ଠରେ ପାଦ ଥାପିଛି। ମୁହୂର୍ତ୍ତକ ମାତ୍ରେ ଯାହା ଚାହୁଁଛି ସେହି ଅସାଧକୁ ସାଧନ କରିପାରୁଛି । କିନ୍ତୁ ପରିପାର୍ଶ୍ୱିକ ଓ ପରିବେଶଗତ ସନ୍ଧିକ୍ଷଣକୁ ନେଇ ମଣିଷ ସମାଜ ଆଜି ନିଶ୍ଚିତ ଭାବରେ ଚିନ୍ତିତ ଓ ଉଦ୍‌ବିଗ୍ନ । ସମଗ୍ର ବିଶ୍ୱରେ ବଡ଼ଭାଇ ପଣିଆ ଦେଖାଇବା ପାଇଁ ଆମେରିକା ଠାରୁ ଚୀନ ସମସ୍ତେ ବ୍ୟସ୍ତ ଥିବାବେଳେ ଶାନ୍ତି ଓ ଭାଇଚାରାର ଚିନ୍ତନକୁ ନେଇ ଭାରତ ସମଗ୍ର ବିଶ୍ୱ ସମୁଦାୟ ଦୃଷ୍ଟି ଆକର୍ଷଣ କରିବାରେ ସମର୍ଥ ହୋଇଛି । ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାବରେ ଭାରତ ଆଜି ସାରା ପୃଥିବୀରେ ନିଜର ସ୍ୱତନ୍ତ୍ରତା ରଖି ପାରିଛି । ଆଜି ବିଶ୍ୱ ଜନଗୋଷ୍ଠୀ ଦିବସ ଅବସରରେ ଏହି ପବିତ୍ର ଦିନରେ ସମଗ୍ର ବିଶ୍ୱରେ ଜନଗୋଷ୍ଠୀ ଆନ୍ଦୋଳନର ସୂତ୍ରପାତକୁ ସ୍ମରଣ କରୁଛି । ଭୟାବହ ଯୁଦ୍ଧକ୍ଷେତ୍ରରୁ ଫେରିବା ପରେ କେବଳ ଆମେରିକା ନୁହେଁ, ଚୀନ, ଋଷ, ଜାପାନ, ଜର୍ମାନ, ଇଂଲଣ୍ଡ ପରି ସର୍ବବୃହତ୍ ପରାକ୍ରମୀ ରାଷ୍ଟ୍ରମାନେ ଅନୁଭବ କରିଥିଲେ ଯେ ବାସ୍ତବିକ ଏହା ମାନବିକତାର ପରିପନ୍ଥୀ । ବଡ଼ଭାଇ ପଣିଆ ଦେଖାଇବା ପାଇଁ କୋଟି କୋଟି ଟଙ୍କାର ରାଷ୍ଟ୍ରୀୟ ସଂପତ୍ତି ଓ ମୂଲ୍ୟବାନ ସେନା ଯବାନଙ୍କ ସହିତ ସାଧାରଣ ଜୀବନର ନଷ୍ଟ କରିବାର ଅଧିକାର ବା କ୍ଷମତା ସେମାନଙ୍କର ନାହିଁ । ଯଥେଷ୍ଟ ବିଳମ୍ବ ହୋଇଥିଲେ ବି ସେମାନଙ୍କର ଅନୁଚିନ୍ତନ ପରବର୍ତ୍ତୀ ସମୟରେ ସମଗ୍ର ବିଶ୍ୱରେ ଶାନ୍ତିରେ ସହାବସ୍ଥାନ ସୃଷ୍ଟି କରିବାରେ ସମର୍ଥ ହୋଇଛି ।

ସମଗ୍ର ବିଶ୍ୱ ଆଜି ଦାରିଦ୍ର୍ୟ, ବେକାରୀ, ଅଶାନ୍ତି, ପ୍ରାକୃତିକ ବିପର୍ଯ୍ୟୟ ଓ ନାନା ପ୍ରକାର ଅଘଟଣକୁ ସାମ୍ନା କରୁଥିବାବେଳେ ଶାନ୍ତି ପାଇଁ କିଏ ଯେ ଚାହୁଁଛି ? ସମସ୍ତେ ଶାନ୍ତି ପାଇଁ ଚିତ୍କାର କରୁଥିଲେ ବି ଚିତ୍କାର କିନ୍ତୁ ସେମାନଙ୍କ ଭିତରେ ହିଁ ରହିଯାଉଛି । ତାଲିବାନ୍‌କୁ ଦମନ ପାଇଁ ଆଫଗାନିସ୍ଥାନରେ ଆମେରିକା ତାର ମିତ୍ର ଶକ୍ତିଙ୍କ ସାହାଯ୍ୟ ନେଇ ଯେଉଁ ଧ୍ୱଂସ ଲୀଳା ସୃଷ୍ଟି କରିଥିଲା ଏହାର ପରାଭବ ବହୁ ବିଳମ୍ବରେ ଖୋଦ ଆମେରିକାବାସୀ ଅନୁଭବ କରିଛନ୍ତି । ଦିନକୁ ଦିନ ଦ୍ରୁତ ଜନସଂଖ୍ୟା ବଢୁଥିବାବେଳେ ଏ ନେଇ ଯଥାଯଥ ଭିତ୍ତିଭୂମି ସୃଷ୍ଟି ହୋଇପାରିନାହିଁ । ଜନସଂଖ୍ୟା ଦୃଷ୍ଟିକୋଣରୁ ବେକାରୀ ସଂଖ୍ୟା ବୃଦ୍ଧି ପାଉଛି । ବେକାରୀ ସଂଖ୍ୟାଙ୍କ ବୃଦ୍ଧି ଅନେକ ସମୟରେ ହିଂସା ଓ ଅରାଜକତା ସୃଷ୍ଟି କରୁଛି । ପରମାଣୁ ଶକ୍ତିର ବିରୋଧ କରି ଲୁଚାଛପାରେ ଅନେକ ରାଷ୍ଟ୍ରର ଏହାର ପରୀକ୍ଷା ନିରୀକ୍ଷା ଚଲାଇଛନ୍ତି । କେବଳ ବଡ଼ ବଡ଼ ରାଷ୍ଟ୍ର ନୁହେଁ ଛୋଟ ରାଷ୍ଟ୍ରମାନେ ଏହାକୁ ହାତେଇବା ପାଇଁ ବେଶ୍ ତତ୍ପରତା ପ୍ରକାଶ କରୁଛନ୍ତି । ଇଆଡ଼େ ଦୁର୍ଭିକ୍ଷ, ଅନାହାରରେ ରାଷ୍ଟ୍ର ସଢୁଥିବାବେଳେ ଦାଦାଗିରି ଦେଖାଇବା ପାଇଁ ପରମାଣୁ ଶକ୍ତି ପାଇଁ ଦେଶର ରାଜକୋଷକୁ ଖାଲି କରିଦେବା କେଉଁ ନ୍ୟାୟରେ ଯାଏ ? ଭାରତ ପାଇଁ ସବୁଠି ସବୁକ୍ଷେତ୍ରରେ ବିଷମ ପରିସ୍ଥିତି ସୃଷ୍ଟି ହେଉଛି । ମିତ୍ରରାଷ୍ଟ୍ର ଋଷ ଦୂରରେ ରହିଯାଇଥିବାବେଳେ ଦୁଇପଟେ ଚାଇନା ଓ ପାକିସ୍ଥାନ ଭାରତ ପାଇଁ ସମସ୍ୟା ସୃଷ୍ଟି କରୁଛନ୍ତି । ସୀମା ନାମରେ ଚାଇନା ଭାରତ ଉପରେ ଲୋଲୁପଦୃଷ୍ଟି ପକାଇଥିବାବେଳ ଶକ୍ତିହୀନ ପାକିସ୍ଥାନର ଶ୍ୱେନଦୃଷ୍ଟି ମଧ କିଛି କମ୍ ନୁହେଁ । ନିଜର ସାମାନ୍ୟ ସ୍ୱାର୍ଥ କମିଗଲେ ପଲଟି ପଡୁଥିବା ଶ୍ରୀଲଙ୍କା ଭାରତର ଦୀର୍ଘସ୍ଥାୟୀ ମିତ୍ରରାଷ୍ଟ୍ରର ମର୍ଯ୍ୟଦା ପାଇପାରିନାହିଁ । ଯଦିଓ ବାଙ୍ଗାଲାଦେଶ ନେପାଳ ଭାରତକୁ ସମ୍ମାନ କରିବା ସହ ବଡ଼ଭାଇର ମର୍ଯ୍ୟାଦା ଦେଇଛନ୍ତି ତେବେ ସମଗ୍ର ବିଶ୍ୱର ଦାଦାଗିରିରେ ସେମାନଙ୍କର ଭୂମିକା ସବୁବେଳେ ନୀରବ । ଭାରତର ରାଜନୈତିକ ଓ କୂଟନୈତିକ ଦୃଷ୍ଟିକୋଣକୁ ଦେଖିଲେ ଭାରତ ସର୍ବଦା ଶାନ୍ତି ସହବସ୍ଥାନ ହିଁ ଚାହେଁ । ଅନେକ ସାଧୁସନ୍ଥ, ଧର୍ମଗୁରୁ ଓ ଭଗବାନ ଏହି ରାଷ୍ଟ୍ରରେ ବିରାଜିତ ହୋଇଥିବାରୁ ଭାରତର ଆଧ୍ୟାତ୍ମିକ ଶକ୍ତି ନିଶ୍ଚିତ ଭାବରେ ଅତୁଳନୀୟ । ସମଗ୍ର ବିଶ୍ୱସମୁଦାୟ ବି ଦେଖିଛି ପାକିସ୍ଥାନ ମୁମ୍ବାଇରେ ଭୟଙ୍କର ଧ୍ୱଂସଲୀଳା ଘଟାଇଥିଲେ ବି ଭାରତ କିନ୍ତୁ ଆଇନର ଗଣ୍ଡିରେ କସାବକୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଜୀବିତ ରଖିଛି । ସମଗ୍ର ବିଶ୍ୱ ସମୁଦାୟ ଭାରତର ଶାନ୍ତିର ସହାବସ୍ଥାନ ଓ ନିରପେକ୍ଷତା ଗୁଣ ପାଇଁ ସମ୍ମାନ କରନ୍ତି। ସମଗ୍ର ବିଶ୍ୱରେ ବିଭିନ୍ନ ରାଷ୍ଟ୍ର ନିର୍ଦ୍ଧିଷ୍ଟ ଗୋଷ୍ଠୀ ଭିତରେ ବାନ୍ଧି ହୋଇଥିବାବେଳେ ଭାରତ କିନ୍ତୁ ନିରପେକ୍ଷ ଭାବରେ ନିଜର ମତ ଉପସ୍ଥାପନ କରି ସର୍ବଦା ଶାନ୍ତିର ବାର୍ତ୍ତାବହ ଭାବେ କାର୍ଯ୍ୟ କରିଛି । ସମଗ୍ର ବିଶ୍ୱର ଯେକୌଣସି ରାଷ୍ଟ୍ରରେ ପ୍ରାକୃତିକ ବିପର୍ଯ୍ୟୟ ଘଟିଛି ଭାରତର ଶାନ୍ତିସେନା ଆବଶ୍ୟକୀୟ ସାହାଯ୍ୟ ସହଯୋଗ ସହ ପହଞ୍ଚି ନିଜର ଦାୟିତ୍ୱ ନିର୍ବାହ କରିଛି । ବିଶ୍ୱ ଜନଗୋଷ୍ଠୀ ଦିବସ ଅବସରରେ ଜନଗୋଷ୍ଠୀ ଆନ୍ଦୋଳନର ପ୍ରାସଙ୍ଗିକତା ଓ ଦାୟିତ୍ୱବୋଧକୁ ଭାରତୀୟଙ୍କୁ ସଚେତନ କରିବାର ଦିବସଟି ହେଉଛି ଆଜି । ବ୍ୟକ୍ତିଗତ ସ୍ୱାର୍ଥକୁ ପଛରେ ପକାଇ ଜାତୀୟ ଓ ରାଷ୍ଟ୍ରୀୟ ସ୍ୱାର୍ଥ ତଥା ସମାଜର ଆଧ୍ୟାତ୍ମିକ ଓ ସାମାଜିକ ବିକାଶରେ ନିଜର ଦାୟିତ୍ୱ ନିର୍ବାହ ପାଇଁ ପ୍ରତିଟି ଭାରତୀୟ ଶପଥ ନେବାର ଦିବ୍ୟ ମୁହୂର୍ତ୍ତ ହେଉଛି ଆଜିର ଦିବସ ।


ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ




## କ୍ରାନ୍ତିବୀର ଲାଲା ଲଜପତ ରାୟ

### ମୀରା ବେଉରା

ଭାରତ ବର୍ଷର ଇତିହାସରେ ସ୍ୱାଧୀନତା ସଂଗ୍ରାମରେ ଯେଉଁ ଦେଶପ୍ରେମୀମାନେ ସେମାନଙ୍କର ତ୍ୟାଗ, ତିତିକ୍ଷା, ଯେଉଁମାନେ ସ୍ୱାର୍ଥହୀନ ଭାବେ ଆଜୀବନ ସଂଗ୍ରାମ କରି ଦେଶ ମାତୃକାପାଇଁ ଶହିଦ ହୋଇ ଯାଇଛନ୍ତି ସେମାନଙ୍କ ମଧ୍ୟରେ ପଞ୍ଜାବ କେଶରୀ ଲାଲା ଲଜପତ୍ ରାୟ ଥିଲେ ଅନ୍ୟତମ ସାରଥୀ। ସେ ଏକାଧାରରେ ଥିଲେ ଜଣେ ଦେଶପ୍ରେମୀ, ଶିକ୍ଷାବିତ୍, ବିଚାରକ, ଲେଖକ, ସୁବକ୍ତା ସର୍ବୋପରି ଭାରତର ସଂସ୍କୃତ ସାହିତ୍ୟ ଓ ମୂଲ୍ୟବୋଧର ପୁନଃଉଦ୍ଧାର ପାଇଁ ଜଣେ ବଳିଷ୍ଠ ଯୋଦ୍ଧା। ସେଇଥିପାଇଁ ତ ମହମ୍ମଦ ଅଲ୍ଲୀ ଜିନ୍ନା ୧୯୨୦ ମସିହାରେ ଲାଲା ଲଜପତ୍ ରାୟଙ୍କ ଉପରେ ମନ୍ତବ୍ୟ ଦେଇ କହିଥିଲେ ସେ ଭାରତମାତାଙ୍କ ପୁତ୍ରମାନଙ୍କ ମଧ୍ୟରେ ଅନନ୍ୟ ରତ୍ନପୁତ୍ର। ପଞ୍ଜାବର ଫିରୋଜ ପୁର ଜିଲ୍ଲାର ଦୌଡ଼ିକେ ଗ୍ରାମରେ ୧୮୬୫ ମସିହା ଜାନୁଆରୀ ୨୮ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତା ମୁନସୀ ରାଧା କିଶନ୍ ଥିଲେ ଜଣେ ସାଧାରଣ ସ୍କୁଲ ଶିକ୍ଷକ। ମାତାଙ୍କ ନାମ ଥିଲା ଗୋଲୋକ ଦେବୀ।

ପିଲାଦିନୁ ତୁଳସୀ ଦୁଇ ପତ୍ରରୁ ବାସିଲା ପରି ସେ ନିଜ ପିତା-ମାତାଙ୍କଠାରୁ ଦେଶପ୍ରେମ ଦିଗରେ ଅନୁରକ୍ତ ଥିଲେ। ତାଙ୍କର ଯେ କେବଳ ରାଷ୍ଟ୍ରଭକ୍ତି ଥିଲା ତାହା ନୁହେଁ, ସମଗ୍ର ଦେଶବାସୀଙ୍କୁ ମଧ ସେ ଖୁବ୍ ଭଲ ପାଉଥିଲେ। ବାଲ୍ୟକାଳରୁ ଛୁଆଁ ଛୁଇଁ ଭେଦଭାବ ବା ଜାତିବାଦ ଉପରେ ତାଙ୍କ ମନରେ ଘୃଣାଭାବରେ ବିଷ ରୋପଣ କରାଯାଇଥିଲା। ତେବେ ପରବର୍ତ୍ତୀ କାଳରେ ସେ ଗୋପାଳ କୃଷ୍ଣ ଗୋଖଲେ ଓ ମହାତ୍ମା ଗାନ୍ଧୀଙ୍କ ସଂସ୍ପର୍ଶରେ ଆସିବା ପରେ ତାଙ୍କ ମଧ୍ୟରେ ରହିଥିବା ଏହି କୁସଂସ୍କାର ସବୁଦିନ ପାଇଁ ଦୂର ହୋଇ ଯାଇଥିଲା। ପିତାମାତାଙ୍କର କଠୋର ଅନୁଶାସନ ମଧ୍ୟରେ ତାଙ୍କର ପିଲାଦିନ କଟିଥିଲା। ନିଜର ସମସ୍ତ ଧନସଂପତ୍ତିକୁ ସେ ଜାତି ଉଦ୍ଦେଶ୍ୟରେ ଦାନ କରିବାକୁ ଉଚିତ୍ ମନେ କରୁଥିଲେ। ଗାନ୍ଧିଜୀଙ୍କ ଭାଷଣରେ ସେ ନିଜେ ଏକ ଅନୁଷ୍ଠାନ ଥିଲେ। ତାଙ୍କର ଅନୁପସ୍ଥିତି ଭାରତର ଇତିହାସର କୌଣସି ଆନ୍ଦୋଳନ, କୌଣସି ଅନୁଷ୍ଠାନ, କୌଣସି ଶିକ୍ଷା ଯୋଜନା ବା ରଚନାତ୍ମକ କାର୍ଯ୍ୟକ୍ରମର ଚିନ୍ତା ହିଁ କରାଯାଇ ପାରୁନଥିଲା। ଇଟାଲିର ଦୁଇଜଣ ସ୍ୱାଧୀନତା ସଂଗ୍ରାମୀ ମାଜିନ ଓ ପାରିବାଲଡ଼ିଙ୍କ ଆତ୍ମଜୀବନୀ ପଢ଼ିବା ଦ୍ୱାରା ସେ ଖୁବ୍ ପ୍ରଭାବିତ ହୋଇଥିଲେ। କେବଳ ସେତିକି ନୁହେଁ, ଦୟାନନ୍ଦ ସରସ୍ୱତୀଙ୍କ ଆର୍ଯ୍ୟ ସମାଜ ଦ୍ୱାରା ମଧ ସେ ଖୁବ୍ ପ୍ରଭାବିତ ହୋଇଥିଲେ। ସେତେବେଳେ ସେ ଲାହୋର କଲେଜର ଛାତ୍ର ଥିଲେ। ସେ ଈଶ୍ୱରଙ୍କୁ ଏକ ଓ ଅଭିନ୍ନ ବୋଲି ମାନୁଥିଲେ। ଯେତେବେଳେ ଜାତିବାଦ, ଅସ୍ପୃଶ୍ୟତା ଓ ଅନ୍ଧବିଶ୍ୱାସ ଭାରତୀୟ ଜାତୀୟ ଜୀବନକୁ ସଂକୁଚିତ କରି ଦେଉଥିଲା, ଠିକ୍ ସେତିକିବେଳେ ଲାଲା ଲଜପତ୍ ରାୟ ଏହାର ତୀବ୍ର ବିରୋଧ କରୁଥିଲେ। ସେ ପ୍ରାଚୀନ ହିନ୍ଦୁ ସଂସ୍କୃତିର ଦୃଢ଼ ସମର୍ଥକ ଥିଲେ ଓ ହିନ୍ଦୁ ମୁସଲିମ୍ ଏକତାରେ ବିଶ୍ୱାସ ରଖୁଥିଲେ। ୧୯୧୨ ମସିହାରେ ସେ ହରିଜନମାନଙ୍କ ପାଇଁ ଏକ ଶିକ୍ଷାସଂସ୍ଥା ସ୍ଥାପନ କଲେ। ଏହାପରେ ସେ ଅନେକ ଅନୁଷ୍ଠାନ ଖୋଲି ଏହିସବୁ ଅନୁଷ୍ଠାନର ଅସ୍ତିତ୍ୱ ରଖିବାପାଇଁ ଏପିରି କି ନିଜର ଜମାପୁଂଜି ୪୦,୦୦୦/- ଟଙ୍କା ଦାନ କରି ଦେଇଥିଲେ। ଯଦିଓ ହୃଦୟରେ ସେ ଜଣେ ଶିକ୍ଷାବିତ୍ ଥିଲେ କିନ୍ତୁ ପେଶାରେ ଓକିଲାତିକୁ ନିଜର ବ୍ୟବସାୟ ରୂପେ ଗ୍ରହଣ କରିଥିଲେ। ଶିକ୍ଷା ହିଁ ଏକମାତ୍ର ଅସ୍ତ୍ର ଯାହା ଦ୍ୱାରା ଭାରତୀୟମାନଙ୍କର ପ୍ରକୃତ ବିକାଶ ହୋଇପାରିବ ଏହା ହିଁ ତାଙ୍କର ବିଶ୍ୱାସ ଥିଲା। ସେ କହୁଥିଲେ ସବୁ ପୁରାତନ ଜିନିଷ ଆଦର୍ଶମୟ କିମ୍ବା ଶ୍ରେଷ୍ଠ ନୁହେଁ। ଆମେ ଚାହିଁଲେ ଆମ ପୂର୍ବପୁରୁଷମାନଙ୍କର ପ୍ରତିବିମ୍ବ ନହୋଇ ତାଙ୍କଠାରୁ ଆହୁରି ଶ୍ରେଷ୍ଠ ହେବା ଉଚିତ୍। ସେ ଇଂରାଜୀ ଶିକ୍ଷା ସପକ୍ଷରେ ଥିଲେ।

ମହିଳାଙ୍କ ପ୍ରତି ତାଙ୍କର ଦୃଷ୍ଟିକୋଣ ଅତି ପ୍ରଗତିଶୀଳ ଥିଲା। ସେ ଚାହୁଁଥିଲେ ମହିଳାମାନେ ନିଜ କର୍ତ୍ତବ୍ୟ କରିବା ସହ ନିଜ ଅଧିକାର ପ୍ରତି ସଚେତନ ରୁହନ୍ତୁ। ଯଦିଓ ତାଙ୍କର ସ୍ୱାସ୍ଥ୍ୟ ଭଲ ରହୁନଥିଲା, ବାରମ୍ବାର ମେଲେରିଆ ଜ୍ୱର ହେଉଥିଲା; ତଥାପି ସେ ବିଶ୍ରାମ ନନେଇ ଦେଶବାସୀଙ୍କ ସେବାକାର୍ଯ୍ୟ ଜାରି ରଖୁଥିଲେ। ୧୮୯୬ ମସିହାରେ ଉତ୍ତରଭାରତରେ ଯେତେବେଳେ ଭୟଙ୍କର ଦୁର୍ଭିକ୍ଷ ପଡ଼ି ବଙ୍ଗ ଓ ମଧ ଭାରତକୁ ବ୍ୟାପୀ ଥିଲା, ସେତେବେଳେ ସେମାନଙ୍କୁ ସାହାଯ୍ୟ ଓ ସହଯୋଗର ହାତ ବଢ଼ାଇଥିଲେ ଲାଲା ଲଜପତ୍ ରାୟ। ଦୁର୍ଭିକ୍ଷ ପରେ ପରେ ପଞ୍ଜାବରେ ଏକ ଭୟାନକ ଭୂମିକଂପ ହେଲା ଯାହାଦ୍ୱାରା ଅନେକ ଲୋକ ପ୍ରାଣ ହରାଇଲେ। ସେହି ବିପଦ ସମୟରେ ଲାଲା ଲଜପତ୍ ରାୟ ଲୋକଙ୍କ ପାଖରେ ପହଞ୍ଚି ମାଟି ତଳୁ ଖୋଳି ଜୀବିତ ଲୋକଙ୍କୁ ଉଦ୍ଧାର କରି ପାରିଥିଲେ। ୧୯୨୧ ମସିହରେ ସେ ସ୍ଥାପନା କରିଥିଲେ, "ସରଭେଣ୍ଟ ଅଫ୍ ପିପୁଲ ସୋସାଇଟି"। ଲକ୍ଷ୍ୟଥିଲା ଦେଶସେବା, ଯାହା ଆଜି ମଧ ଜାରି ରଖିଛି। ସେ କଂଗ୍ରେସ ଦଳରେ ପ୍ରଥମେ ପ୍ରବେଶ କରିବା ପରେ ଏହି ଦଳର ଧ୍ୟାନ ଜନତାଙ୍କ ମୂଳ ସମସ୍ୟା, ଦାରିଦ୍ର୍ୟତା ଓ ନିରକ୍ଷରତା ଦିଗକୁ ଆକର୍ଷିତ କରିଥିଲା। ତାଙ୍କର ଅଭିଭାଷଣରେ ଥିଲା ଅଗ୍ନିବର୍ଷା ଜ୍ୱଳନ। ତାଙ୍କୁ ମିଳିଥିଲା ପଞ୍ଜାବକେଶରୀ ବା ଶେର-ଏ-ପଞ୍ଜାବ ଉପାଧି। ରଣଜିତ୍ ସିଂହଙ୍କ ପରେ ସେ ହିଁ ଥିଲେ ସବୁଠାରୁ ଶକ୍ତିଶାଳୀ ଓ ପ୍ରଭାବଶାଳୀ ବ୍ୟକ୍ତି। ଇଂରେଜମାନେ ତାଙ୍କୁ କ୍ରାନ୍ତିକାରୀ ନେତା ରୂପେ ମଧ ମାନିଥିଲେ। ମହାରାଣୀ ଭିକ୍ଟୋରିଆଙ୍କ ହୀରକ ଜୟନ୍ତୀ ଅବସରରେ ବ୍ରିଟିଶ ସରକାର ଯେତେବେଳେ ଏହି ରାଣୀଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ପ୍ରସ୍ତାବ ଦେଲେ, ଲାଲାଜୀ କିନ୍ତୁ ସେହି ଧନକୁ ଅନାଥ ଶିଶୁମାନଙ୍କ ମଧ୍ୟରେ ବାଣ୍ଟି ଦେବାକୁ ପରାମର୍ଶ ଦେଇଥିଲେ। ଯଦିଓ ସେ ମହାତ୍ମାଜୀଙ୍କୁ ସମ୍ମାନ ପ୍ରଦାନ କରୁଥିଲେ, ତଥାପି ତାଙ୍କ ମତ ସହ ସେ ସବୁବେଳେ ଏକମତ ନଥିଲେ।

ସେ ସ୍ଥାନ ସଂରକ୍ଷଣ, ସଂପ୍ରଦାୟୀ ନିର୍ବାଚନ ଓ ମୁସଲମାନମାନଙ୍କ ପକ୍ଷପାତର ବିରୋଧୀ ଥିଲେ। ସେ ଗୋପାଳକୃଷ୍ଣ ଗୋଖଲେଙ୍କୁ ମଧ ଖୁବ୍ ସମ୍ମାନ ଦେଉଥିଲେ। ମାତ୍ର ତାଙ୍କର ନରମ ନୀତିର ଖୁବ୍ ବିରୋଧୀ ଥିଲେ। ବ୍ରିଟିଶ ଶାସନକୁ ଖୋଲାଖୋଲି ସମାଲୋଚନା କରି ଜନତାଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବା ଦ୍ୱାରା ଯଦିଓ ସେ କେତେଥର ରାଜଦ୍ରୋହର ଶିକାର ହୋଇଥିଲେ। ୧୯୦୭ ମସିହାରେ ସେ ଗିରଫ୍ ହୋଇ ମାଣ୍ଡାଲେ ଜେଲକୁ ନିର୍ବାସିତ ହୋଇଥିଲେ। ଜେଲରେ ଥିବାବେଳେ ତାଙ୍କର ଅଧିକାଂଶ ସମୟ ଲେଖାପଢ଼ାରେ କଟୁଥିଲା। ଯେଉଁ ଲୋକ ଲାଲାଜୀଙ୍କ ପାଇଁ ପାଣି ଆଣୁଥିଲା, ମାଠିଆ ମୁହଁରେ ସେ ସମ୍ବାଦ ପତ୍ର ଲୁଚାଇ ଆଣି ଲାଲାଜୀଙ୍କୁ ଦେଉଥିଲା, ଯାହା ଦ୍ୱାରା ସେ ବହୁତ ଖବର ଜାଣି ପାରୁଥିଲେ। ସେ ବର୍ମା ଓ ସେଠାକାର ଲୋକ ସଂପର୍କରେ ପଢ଼ି ଉର୍ଦ୍ଦୁ ଭାଷାରେ "ଅଫ ସାନାୟେ ବର୍ମା" ନାମକ ଏକ ପୁସ୍ତକ ରଚନା କରିଥିଲେ। ପ୍ରତ୍ୟହ ଗୀତା, ଉପନିଷଦ, ଦର୍ଶନ ପୁସ୍ତକ ପାଠ କରିବା ସହ ଈଶ୍ୱରଙ୍କୁ ମଧ ପ୍ରାର୍ଥନା କରିବାକୁ ଆଦୌ ଭୁଲୁ ନଥିଲେ। ୧୯୧୪ ମସିହାରେ ସେ କଂଗ୍ରେସ ତରଫରୁ ଇଂଲଣ୍ଡ ଯାଇଥିଲେ। ପରେ ଜାପାନ ଯାଇ ଅନେକ ସମ୍ମାନ ପ୍ରାପ୍ତ କରିଥିଲେ। ୧୯୧୫ ମସିହାରେ ସେ "ହୋମରୁଲ ଲିଗ୍ ଅଫ୍ ଆମେରିକା"ର ସ୍ଥାପନ କରିଥିଲେ। ୧୯୧୭ରେ ସେ ୟଙ୍ଗ୍ ଇଣ୍ଡିଆ ନାମକ ଏକ ମାସିକ ପତ୍ରିକା ପ୍ରକାଶିତ କଲେ। ଭାରତର ରାଜନୈତିକ ସ୍ଥିତି ଉପରେ ସେ ଅନେକ ଲେଖା ଲେଖିଥିଲେ। ୧୯୨୬ ମସିହାରେ ଲାଲାଜୀ ଆନ୍ତର୍ଜାତିକ ଶ୍ରମିକ ସମ୍ମିଳନୀରେ ଯୋଗ ଦେବାପାଇଁ ୟୁରୋପ ଗଲେ। ୧୯୨୭ରେ ୮ ନଭେମ୍ବର ବ୍ରିଟିଶ ପ୍ରଧାନ ମନ୍ତ୍ରୀ ଭାରତର ଭବିଷ୍ୟତରେ ସମ୍ବିଧାନ ଉପରେ ଏକ ରିପୋର୍ଟ ଦେବାପାଇଁ ସାର୍ ସାଇମନଙ୍କ ନେତୃତ୍ୱରେ ଏକ ଦଳକୁ ଭାରତ ପଠାଇଲେ।

ଏଥିରେ କୌଣସି ଭାରତୀୟ ନଥିବାରୁ ଭାରତୀୟ ରାଜନୈତିକ ଦଳ ଓ ନେତାଜୀ କ୍ଷୁବ୍ଧ ହୋଇ ଏହି କମିଶନକୁ ବହିଷ୍କାର କରିବାକୁ ନିଷ୍ପତ୍ତି ନେଇଥିଲେ। ୩ ଫେବୃଆରୀ ୧୯୨୮ ସାଇମନଙ୍କ ନେତୃତ୍ୱରେ କମିଶନର ସଦସ୍ୟଗଣ ବମ୍ବେରେ ପହଞ୍ଚିଲେ। ଫଳରେ ସହରମାନଙ୍କରେ ହରତାଳ ହେଲା। "ସାଇମନ ଫେରିଯାଅ" ବୋଲି ଧ୍ୱନି ଦିଆଗଲା। ଲାହୋରଠାରେ ଯେତେବେଳେ ସେମାନେ ପହଞ୍ଚି ଥିଲେ, ଏହାର ପ୍ରତିବାଦର ନେତୃତ୍ୱ ନେଇଥିଲେ ଲାଲାଜୀ। ସେତେବେଳେ ଶୋଭାଯାତ୍ରା ଉପରେ ପୋଲିସ ଲାଠି ଚାର୍ଜ କରିଥିଲା। ଲାଲାଜୀଙ୍କ ଉପରେ ପୋଲିସ ଲାଠି ମାଡ଼ ଦେଲା। ତଥାପି ସେ ହାରି ଯାଇନଥିଲେ। ପୋଲିସର ଆକ୍ରମଣ ସମାପ୍ତ ପରେ ସେ ନିର୍ଭୀକତାର ସହ ଶୋଭାଯାତ୍ରାର ନେତୃତ୍ୱ ନେଲେ।

ସନ୍ଧ୍ୟା ସମୟରେ ଏକ ବିରାଟ ସମାବେଶରେ ପଞ୍ଜାବ କେଶରୀ ଗର୍ଜ୍ଜନ କରି କହିଲେ, "ସେମାନଙ୍କ ଦ୍ୱାରା ଆମ ଉପରେ ହୋଇଥିବା ପ୍ରତ୍ୟେକଟି ପ୍ରହାର ତାଙ୍କ ସାମ୍ରାଜ୍ୟର କଫିନ ଉପରେ ଗୋଟିଏ ଗୋଟିଏ କଣ୍ଟା ସଦୃଶ।"

ଲାଲାଜୀ 'ଏ ହିଷ୍ଟ୍ରି ଅଫ୍ ଇଣ୍ଡିଆ' ମହାରାଜା ଅଶୋକ ଇତ୍ୟାଦି କେତେକ ପୁସ୍ତକ ଓ ପଞ୍ଜାବୀ , ୟଙ୍ଗ ଇଣ୍ଡିଆ ଓ ବନ୍ଦେ ମାତରମ୍ ପରି କେତେକ ପତ୍ରିକାର ପ୍ରତିଷ୍ଠା ଓ ସଂପାଦନା କରିଥିଲେ। ସେ ସମୟର ପତ୍ରିକା ଗୁଡ଼ିକରେ ଅତି ନିର୍ଭିକ ଭାବେ ଲେଖୁଥିଲେ। ୧୮୭୭ ମସିହାରେ ମସିହାରେ ରାଧାଦେବୀଙ୍କୁ ବିବାହ କରିଥିଲେ। ୧୭ ନଭେମ୍ବର ୧୯୨୯ ମସିହାରେ ଲାଲାଜୀ ଦେହତ୍ୟାଗ କରି ସହୀଦ ହୋଇଥିଲେ। ମାତ୍ର ତାଙ୍କ ଜୀବନୀ ଦୃଢ଼ ଇଚ୍ଛାଶକ୍ତି, ଅଦମ୍ୟ ସାହସ, ପ୍ରଚଣ୍ଡ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ତାଙ୍କୁ ଅମର କରି ରଖିବ, ଏଥିରେ ସନ୍ଦେହ ନାହିଁ।


ଦେଉଳ ସାହି, କଟକ-୭୫୩୦୦୮
ମୋ: ୯୮୫୩୩୫୦୩୮୪


## କବିତା କୋଣାର୍କ



### ଗାଁ ନଈ

#### କୀର୍ତ୍ତନ ସାହୁ

ଆମ ଗାଁ ନଈ
ଆମ ଘର ବାଡି ତଳେ
ମନ ମୋହି ହୃଦୟକୁ ଛୁଇଁ
ଧାଉଁଛି ଯେ ଧାଉଁଛି
ତା ସୁନ୍ଦର ରୂପ ନେଇ
ଖାଲି ଯାହା ଆମ ଆଡେ
ଟିକେ ଟିକେ ଚାହିଁ ଚାହିଁ

ସେ ମୋର ଆଉ
ତୋର ବି ପ୍ରିୟ
ଅତି ପ୍ରିୟ ପିଲା କାଳୁ
ସାଥୀ ହେବା ଖେଳିବା
ଗାଧୋଇବା ପଢ଼ିବା
ସବୁତ ଏକାଠି
ଅଭିମାନରେ ଅପଡ ପକାଇବା
ପୁଣି ମିଶିବା
ହସିବା କାନ୍ଦିବା
ଝଗଡ କରିବା ଭୁଲିଯିବା

ସେ ଆମକୁ
ନିବିଡ ଭାବେ ଦେଖିଛି
ଦେଖିଛି ଆମ ଜୀବନର
ଉଠାଣି ଖସାଣି
ମାଦକ ଭରା ସୁନେଲୀ ସ୍ୱପ୍ନ
ମିଳନର ମଧୁ ବନ
ଆମ ବିରହର ମରୁଭୂମି
କରୁଣ ରାଗିଣୀ
ସିଏ ବି ଦେଖିଛି
ଆମେ ବାହୁ ଥିବା
ବାସ୍ତବ ଜୀବନ ନୌକା

ସିଏ କହି ପାରିବ
ଅବିଚ୍ଛିନ୍ନ ଥିବା
ଆମ ଆକର୍ଷଣ
ପରସ୍ପରକୁ ଭଲ ପାଇ
ପରସ୍ପରର ଶୁଭ
ମନାସୁ ଥିବା ରେଖାର
ନିରବଚ୍ଛିନ୍ନତା

ସେ ସେଇମିତି ଦେଖୁଥିବ
ଏ ଜୀବନ ଚିତ୍ର ଅଙ୍କାର
ଶେଷ ସ୍ୱର୍ଶ ଯାଏ
ସେଇଥି ପାଇଁ ତ
ସେ ଆମର ଅତି ପ୍ରିୟ
ଅତି ଆପଣାର
ଆମ ଗାଁ ନଈ ।
ଅଞ୍ଚଅ


ମିଶ୍ର କଲୋନୀ
ଶାଳ ପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧


### ଅପ୍ରିୟ ସତ୍ୟ

#### ସୁଦିପ୍ତ ପାଣି

ପ୍ରତିଟି କଥାରେ ଗାଲୁ ଯେ ମାରଇ
ଗଲୁଆ ନାମେ ସେ କୁଖ୍ୟାତି ଅର୍ଜଇ।
ଅନ୍ୟର ବାରତା ନ ଶୁଣେ ସେ
କେବେ
ଗାଲୁ ମାରି କରି କଥା ଟାଳି ଦିଏ।

ପଣ୍ଡିତ ଭାବିଣ ଗରବ ସେ କରେ
କିଛି ବି ନ ଜାଣି ଗାଲୁ ମାରିପାରେ।
ଗଳି ପଶିକରି କଥା ସେ ଶୁଣଇ
ମିଥ୍ୟା ପ୍ରଲୋଭନ ସଭିଙ୍କୁ ଦିଅଇ।

ମିଥ୍ୟା ପରେ ମିଥ୍ୟା କହି ଚାଲୁଥାଏ
ବାସ୍ତବ ଜୀବନେ ସତ୍ୟ ଭୁଲିଯାଏ।
ସଭିଙ୍କର ହୁଏ ଅପ୍ରିୟ ପୁରୁଷ
ଅସତ୍ୟ ବୋଲିଣ ଉଡ଼ାଏ ହରଷ।

ଗର୍ବ ଅହଙ୍କାର ରହିଲେ ମନରେ
ପରିଚିତ ହୁଏ ଗାଲୁଆ ପଦରେ।
ଗାଲୁଆ ଗୁଣ କରିଲେ ପ୍ରତ୍ୟାଖ୍ୟାନ
ସଭିଙ୍କଠୁ ତୁମେ ପାଇବ ସମ୍ମାନ।


ଝାଜିଆ, ବଡ଼ମ୍ବା, କଟକ


### ବିଶ୍ୱକପ୍ ଆମର

#### ଦୀପକ କୁମାର ନାଏକ



ପ୍ରଥମ ଭେଟରେ ରାହୁଲ ପାହାରେ
କଙ୍ଗାରୁ ଗଲା ଯେ ନଇଁ
ରୋହିତ ମାଡ଼ରେ ପାକିସ୍ଥାନ ଘାଇଲା
ହୋଇ କାନ୍ଦେ କଇଁ କଇଁ !
ଶ୍ରୀଲଙ୍କା ଗଲା ନେଦରଲାଣ୍ଡ ଲୁଚିଲା
ଆୟର ଗିଲ୍ ଙ୍କ ପାଇଁ
ବାଙ୍ଗଲା ଦେଶକୁ ବିରାଟ ମାରିଲା
ହାତରେ ଟିକେଟ ଦେଇ !
ବୁମରା ବଅଲ ଦେଖି ଆଫଗାନିସ୍ଥାନ
ଡ଼ରି ହୋଇଗଲା ଛାନିଆ
ଇଂଲଣ୍ଡ ଦେଢ଼ ଶହ ଭିତରେ ରହିଲା
ଏଇ ତ ବୋଲରଙ୍କ କିମିଆ !
ଆଫ୍ରିକା ମାଛକୁ ଧରିଲା ଜାଡ଼େଜା
ସ୍ପିନ୍ ବଅଲ କୁ ରଖି
ତା ପରେ ନ୍ୟୁଜଲାଣ୍ଡ ମାଟି କାମୁଡିଲା
ସାମିର ବଅଲ କୁ ଦେଖି !
ରୋହିତ ନେତୃତ୍ୱରେ ସଭିଏଁ
ଖେଳାଳି
ଖେଳିବେ ଯେ ଭଲ ପାଳି
ଫାଇନାଲ୍ ମ୍ୟାଚ୍ ରେ କଙ୍ଗାରୁ
ଦଳକୁ
ନିଷ୍ଚେ ଚଟାଇବେ ଧୂଳି
ନିଷ୍ଚେ ଚଟାଇବେ ଧୂଳି !


ଯୁବ ସାମ୍ବାଦିକ
ଗ୍ରାମ-ଗଣ୍ଡାନାଳୀ ,ବ୍ଲକ୍-ହିନ୍ଦୋଳ
ଜିଲ୍ଲା-ଢେଙ୍କାନାଳ ,ପିନ୍-୭୫୯୦୨୧
ମୋ:୮୬୩୭୨୬୧୮୨୮


### ହସେ ଆମ ଗାଆଁ ଧାନକ୍ଷେତ

#### ଜଗଦୀଶ ସାହୁ

ସକାଳ କଅଁଳଖରା ଖାଇ ହସେ
ଆମ ଗାଆଁ ଧାନକ୍ଷେତ
ସବୁଜ ସୁନ୍ଦର ରୂପ ମନୋହର
ଦେଖି ଖୁସି ହୁଏ ଚିତ୍ତ !
ବହିଲେ ପବନ ଖେଳୁଥାଏ ଦୋଳି
ଧାନଗଛ ଝୁଲିଝୁଲି
ଦେଖିବା ଲୋକର ପେଟ ପୁରିଯାଏ
ହସୁଥାଏ ଖିଲିଖିଲି !
କାକର ଟୋପାଟି ଝଲମଲ କରେ
ଧାନଗଛ ପତରରେ
ଧାନଗଛ ମୂଳ ପାଣିରେ କଙ୍କଡା
ଖେଳେ ବଡ଼ ସରାଗରେ !
ବୁଲା ଗୋରୁଗାଈ ବଣ ପଶୁ ପାଇଁ
ହୁଏ ଚାଷୀ ମୁଣ୍ଡବଥା
ବାଡ଼କିଡ଼ ବୁଜି ବଡ଼ ଯତନରେ
ଗଛ ସଂଗେ ହୁଏ କଥା !
ହିଡ଼ରୁ ଘାସକୁ କାଟିନିଏ ଚାଷୀ
ଧାନକ୍ଷେତ ଶୋଭା ବଢ଼େ
ଏଇ ସନ ଭଲ ଅମଳ ହେଉ ମାଆ
ଲକ୍ଷ୍ମୀଙ୍କୁ ଗୁହାରି ବାଢେ !



ସଂଜପଡା, ହିନ୍ଦୋଳ
ଢେଙ୍କାନାଳ,୭୫୯୧୨୮
ମୋ : ୯୦୭୮୧୮୫୬୧୬



ଧ୍ୱନି ପ୍ରତିଧ୍ୱନି

ଆମ କୁନାକୁନିଙ୍କ ଆପଣା ପୃଥିବୀ ୫ ଶନିବାର, ୧୮ ନଭେମ୍ବର ୨୦୨୩





# ଜଙ୍ଗଲର ରାଜା ସିଂହ

## ଅଭୟ କୁଣ୍ଡ

ସୃଷ୍ଟି ଆରମ୍ଭ ସମୟରେ ଭଗବାନ ବ୍ରହ୍ମା ମର୍ତ୍ତ୍ୟଲୋକର ସୁନ୍ଦର ରଚନା ପାଇଁ ଚିନ୍ତାକଲେ। ସେ ତାଙ୍କର ମନ୍ତ୍ରବଳରେ ସୁନ୍ଦର ସୁନ୍ଦର ଗଛଲତା ଜୀବଜନ୍ତୁ ଇତ୍ୟାଦି ସୃଷ୍ଟି କଲେ । ଗଛଲତାକୁ ନେଇ ଜଙ୍ଗଲ ସୃଷ୍ଟି କଲେ ଓ ସେହି ଜଙ୍ଗଲ ମଧ୍ୟରେ ଜୀବଜନ୍ତୁ ମାନଙ୍କ ମଧ୍ୟରୁ ଅନେକଙ୍କୁ ସ୍ଥାନିତ କରାଇଲେ । ସୃଷ୍ଟିର ଭାରସାମ୍ୟ ରକ୍ଷା କରିବା ପାଇଁ ଜୀବମାନଙ୍କୁ ଶାକାହାରୀ, ମାଂସାହାରୀ ଓ ଅବଶିଷ୍ଟ ଜୀବଙ୍କୁ ଉଭୟ ଗୋଷ୍ଠୀରେ ରଖିଲେ । ଏ ସୁନ୍ଦର ଜଙ୍ଗଲର ରାଜା କାହାକୁ କରିବେ ତାହା ସୃଷ୍ଟିକର୍ତ୍ତା ବ୍ରହ୍ମା ଜାଣିପାରିଲେ ନାହିଁ । ସେଥିପାଇଁ ସେ ବିଷ୍ଣୁ ଓ ମହେଶ୍ୱରଙ୍କୁ ଡକାଇ ଏକ ବୈଠକର ଆୟୋଜନ କଲେ ।

ବୈଠକର ମତ ମୁତାବକ ଭଗବାନ ବ୍ରହ୍ମାଙ୍କର ସର୍ଜନା ତାଙ୍କର ଦୁଇଜଣ ଦୂତଙ୍କୁ ଜଣାଇଦିଆଗଲା । ଜଙ୍ଗଲର ସୁରକ୍ଷା ସହ ପଶୁପକ୍ଷୀମାନଙ୍କ ମଧ୍ୟରେ ସୁନିୟନ୍ତ୍ରଣ ନିମନ୍ତେ ଏକ ରାଜାର ନାମ ସୁପାରିଶ କରିବା ସମ୍ବାଦ ଜଣାଇ ସେମାନଙ୍କୁ ମର୍ତ୍ତ୍ୟମଣ୍ଡଳକୁ ପ୍ରେରଣ କରାଗଲା । ଦୂତ ଦୁଇ ଜଣ ଭଗବାନ ବ୍ରହ୍ମାଙ୍କ ସୃଷ୍ଟି ଓ ଅନେକ ପଶୁପକ୍ଷୀଙ୍କୁ ଦେଖି ଆଶ୍ଚର୍ଯ୍ୟ ହେଲେ । ଛଦ୍ମବେଶରେ ଜଙ୍ଗଲ ମଧ୍ୟରେ ପ୍ରବେଶ କରି ସମସ୍ତ ଜୀବଜନ୍ତୁଙ୍କ କାର୍ଯ୍ୟକଳାପକୁ ସଠିକ୍ ରୂପେ ନିରୀକ୍ଷଣ କଲେ ।

ଜଙ୍ଗଲ ମଧ୍ୟରେ ବିରାଟକାୟ ପଶୁ, ବିଭିନ୍ନ ପ୍ରକାରର ପକ୍ଷୀ, ବିରାଟ ବିରାଟ ସାପ ଦୃଷ୍ଟିଗୋଚର ହେଲା। ସେମାନେ ଯାଉଥିବା ବେଳେ ହଠାତ୍ ଦେଖିଲେ ଗୋଟିଏ ଚିତାବାଘ ଖୁବ୍ ବେଗରେ ଦୌଡ଼ି ଦୌଡ଼ି ଶିକାର କରୁଛି ଓ ଲମ୍ବା ଲମ୍ବା କୁଦା ମଧ ମାରିପାରୁଛି । ଏଇ ଜୀବଟିକୁ ଦେଖି ଦୂତ ଦୁଇ ଜଣ ଖୁସି ହେଇଗଲେ। ଭାବିଲେ ସେମାନଙ୍କ ମନର ପଶୁଟିଏ ମିଳିଗଲା । ଏଇ କଥା ଭାବି ଆଉ କିଛି ବାଟ ଗଲା ପରେ ବାଘକୁ ଦେଖିଲେ । ବାଘର ଅସୀମ ଶକ୍ତି ଓ ବଳ ସହ ବିରାଟକାୟ ଶରୀର ଦେଖି ପୁଣି ଚକିତ ହେଲେ । ବାଘଟି କିପରି ଖୁବ୍ କମ୍ ସମୟରେ ନିଜର ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି ଅତି ସହଜରେ ଶିକାର କରୁଛି ତାହା ମଧ ସେମାନଙ୍କୁ ଆକର୍ଷିତ କରିଥିଲା କିନ୍ତୁ ବାଘ ଏକୁଟିଆ ଜଙ୍ଗଲରେ ବୁଲୁଥିବାର ଦୃଶ୍ୟକୁ ସେମାନେ ମଧ ଲକ୍ଷ୍ୟ କଲେ। ସେମାନେ ମନେ ମନେ ଭଗବାନ ବ୍ରହ୍ମାଙ୍କର ସୃଷ୍ଟିକୁ ବହୁତ୍ ପ୍ରଶଂସା କଲେ ଓ ଆହୁରି ଅନେକ ପଶୁ ପକ୍ଷୀ ସନ୍ଧାନରେ ବାହାରିଗଲେ।

ଏମିତି ଅନେକ ଦୂର ଗଲାପରେ ଦୂତ ଦୁଇଜଣ ଯେତେବେଳେ ଜଙ୍ଗଲର ମଧ ଭାଗରେ ପହଞ୍ଚିଲେ, ଗୋଟିଏ ସିଂହକୁ ଦେଖିଲେ। ସିଂହର ରୂପ, ସୌନ୍ଦର୍ଯ୍ୟ, ବଳ ଓ ସାହସ ଦେଖି ସେମାନେ ଆନନ୍ଦିତ ହେଲେ । ସିଂହମାନେ ଏକାଠି ଶିକାର କରୁଥିବାର ଦେଖି ସେମାନେ ବହୁତ ଡରିଗଲେ । ପୁନଶ୍ଚ ଆଗକୁ ଯିବା ବାଟରେ ସେମାନେ ଏକ ବିରାଟ ଜୀବକୁ ଦେଖିଲେ । ବ୍ରହ୍ମାଙ୍କ କଥାକୁ ମନେ ପକାଇ ସେମାନେ ଜାଣିପାରିଲେ ଏଇ ଜୀବଟି ହାତୀ । ହାତୀର ବିରାଟକାୟ ଶରୀର ଓ ଲମ୍ବା ଲମ୍ବା ଦାନ୍ତ ଦେଖି ଦୂତମାନେ ବିସ୍ମିତ ହୋଇ ପଡିଲେ । ତାହା ସହ ଆହୁରି ଅନେକ ଜୀବଜନ୍ତୁ ଦେଖିବାକୁ ପାଇଲେ ଓ ସେମାନଙ୍କ ରୂପ ଗୁଣ ବଳ ଶକ୍ତି ଇତ୍ୟାଦି ଲକ୍ଷ୍ୟ କଲେ ।

ଏହିପରି ଅନେକ ଜୀବଜନ୍ତୁଙ୍କ ସହ ଲୁଚକାଳି ଖେଳି ଦୂତ ଦୁଇଜଣଙ୍କର ସ୍ୱର୍ଗପୁରକୁ ଫେରିଯିବାର ସମୟ ଆସିଲା । ଦୂତ ଦୁଇଜଣ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମାପନ କରି ବ୍ରହ୍ମାଙ୍କ ନିକଟକୁ ବାହାରିଲେ । ଜଙ୍ଗଲର ରାଜା ନିମନ୍ତେ କାହାର ନାମକୁ ସୁପାରିଶ କରିବେ ଜାଣି ପାରିଲେ ନାହିଁ । ସେମାନେ ଭାବିଲେ ଚିତାବାଘ ଖୁବ୍ ବେଗରେ ଦୌଡ଼ି ପାରେ କିନ୍ତୁ ବଡ଼ ବଡ ଜୀବଙ୍କୁ ଶିକାର କରିପାରେ ନାହିଁ । ସେହିପରି ହାତୀ ଗୋଟେ ଯାଯାବର ଜୀବ, ତାର ଘର ଦ୍ୱାର କିଛି ନାହିଁ ଓ ଗଛର ଡାଳ ପତ୍ର ଖାଇ ଜୀବନ ବଞ୍ଚୁଛି । ହାତୀ ମଧ ବଡ଼ ବଡ ଜୀବର ଶିକାର କରିବାକୁ ଅସମର୍ଥ । ତେଣୁ ଦୂତ ଦୁଇ ଜଣ ଭାବିଚିନ୍ତି ବାଘ ଓ ସିଂହ ଦୁଇଟି ନାମ ବ୍ରହ୍ମାଙ୍କୁ ଜଣାଇଲେ । ସୃଷ୍ଟିକର୍ତ୍ତା ବ୍ରହ୍ମା କାହାକୁ ରାଜା ନିମନ୍ତେ ଚୟନ କରିବେ ସଙ୍କଟରେ ପଡିଗଲେ। ଦୂତ ପଠାଇ ବିଷ୍ଣୁ ଓ ମହେଶ୍ୱରଙ୍କୁ ଡକାଇଲେ । ତ୍ରିନାଥ ସ୍ୱଶରୀରେ ଜୀବଲୋକକୁ ଯାଇ ସେହି ଦୁଇ ଜୀବ ମଧ୍ୟରୁ ଶ୍ରେଷ୍ଠ ଜୀବର ଚୟନ ନେଇ ଉପାୟ ପାଞ୍ଚିଲେ ।

ପରଦିନ ତିନି ଠାକୁର ବାହାରିପଡିଲେ ଜଙ୍ଗଲ ମଧ୍ୟକୁ । ଭଗବାନ ବିଷ୍ଣୁ ହରିଣ ଛୁଆବେଶରେ ବାଘ ନିକଟକୁ ଯାଇ ତା ପାଖରେ ଦୌଡ଼ିବାକୁ ଲାଗିଲେ । ବାଘ ହରିଣ ଛୁଆଟିକୁ ଦେଖି ତାକୁ ଶିକାର କରିବାକୁ ଚେଷ୍ଟା ଚଳାଇଲା । କିନ୍ତୁ ହରିଣ ଛୁଆଟି ଧୀରେ ଧୀରେ ସିଂହ ଆଡକୁ ଧାଇଁଲା । ଶେଷରେ ବାଘ, ହରିଣ ଛୁଆ ଓ ସିଂହ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ପହଂଚିଲେ । ହରିଣ ଛୁଆଟିକୁ ଦେଖି ସିଂହି ତାକୁ ନ ମାରିବା ପାଇଁ ସିଂହକୁ ସଂକେତ ଦେଲା । କିନ୍ତୁ ବାଘ ନ ଛୋଡ ବନ୍ଧା । ଫଳରେ ବାଘ ଓ ସିଂହ ମଧ୍ୟରେ ଲଢେଇ ହେଲା । ବାଘର ବଳ ଓ ଅସୀମ ଶକ୍ତି ଆଗରେ ସିଂହର ବଳ କମ୍ ଥିଲା କିନ୍ତୁ ବାଘ ଯେତେବେଳେ ଶିକାର କରିଯାଏ ସେ ଏକୁଟିଆ ରହୁଥିବାରୁ ସିଂହପଲ ଆଗରେ ସେ ହାର ମାନିଗଲା । ଛଦ୍ମ ବେଶରେ ଥିବା ତିନି ଠାକୁର ସିଂହର ରୂପ ଗୁଣ ସୌନ୍ଦର୍ଯ୍ୟରେ ମୁଗ୍ଧ ହେଲେ ଓ ସିଂହ ପରିବାରର ଏକତା ଦେଖି ସିଂହକୁ ଜଙ୍ଗଲର ରାଜା କରିବା ପାଇଁ ମନସ୍ଥ କଲେ । ସେହିଦିନ ଠାରୁ ସିଂହ ଜଙ୍ଗଲର ରାଜା ହେଲା ।

+ସହକାରୀ ଶିକ୍ଷକ
ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ
ପଡ଼ିଆଭଙ୍ଗା ଅନୁଗୋଳ
ମୋ -୯୫୫୬୯୮୯୭୨୩

# ଭଲକାମର ଫଳ ମିଠା





## ନଗେନ୍ଦ୍ର ନାଥ ପଟ୍ଟନାୟକ



ବାଲିଯାତ୍ରା ମେଳା ବସି ସାରିଥିଲା । କେଉଁଠି କାର୍ତ୍ତିକ ମେଢର ସୁସଜ୍ଜିତ ତୋରଣ ଓ ଆଲୋକମାଳା ତ ଆଉ କୋଉଠି କାର୍ତ୍ତିକପୂଜା ଉତ୍ସବ ବେଶ୍ ଜାକଜମକରେ ଚାଲୁଥାଏ । ବାମବାବୁ କଲୋନି ପଡିଆରେ ଫି ସନ କାର୍ତ୍ତିକପୂଜା ଲାଗି ମଣ୍ଡପଟି ଖୁବ୍ ସୁନ୍ଦର କମନୀୟ ଭାବେ ସଜାସଜ୍ଜି କରିଥାନ୍ତି । ଭଜନ କିର୍ତନ ଚାଲେ । ସଂଜକୁ ଆରତି ଲାଗିସାରା କଲୋନିର ଲୋକେ ରୁଣ୍ଡ ହୁଅନ୍ତି । ବାମବାବୁ ମଧ ତାଙ୍କ ନାତିଟୋକା ଶୁଭମ ଓ କାର୍ତ୍ତିକ ସଙ୍ଗରେ ନିତିଦିନ କାର୍ତ୍ତିକ ଠାକୁରଙ୍କ ପୂଜାମଣ୍ଡପକୁ ଯାଆନ୍ତି । ସୁସଜ୍ଜିତ ମଣ୍ଡପର ସୁରମ୍ୟ ଦୃଶ୍ୟ ଦୁଇ ନାତିଟୋକାଙ୍କ ମନ ମୋହିନିଏ । ଆଜି ପୂଜାର ଶେଷଦିନ । ପୂଜାମଣ୍ଡପ ଆଖପାଖରେ ଭକ୍ତ ଦେଖାଣାହାରୀଙ୍କ ପ୍ରବଳ ଭିଡ । ମଣ୍ଡପ ବାହାରେ ଧାଡିଧାଡି ଖେଳଣା ଦୋକାନ ଖୋଲିଥିଲା । କିଏ ମୋଟର କାର ବିକାବିକି କରୁଥିଲା ତ କିଏ ବନ୍ଧୁକ ଧନ ଆଉ ତୀର ବିକୁଥିଲା ।

ପୁଣି କିଏ ହନୁମାନଙ୍କ ଗଦା ତ ଆଉ କିଏ ପ୍ଲାଷ୍ଟିକ ଉଡାଜାହାଜ ବିକାବିକି କରୁଥିଲା । ବାମବାବୁ ନାତିଆ କାର୍ତ୍ତିକ ଆଉ ଶୁଭମ୍‌ର କଅଁଳ କୁନିହାତ ଧରି ଆଗକୁ ଆଗକୁ ଚାଲୁଥିଲେ । ସେତିକିବେଳେ ନାତିଆ ଟୋକା ଶୁଭମ କହିଲା–

ଜେଜେ, ମତେ ସେ ଧନୁ ଆଉ ତୀର ଦରକାର । କାର୍ତ୍ତିକ ବି ଅଡିବସିଲା –ଜେଜେ ମତେ ସେ ଉଡାଜାହାଜ କିଣିକି ଦିଅ ।

-ଆଚ୍ଛା ହଉ କିଣିକି ଦଉଚି ବୋଲି କହି ବାମବାବୁ ଦୋକାନରେ ବସିଥିବା ବାଳକକୁ ପଚାରିଲେ – ଏ ଧନୁ ଆଉ ତୀରର ଦାମ କେତେ ?

-ମୋଟେ କୋଡିଏ ଟଙ୍କା -ପିଲାଟି ଚଟକିନା କହିପକାଇଲା ।

-ଆରେ ଏଡେ ଛୋଟ କାଠତିଆରି ଧନୁଟାର ଦାମ କୋଡିଏ ଟଙ୍କା କେମିତି ହେଲା ? ଏଟା ପାଇଁ ମୁଁ ଦଶଟଙ୍କାରୁ ଅଧିକ ଆଦୌ ଦେବିନି ।

-ଦଶଟଙ୍କା ପୋଷେଇବ ନାଇଁ ବାବୁ - ପିଲାଟି ସଫେଇ ଦେଲା ।

-ଆରେ,ଏ ଧନୁ ଆଉ ତୀର କେତେରେ ମିଳିବ ତାହା ମତେ ବେଶ୍ ଜଣା । ସେଇଠୁ ବାମବାବୁ ଦଶଟଙ୍କା ନୋଟ୍ ପ୍ୟାଂଟ ପକେଟରୁ ବାହାରକରି ପିଲାଟି ହାତରେ ଧରେଇଦେଲେ। ପିଲାଟି ବାରମ୍ବାର ମନା କରୁଥାଏ, ହେଲେ ବାମବାବୁ ନଛୋଡବନ୍ଧା । ବାମବାବୁ ଓ ପିଲାଟି ଭିତରେ ଢେର ସମୟଯାଏ କଥା ଦର କଷାକଷି ଚାଲିଥାଏ । ଶେଷରେ ଯାହାହଉ, ଧନୁ ଓ ତୀର କିଣିସାରି ଆଗକୁ ବଢିବାକୁ ବେଳକୁ ପିଲାଟି ସହସା ରହିଯାଇ କହିଲା –ଆପଣ ସହିତ ବୋଧେ ମୋର ପ୍ରଥମ ଦେଖା । . . . ହଁ ବାବୁ ମୁଁ ଆପଣଙ୍କ କଲୋନିରେ ଅଳିଆ ଆବର୍ଜନା ଉଠାଉଥିଲି । ଆପଣ ମତେ ସେଇଠି ଦେଖିଥିବେ। ପିଲାଟି ପୁଣି ଯୋଡିଲା –ବାବୁ ଖୁବ୍ ଭଲ ହେଲା । ତାହେଲେ ଏବେ କାଇଁକି ଆସୁନୁ–ବାମବାବୁ ବିସ୍ମୟଭରା ଆଖିରେ ତାକୁ ପଚାରିଲେ।

ମୁଁ କିଛିଦିନ ପାଇଁ ଗାଆଁକୁ ଚାଲିଯାଇଥିଲି । ମୋ ମାଆ ବେମାରିରେ ପଡିଥିଲେ । ଶେଷକୁ ମାଆ ଚାଲିଗଲେ ଆରପାରିକି । ତାଙ୍କ ଦେହାନ୍ତ ପରେ ଶୁଦ୍ଧିକ୍ରିୟା କରିବାରେ ସମୟ ଲାଗିଗଲା। କଲୋନିର ସଭାପତି ମୋ ଜାଗାରେ ଆଉ ଜଣେ ପିଲାକୁ ରଖିଦେଲେ । ଏବେ ମୁଁ ଖେଳଣା ବିକାବିକି କରୁଛି ।

ଆଚ୍ଛା, ଏ କଥା କଣ ସତ ବୋଲି କହିସାରି ବାମବାବୁ ସେଠୁ ଚାଲିଗଲେ ।

-ମଣ୍ଡପ ଚାରିପଟେ ବୁଲାବୁଲି କରିସାରିବା ପରେ ବାମବାବୁ ନାତିଟୋକା ଦୁହିଁଙ୍କୁ ସଙ୍ଗରେ ଘେନି ଘରକୁ ବାହୁଡିଗଲେ। ଘରେ ପହଁଚି ବୋହୂ-ପୁଅ ସାଥିରେ କଥାବାର୍ତ୍ତା କଲେ । ନାତି ଶୁଭମ ଆଉ କାର୍ତ୍ତିକ ଯେଝା ଯେଝାର ଖେଳଣା ମାଆ-ବାପାଙ୍କୁ ଦେଖାଇଲେ ।

-ବାପା, ରାତି ବହୁତ ହୋଇଗଲାଣି । ଏବେ ଆପଣ ଶୋଇଯାଆନ୍ତୁ –ବୋହୂ ନିନି କଅଁଳ ସ୍ୱରରେ କହିଲା । ହଁ ଯାଉଛି କହି ବାମବାବୁ ନିଜ କୋଠରି ଭିତରକୁ ପଶିଗଲେ । ପ୍ୟାଂଟ ପକେଟ ଭିତରୁ ପର୍ସଟିକୁ ବାହାର କରି ଟେବୁଲ ଉପରେ ଥୋଇଲେ । କିନ୍ତୁ ମୋବାଇଲଟି ପ୍ୟାଂଟର ଆରପଟ ପକେଟରୁ କାଢିବାକୁ ଗଲା ବେଳକୁ ପ୍ୟାକେଟ୍ ଶୂନ୍ୟ ।

ମୋ ଓ୍ୱାଲଟି କୁଆଡେ ଗଲା ବୋଲି ବାମବାବୁ ମନେ ପକେଇବାକୁ ଚେଷ୍ଟାକଲେ । ବାମବାବୁ ରାଗିପାଚି ଲାଲ ହୋଇ ଭାବିଲେ- ଭୁଲାପଣ ଯୋଗୁଁ ଦୋକାନରେ ନିଶ୍ଚେ ଛାଡିଦେଇ ଆସିଥିବି । ଯାହାହେଲେ ବି ଅର୍ଦ୍ଧନୂଆ ମୋବାଇଲଟି ।

ବୋଧହୁଏ ଦୋକାନୀ ଟୋକାର ନଜର ତା ଉପରେ ଲାଖିଥିବ । ସେ ପୁଅକୁ ଡାକିବାକୁ ଚାହିଁଲେ ସିନା ,କିନ୍ତୁ ରାତି ଦିଘଡି ହୋଇଥିବାରୁ ସମସ୍ତେ ଯେଝା ଯେଝା କୋଠରିରେ ଗାଢ ନିଦରେ ଶୋଇ ଯାଇଥିଲେ । ଏବେ ଯାହା ହେବ ରାତି ପାହିଲେ ଦେଖାଯିବ –ୟା ଭାବି ସେ ବି ଶୋଇବାକୁ ବିଛଣା ଧରିଲେ । ମୋବାଇଲ ହଜେଇବା ଚିନ୍ତାରେ ଢେର ରାତିଯାଏ ତାଙ୍କ ଆଖିରୁ ନିଦ କୁଆଡେ ଉଭେଇଗଲା । ବଡି ଭୋରରୁ ଘରଦରଜା ବେଲ୍ ବାଜିଲାରୁ ବାମବାବୁ ଭୁସ୍‌କିନା ଉଠିପଡିଲେ । ତରତର ପାଦରେ ଯାଇ ଫାଟକ ଖୋଲିଲେ । ସାମନାରେ ଦୋକାନୀ ପିଲାଟି ଛିଡା ହୋଇଥିଲା ଯାହାଠୁ ସେ ଧନୁ ଓ ତୀର କିଣିଥିଲେ ।

-ବାବୁ ଏଇ ମୋବାଇଲଟି ମୋ ଦୋକାନରେ ପାଇଛି । ମତେ ଲାଗିଲା ଏଟା ଆପଣଙ୍କ ହୋଇଥିବ –ବାଳକଟି ବାମବାବୁଙ୍କ ହାତକୁ ମୋବାଇଟା ବଢାଇ ଦେଉ ଦେଉ କହିଲା।

-ହଁ ହଁ । ଏଇଟା ତ ମୋର –ବାମବାବୁ ଆଶ୍ୱସ୍ତ ହେଇ କହିଲେ ।

-ତତେ କଣ ମୋ ଘର ଠିକଣା ଜଣାଥିଲା ? ବାମବାବୁ ଆଚମ୍ୱିତ ହେଇ ପଚାରିଲେ । ସତରେ ତ ବାଲକୋନିରେ ବସି ସୁଡୁକା ସୁଡୁକା ଚାହା ପିଉଥିବା ବେଳେ ଅଳିଆ ଆବର୍ଜନା ସାଉଂଟି ନେଉଥିବାର ଏ ପିଲାଟିକୁ ତ ନିଜ ଆଖିରେ ଦେଖିଥିଲି । ଦୋକାନୀ ପିଲାଟି କହିଲା, ମୋବାଇଲଟି ମିଳିଯାଇଥିବାରୁ ମୁଁ ଭାରି ଖୁସୀ । ଯାହାକୁ ସେ ଚୋର ବୋଲି ସନ୍ଦେହ କରୁଥିଲେ ସିଏ ମୋବାଇଲ ନେଇକି ଆସିଲା । ନିଜ ବିଚାରକୁ ନେଇ ମନସ୍ତାପ କଲେ ବାମବାବୁ । ଏମିତି ସାଧୁ ସଚ୍ଚୋଟ ପିଲାଠୁ ସେ ଅଧାଦାମ ଦେଇ ଧନୁ-ତୀର ଆଣିଥିବାରୁ ଖୁବ୍ ମନଦୁଃଖ କଲେ । ମୋବାଇଲି ତାଙ୍କ ହାତରେ ଥାପିଦେଇ ଚାଲିଯିବାକୁ ବାହାରିଲା ବେଳକୁ ବାମବାବୁ ବଡପାଟିରେ କହିଲେ –ଶୁଣ , ଆମ ଘରେ ଜଣେ ଚାକର ପିଲା ଦରକାର । ତୁ କଣ ଆମ ଘରେ କାମ ପାଇଟି କରିବାକୁ ଇଛା କରୁଚୁ । ହଁ, କାଇଁକି ନୁହେଁ -ପିଲାଟି ଖୁସିରେ କୁରୁଳିଉଠି କହିଲା । ତାହେଲେ ଠିକ୍ ଅଛି । ତୁ କାଲିକି ଆସେ । ଆଠହଜାର ଟଙ୍କା ଖୋରାକିକୁ ଛାଡି ଖାଇବା ଆଉ ଲୁଗାପଟା । ଭାତିଆ କଥା ଶୁଣି ପିଲାଟିର ମନ ଖୁସିରେ ଫୁଲି ଉଠିଲା ।

ଆପଣଙ୍କୁ ଧନ୍ୟବାଦ୍ ବାବୁ –ପିଲାଟି ଯୋଡହସ୍ତରେ ବିନୟୀ ହୋଇ କହିଲା । ଆରେ ହଜିଲା ମୋବାଇଲଟି ଫେରେଇ ଦେଇଥିବାରୁ ତତେ ମଧ ବହୁତ ବହୁତ ଧନ୍ୟବାଦ -ଜେଜେ ପାକୁଆ ପାଟିରେ ମୁରୁକି ହସ ଫୁଟାଇ କହିଲେ ।

ପଛରେ ଛିଡା ହୋଇ ସବୁକିଛି ନିରୀକ୍ଷଣ କରୁଥିବା ପୁଅ ବୋହୂ ମଧ ଫିକ୍‌କିନା ହସିଦେଲେ। ପିଲାଟି ଖୁସିରେ ବିଭୋର ହୋଇ ନିଜ ଘରଆଡେ ମୁହାଁଇଲା । ଆଜି ତାକୁ ଭଲକାମର ମିଠାଫଳ ମିଳି ସାରିଥିଲା ।

+ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,
ଓଡିଶା ସରକାର
ଓସ୍କାର ସିଟି, ଲକ୍ଷ୍ମୀସାଗର କେନାଲ
ରୋଡ୍ ,ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

## ଚୁଟିଆ ମୂଷା

### ସୁଦର୍ଶନ ମହାପାତ୍ର

କେଉଁଠୁ ଆସିଲା ଚୁଟିଆ ମୂଷା
ଖାଇଲା ଲୁଚିକି ମାଣ୍ଡିଆ, ଖସା
ମୋ ବହି ଖାତା
କାଟିଲା ରାତିରେ ବଢିଲା ଚିନ୍ତା ।

କବାଟ, ଦୁଆର, ଝରକା ଦେଇ
ଧାଇଁ ଯାଉଥିଲା ଦେଖିଲେ କେହି
ଧରି ନ ପାରେ
ଉପାୟ ଗୋଟିଏ ପାଞ୍ଚିଲି ଥରେ ।

ଯନ୍ତାରେ ରଖିଲି ତା' ପାଇଁ ଖାଦ୍ୟ
ଫସିଗଲା ମୂଷା ନବୁଝି ଛନ୍ଦ
ଖାଦ୍ୟକୁ ଟାଣି
ରହିଲା ଯନ୍ତାରେ ନ ପାରି ଜାଣି ।

ସକାଳୁ ନିଦରୁ ଉଠିଲା ଦିଶା
ଦେଖିଲା ଯନ୍ତାରେ ପଡିଛି ମୂଷା
ବାଟ ନପାଇ
ବସି ରହିଥିଲା ମୁହଁ ଶୁଖାଇ ।

ଦିଶା ମନ ପରା ହୋଇଲା ଦୁଃଖ
ଧିରେ ଟେକିଦେଲା ଉପର ପାଖ
ଧାଇଁଲା ମୂଷା
ଯୋଜନା ମୋହର ଫସରଫସା ।

ଆଉ ଯନ୍ତା ପାଖ ମାଡିଲା ନାହିଁ
ଲୁଗା ପଟା କାଟି ଲୁଚିଲା କାହିଁ
ପୁଷିକୁ ଆଣି
କ୍ଷୀର ଦେଇ ବାପା ପାଳିଲେ ପୁଣି ।

ପୁଷି ସାଥେ ଦିଶା ଖେଳିଲା ଖେଳ
କୋଡରେ ବସାଇ କରିଲା ଗେଲ
ଚୁଟିଆ ଡରି
ଧାଇଁ ପଳେଇଲା ଘରୁ ବାହାରି ।

+ କୁଞ୍ଜବିହାରୀ ଲେନ, କଟକ



## ଗଛ ପାଇଁ ଗୀତଟିଏ

### ନୀଳମଣି ଚାନ୍ଦ

ଧିନିକି ଧିନା
ଫଳଟିରୁ ହୁଏ ଗଛକୁ ଚିହ୍ନା
ଯଦି ତା'ର ଫୁଲ ନାଇଁ
କି ଗଛ, କି ଲାଭ ସିଏରେ ଥାଇ
ପିଲାଙ୍କୁ କହିଲେ ମାଈଁ।

ଧିନିକି ଧିନା
ଭାରି ବୁଦ୍ଧିଆ ଯେ ଆମରି ମୀନା
କହିଲା ହଲେଇ ମଥା
ଗଛ ଦିଏ ପରା ଅମଳଜାନ
ଇଏଯେ ଅସଲ କଥା ।

ଧିନିକି ଧିନା
କିଏରେ ବଞ୍ଚିବ ତାହାରି ବିନା
ଆମେ ଜାଣୁ ପଢି ବହି
ଅଙ୍ଗାରକାମ୍ଳର ବିଷ ସେ ପିଏ
ସେଇମିତି ଠିଆ ରହି।

ଧିନିକି ଧିନା
ଗଛପାଇଁ ହୁଏ ବରଷା ସିନା
ରଖେ ଧରି ମାଟି ସ୍ତର
ପରିବେଶର ସେ ପ୍ରହରୀଟିଏ
ଭାବିଛକି ଗୋଟେ ଥର ?

+ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭

କବିତା
ତୁମ ପାଇଁ

## ଗାଇଦେଲେ ଗୀତ

### ପ୍ରଶାନ୍ତ କୁମାର ଦାଶ

ଲାଗେନାହିଁ ଶୀତ
ଭାରି ମନୋରମ ଦିଶେ ନଈପଠା
ସୁନାରଙ୍ଗୀ ଧାନକ୍ଷେତ
ଦିନେ ହେବ ମିଠା ଆହାର ସେ ଧାନ
ମଣିଷ ପେଟକୁ ସେତ ।

ଡାଳିଆ ସେବତୀ ଗେଣ୍ଡୁ ଗୋଲାପରେ
ବଗିଚା ଉଠୁଚି ହସି
ଶୀତଳ ବାଆର ପରଶ ସାଙ୍ଗକୁ
ଶିଶିର ପଡୁଚି ଖସି ।

ସୁନାରଙ୍ଗ ଖରା ଟିକିଏ ଉଷୁମ
କରୁଚି ଦେହରେ ବାଜି
ଶୀତକୁ ଡ଼ରିକି ଶେଯ ଛାଡିବାକୁ
ଟୁକୁନା ହଉନି ରାଜି ।

ପାଳଙ୍ଗ ଟମାଟୋ କୋବି ବାଇଗଣ
ଚାରା ପୋତିଦେଇ ଚାଷୀ
ତା ମୂଳରେ ମାଟି ପାଣି ସାର ଦିଏ
ପାହାନ୍ତି ରାତିରୁ ଆସି ।

ଖୁସିହେଇ ଗୀତ ଗାଇଦେଲେ ଶୀତ
ଜଣା ପଡ଼େନାହିଁ ଆଉ
ଶୀତ ଆସିବାରୁ ରହେନାହିଁ ଜମା
ଗୁଲୁମୁଲି ଖରା ଭାଉ ।

ଶୀତକୁ ଖାତର ନକରି ସପନା
ଖାଲିପାଦଟାରେ ଚାଲେ
ନିଆଁପୋଇଁ ଆଇ ଜଳଖିଆ ଖାଇ
ରାମ ହନୁ ଗୀତବୋଲେ ।

+କୁଞ୍ଜର ସଙ୍ଗଳାଇ
ପିପିଲି ପୁରୀ
ମୋ: ୯୬୬୮୮୨୨୧୯୦

## ଶୀତ ଆସିଲାଣି ଗୀତ ଗାଇ

### ଧ୍ରୁବ ଚରଣ ବେହେରା

ଶୀତ ଆଗମନ ଶୀତର ସନ୍ଦେଶ ଫୁଲଗଛ ପାଇଲେଣି
କୁତୁକୁତୁ ହୋଇ ହସ ଖୁସି ବୁଣି ଗୀତ ଗୁଣୁଗୁଣେଇଲେଣି
ମୁଣ୍ଡକୁ ହଲାଇ କିରି କିରି ହୋଇ ମୁରୁକି ହସ ଦେଲେଣି
ବାଡ଼ିବଗିଚାଠୁ ବାଟେ ଘାଟେ ଥାଇ ଶୀତକୁ ସ୍ୱାଗତ କଲେଣି ।

ଯୁଇ ଜାଇ ହେନା ମାଳତୀ ମାଧବୀ ଶୀତ ସହ ସୁର ଧରିଲେଣି
ଗଙ୍ଗଶିଉଳି ବି ସଞ୍ଜ ବେଳେ ଫୁଟି ସୁନ୍ଦର ସୁବାସ ଛାଡ଼ିଲାଣି
କେତେ ଜାତି ଜାତି ଘାସଫୁଲ ଫୁଟି ସବୁଠି ଶୋଭା ବାଢ଼ିଲେଣି
ଶୀତ ଆଗମନେ ଶୀତର ଛୁଆଁରେ କାଶ ଯେ ବିଦାୟ ନେଲାଣ ।

କୁନାମୁନା ଯେତେ ଶୀତର ପରଶେ ଶୀତ ପୋଷାକ ଧରିଲେଣି
ଶୀତ ପୋଷାକରେ ହରଷ ମନରେ କୁନାମୁନା ଖୁସି ଦିଶିଲେଣି
ପେଡ଼ି ଭିତରର ସାଇତା ଚାଦର ଶୀତବସ୍ତ୍ର ମୁଣ୍ଡ କାଢ଼ିଲେଣି
କମ୍ବଳ ରେଜେଇ ନ ଥିବାସ୍ଥିତିରେ ଉହ୍ଲେଇ ଆଦର ବଢ଼ିଲାଣି ।

ଗାଇ ଗାଇ ଗୀତ ଆସିଲାଣି ଶୀତ ଘରେ ଘରେ ପୁଣି ବୁଲିଲାଣି
ଶୀତର ବାରତା ହେମାଳ ହେମନ୍ତ ଢେଙ୍ଗୁରା ବୁଲାଇ ଦେଲାଣି ।

+ବଉଦରାଜ, ଜି. ବୌଦ୍ଧ
ମୋ.୯୪୩୭୪୭୮୪୬୬

## ଶିଶିର କରଇ ଫସଲ ହିତ....

### ରାମଚନ୍ଦ୍ର ବେହେରା

ଶରତ ହେମନ୍ତ ଦୁଇ ଋତୁରେ
ଶିଶିର ଶୋଭଇ ଧରା ବକ୍ଷରେ।
ସଂଜ ଓ ସକାଳେ ଆସଇ ସେହି
ଘାସ ପତରରେ ହସଇ ରହି।

ସକାଳ କିରଣେ ସିଏ ଝଲସେ
ମୁକୁତା ପରି ସେ ଆଖିକୁ ଦିଶେ।
ବାୟୁ ମଣ୍ଡଳର ଜଳୀୟ ବାଷ୍ପ
ଥଣ୍ଡା ହେଲେ ନିଏ ଶିଶିର ରୂପ।

ଘାସ ଅବା ଶସ୍ୟ ପତ୍ରରେ ସିଏ
ଜଳବିନ୍ଦୁ ରୂପେ ଜନମ ନିଏ।
ଦେଖିବାକୁ ସିଏ ଭାରି ସୁନ୍ଦର
କୃଷକର କରେ ସେ ଉପକାର।

ଫସଲର ସିଏ ପରମ ମିତ୍ର
ଜଳହୀନତାରୁ କରଇ ମୁକ୍ତ।
ମାଟି ଭିଜିଯାଏ ତା'ର ପରଶେ
ପାଣି ପାଇ ଶସ୍ୟ ମୁରୁକି ହସେ।

ଖରା ଟାଣ ହେଲେ ଯାଏ ଉଭେଇ
ସଂଜ ଆଗମନେ ଫେରି ଆସଇ।
ତା' ପାଇଁ ଫସଲ ବଢେ ସଅଳ
କୃଷକକୁ ମିଳେ ଭଲ ଅମଳ।

ଆସ ଆମେ ହେବା ଶିଶିର ସମ
ଭଲ କାମ କରି ରଖିବା ନାମ।



ବରିଷ୍ଠ ଜନଂକ କରିବା ସେବା
ପଶୁ ପକ୍ଷୀଂକର ଯତନ ନେବା।
ପରିବେଶ ସଫା ରଖିବା ଧ୍ୟାନେ
ଖୁସି ବାଣ୍ଟିଦେବା ଜଗତ ଜନେ।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

# ପୁଣି କଞ୍ଚାମାଲର ଅଭାବ: ବନ୍ଦ ହେବା ସମ୍ଭାବନାକୁ ଆସିଲାଣି କାଗଜକଳ



ଜୟପୁର, ୧୭/୧୧ (ନି.ପ୍ର): ୫ମାସ ଧରି ବନ୍ଦ ହେବା ପରେ ପୁଣି ବହୁ କଷ୍ଟରେ ଚାଲୁ ହୋଇଥିଲା ଗାଗାନାପୁରସ୍ଥ କାଗଜକଳ । ସଂପ୍ରତି ମିଲର ଗୋଟିଏ ୟୁନିଟ୍ ଚାଲୁଛି । ଗୋଟିଏ ୟୁନିଟରୁ କାଗଜଉତ୍ପାଦନ ଆରମ୍ଭ ହେବା ପରେ ଜମା ରହିଥିବା କୋଇଲା ଓ କ୍ୟାମିକାଲ ଧୀରେଧୀରେ ସରି ଆସୁଥିବା ବେଳେ ନୂଆରେ ଆଉ କଂପାନି ଏସବୁ କିଣି ଆଉ ଆଣୁ ନାହିଁ । ଏହି ସ୍ଥିତିରେ ଆଉ ୨ରୁ ୩ଦିନ ପାଇଁ ହିଁ କଂଚାମାଲ ରହିଛି । ଏହି ସ୍ଥିତିରେ ଆଉ ବେଶିରେ ବେଶି ୩ରୁ ୪ଦିନ ହିଁ ମିଲ୍ ଚାଲିବ । ନୂଆରେ କଂଚାମା ତା ପରେ ବନ୍ଦ ହେବା ସମ୍ଭାବନା ରହିଛି ପରିସ୍ଥିତିକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି ଶ୍ରମିକ ସଂଘ ନେତା ସରୋଜ ସୁଆର ।

ସୂଚନାଯୋଗ୍ୟ, ଗତ ଜୁଲାଇ ୧୬ରୁ ବନ୍ଦ ପଡ଼ିଥିବା କାଗଜକଳ କଂଚାମାଲ ପାଇଁ ବନ୍ଦ ଥିଲା । କଂଚାମାଲ ଜମା ହେବା ପରେ ୨ଟି ସଂଘ ୨ମାସର ଅଗ୍ରୀମ ଦରମା ଏକାସହ ପେ ?୦ କରିବା ସହ ୨୦୧୨-୧୫ ତ୍ରିପାକ୍ଷୀକ ଚୁକ୍ତିନାମା ତୁରନ୍ତ ଲାଗୁ ଦେଇଥିବା ଦାବି ପୁରଣ ନହେବା ଯାଏଁ ମିଲ୍ ଚାଲିବାକୁ ଦିଆଯିବ ନି ବୋଲି ଜିଦ୍‌ରେ ଅଟଳ ରହିଥିଲେ । ତେବେ ଗୋଟିଏ ମାସର ଅଗ୍ରୀମ ଦରମା , ଭତ୍ତା ଦେବା ସହ ନଭେମ୍ବର ମାସର ଶେଷ ସୁଦ୍ଧା ଆଉ ଗୋଟିଏ ମାସର ଅଗ୍ରୀମ ଦରମା ଦେବାକୁ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ । ତା ପରେ ଶ୍ରମିକ ସଂଘ ପକ୍ଷରୁ ରାଜି ହୋଇ ବହୁ କଷ୍ଟରେ ଗତ ୫ତାରିଖ ଦିନ ମିଲ୍ ଚାଲିବା ଆରମ୍ଭ ହୋଇଥିଲା । ଏହା ପରେ କେବଳ ଅଗ୍ରୀମ ଦରମା ହିଁ ଦେଇଥିବା ବେଳେ ଭତ୍ତା ଏ ପର୍ଯ୍ୟନ୍ତ ମିଳିନି ବୋଲି ଶ୍ରମିକ ସଂଘ ନେତା ମାନେ କହିଛନ୍ତି ।

ଅପରପକ୍ଷରେ କାଠଭେଣ୍ଡର ମାନେ କାଠ ଯୋଗାଇ ଆସୁଥିବା ବେଳେ ସେମାନଙ୍କ ବକେୟା ୫କୋଟି ୬୬ଲକ୍ଷ ରହିଥିଲା । ଭେଣ୍ଡର ମାନେ ପୁଣି କାଠ ଯୋଗାଇବା ବନ୍ଦ କରି କର୍ତ୍ତୃପକ୍ଷକୁ ଭେଟି ତୁରନ୍ତ ବକେୟା ଦାବି କରି ଉଚ୍ଚବାଚ୍ଚ ହେବା ପରେ ୬୬ଲକ୍ଷ ଦେଇଛି କର୍ତ୍ତୃପକ୍ଷ । ବଳକା ୫କୋଟି ପୁଣି ବକେୟା ରହିଥିବା କହିଛନ୍ତି କାଠ ଭେଣ୍ଡର । କୋଇଲା ଓ କ୍ୟାମିକାଲ ନଗଦରେ କିଣିକି ଅଣାଯାଉଛି । ତେଣୁ ତାହା ସରିବା ସ୍ଥିତିକୁ ପଳାଇ ଆସିଲାଣି । ମାତ୍ର ୩ରୁ ୪ଦିନ ପର୍ଯ୍ୟନ୍ତ ହିଁ ଏହା ଚାଲିବ । କାଠ ଯୋଗାଣ ବନ୍ଦ ଥିବା ବେଳେ କୋଇଲା ଓ କ୍ୟାମିକାଲ କଂପାନୀ ନୂଆରେ କିଣି ଆଣୁ ନଥିବାରୁ କଂପାନୀର ଉଦ୍ଦେଶ୍ୟକୁ ନେଇ ଶ୍ରମିକ ମାନେ ସଂଦେହାସ୍ପଦ ବୋଲି ବିଭିନ୍ନ ସଂଘର କର୍ମକର୍ତ୍ତା ମାନେ କହିଛନ୍ତି । ପ୍ରଶାସନ ମଝିରେ ମଝିରେ କଂପାନୀର କାର୍ଯ୍ୟକଳାପ ପ୍ରତି ତଦାରଖ ଓ ସମୀକ୍ଷା କରିବା ଆବଶ୍ୟକତା ରହିଛି ବୋଲି କର୍ମଚାରୀ ସଂଘର ନେତା ମାନେ କହିଛନ୍ତି । ବକେୟା ଟଙ୍କା ଦେଉ ନଥିବାରୁ ହାତରେ ଥିବା କାଠ ଯୋଗାଣକାରୀ ଓକାଠ ଚାଷୀ ମାନେ ଭେଣ୍ଡରଙ୍କୁ କାଠ ଦେବାକୁ ଆଉ ରାଜି ନଥିବାରୁ ଭେଣ୍ଡର ମାନେ ବି ଚିନ୍ତାରେ ପଡ଼ିଛନ୍ତି । ଏଭଳି ପ୍ରକ୍ରିୟା ଜାରୀ ରହିଲେ ଭେଣ୍ଡର ମାନେ ଯୋଗାଇଥିବା କାଠ ମିଲରୁ ଉଠାଇ ନେଇ ବଜାରରେ ବିକ୍ରୀ କରିବାକୁ ବାଧ ହେବେ ବୋଲି ବି ଚେତାବନୀ ଦେଇଛନ୍ତି । ଏହି ସ୍ଥିତି ଉପୁଜାଇବାକୁ ପରିଚାଳନା କର୍ତ୍ତୃପକ୍ଷ ବାଧ କରୁଛି ବୋଲି ଭେଣ୍ଡର ମାନେ କହିଛନ୍ତି । ୧୦ହଜାର ଲୋକେ ପ୍ରତ୍ୟକ୍ଷ ଓପରୋକ୍ଷ ଭାବେ ନିର୍ଭର ଥିବା କଳର ଭବିଷ୍ୟତକୁ ନେଇ ପରିଚାଳନା କର୍ତ୍ତୃପକ୍ଷ ଏଭଳି କରିବା କେତେ ଦୂର ଯୁକ୍ତିଯୁକ୍ତ ବୋଲି ଏହି ନେତା ମାନେ କହିଛନ୍ତି ।

## ହତ୍ୟାକାରୀକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କଲେ ବିଚାରପତି

କେନ୍ଦୁଝର, ୧୭/୧୧ (ନି.ପ୍ର): କେନ୍ଦୁଝର ଅତିରିକ୍ତ ଜିଲ୍ଲା ଦୌରାଜଜ ମମିତା ଦାସ କ ହତ୍ୟା ମାମଲାର ବିଚାର କରି କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ କରଞ୍ଜିଆ ପଡା ଗ୍ରାମର ୪୪ ବର୍ଷ ବୟସ୍କ ବସନ୍ତ ଦେହୁରୀ ନାମକ ଜଣେ ଆସାମୀକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ପ୍ରାପ୍ତ ସୂଚନା ଅନୁସାରେ ପୂର୍ବ ଶତୃତାକୁ କେନ୍ଦ୍ର କରି ଗତ ୨୦୨୦ ମସିହା ଅଗଷ୍ଟ ୨୨ ତାରିଖ ରେ ଆସାମୀ ବସନ୍ତ , ତାଙ୍କ ଗ୍ରାମର ୪୦ ବର୍ଷ ବୟସ୍କ ଗୋବିନ୍ଦ ପରିଡାକୁ ସଂଧ୍ୟାରେ ଘରୁ ଡାକି ନେଇଥିଲା । କିନ୍ତୁ ଗୋବିନ୍ଦ ରାତ୍ରୀରେ ଘରକୁ ଫେରି ନଥିବା ବେଳେ ପରଦିନ ସକାଳେ ତାଙ୍କ ଗ୍ରାମ ରାସ୍ତା ପାଖ ପୋଖରୀ ପାଖରେ ତାଙ୍କର କ୍ଷତାକ୍ତ ମର ଶରୀରକୁ ଠାବ ହୋଇଥିଲା । ପରିବାର ଲୋକ ମୃତକକୁ ଚିହ୍ନଟ କରିବା ପରେ ଗୋବିନ୍ଦଙ୍କ ବଡ ଭାଇ ଏ ସଂପର୍କରେ ପାଟଣା ଥାନାରେ ଲିଖିତ ଭାବେ ଜଣାଇଥିଲେ । ସେହି ଅଭିଯୋଗକୁ ଭିତି କରି ପାଟଣା ଥାନ ପୋଲିସ କେଶ ନଂ ୧୨୧ ତା ୨୩.୮.୨୦ ରେ ମାମଲା ରୁଜୁ କରି ଆସାମୀକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ଏହି ଘଟମାରେ ମାନ୍ୟବର ବିଚାରପତି ୨୨ ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସ ତଦନ୍ତ କୁ ଭିତି କରି ଆସାମୀକୁ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ କରି ଦଫା ୩୦୨ ଆଇ.ପି.ସି ରେ ଆଜୀବନ କାରାଦଣ୍ଡ ସହ ଦଶ ହଜାର ଟଙ୍କା ଜୋରିମାନା ଓ ଜୋରିମାନ ଅନାଦେୟ ଅଧିକ ଛଅ ମାସ କାରାଦଣ୍ଡ ଆଦେଶ ଦେଇଛନ୍ତି । ସରକାରଙ୍କ ପକ୍ଷରୁ ଆଡିସିନାଲ ପି.ପି. ପ୍ରଫୁଲ୍ଲ କୁମାର ପାତ୍ର କେଶ ପରିଚାଳନା କରୁଥିଲେ ।

## ଅଗ୍ନିକାଣ୍ଡରେ ୪ବଖରା ଭସ୍ମିଭୂତ ଗୋରୁ, ଛେଳି, କୁକୁଡ଼ା, ବାଇକ୍ ପୋଡି ଧ୍ୱଂସ

କୋରେଇ, ୧୭/୧୧ (ନି.ପ୍ର): ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ପଂଚାୟତର ଗୋବିନ୍ଦପୁର ଗ୍ରାମରେ ବୁଧବାର ବିଳମ୍ବିତ ରାତ୍ରୀରେ ଭୟାବହ ଅଗ୍ନିକାଣ୍ଡ ଘଟିଛି । ୪ ବଖରା ଘର ସମେତ ଗୋରୁ, ଛେଳି, କୁକୁଡା, ବାଇକ୍, ସାଇକେଲ. ଧାନ, ଚାଉଳ ଆଦି ପୋଡି ପାଉଁଶ ହୋଇଛି ।

ପ୍ରକାଶଯେ, ଗୋବିନ୍ଦପୁର ଗ୍ରାମର ମାନସ ଦତଙ୍କ ଘରେ ବୁଧବାର ବିଳମ୍ବିତ ରାତ୍ରୀରେ ବିଦ୍ୟୁତ ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିଲା । ବିଳମ୍ବିତ ରାତ୍ରୀ ଯୋଗୁ ନିଆଁ ଲିଭାଇବା ସମ୍ଭବ ହୋଇପାରିନଥିଲା । ଫଳରେ ୪ ବଖରା ଘର (ଏକ ବଖରା ଗୁହାଳ) ସହ ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଥିଲା । ଘରର ସମସ୍ତ ଆସବାସ ସାମଗ୍ରୀ ସହ ୨ଟି ସ୍ୱେଣ୍ଡର ବାଇକ୍, ଗୋଟିଏ ସାଇକେଲ, ସ୍ପ୍ରେ ମେସିନ ସମେତ ଗାଈ ୧ଟି, ଛେଳି ୧୧ଟି, କୁକୁଡ଼ା ୭ଟି, ଧାନ, ଚାଉଳ, ଶଗଡ଼ ଆଦି ପୋଡି ପାଉଁଶ ହୋଇଯାଇଥିଲା । ଖବର ପାଇ ସକାଳୁ ରଣପାଳ ରାଜସ୍ୱ ନିରୀକ୍ଷକ ସୁଧିର ମଲ୍ଲିକ ପହଂଚିବା ସହ ସମିତିସଭ୍ୟ ମଧୁସୂଦନ ନନ୍ଦୀ, ଯୁବନେତା ଗୋଲକ ଚନ୍ଦ୍ର ମାଝୀ, ନିରଂଜନ ନାୟକ, ଅଶୋକ ସାହୁ ପ୍ରମୁଖ ପହଂଚିଥିଲେ । ପ୍ରାଣୀଧନ ବିଭାଗ ପକ୍ଷରୁ ଭ୍ରାମ୍ୟମାଣ ଗାଡି ମଧ ପହଂଚିଥିଲା । ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି ।

## ଚାଷୀ ପ୍ରତିନିଧିଙ୍କ ଚାଷୀ ଆତ୍ମହତ୍ୟା ଘଟଣାରେ ବୁବେଲ ଗ୍ରାମ ପରିଦର୍ଶନ

ବଲାଙ୍ଗୀର, ୧୭/୧୧ (ନି.ପ୍ର): ମିଳିତ କୃଷକ ମଂଚ, ବଲାଙ୍ଗିରର ଏକ ଚାରି ଜଣିଆ ପ୍ରତିନିଧି ମଣ୍ଡଳି ବୁବେଲ ଗ୍ରାମର ଆତ୍ମହତ୍ୟା କରିଥିବା ଚାଷୀ ରମେଶ କୁମାର ଭୋଇଙ୍କ ପରିବାର ସଦସ୍ୟ ତଥା ଗ୍ରାମବାସୀଙ୍କୁ ଭେଟି ଆଲୋଚନା କରିଥିଲେ । ଏହି ପ୍ରତିନିଧି ମଣ୍ଡଳିରେ ଆକାଶ ମିଶ୍ର, ଯତି ପ୍ରଧାନ, ବିଭୁଦତ ମିଶ୍ର ଓ ମଧୁସୁଦନ କ୍ଷେତି ଯାଇ ଚକଡା ଓ ମାଟିଗୁଣ୍ଡି ପ୍ରଭୃତି ପୋକ ଦାୟରୁ ଫସଲ ରକ୍ଷା କରି ନ ପାରି ବିଷ ପିଇ ଆତ୍ମହତ୍ୟା କରିଥିବା ଚାଷୀ ସ୍ୱର୍ଗତ ରମେଶ କୁମାର ଭୋଇଙ୍କ ପତ୍ନି ତଥା ସନ୍ତାନମାନଙ୍କୁ ଭେଟି ସମବେଦନା ଜଣାଇ ଥିଲେ । ପରେ ସଂପୃକ୍ତ ଧାନକ୍ଷେତକୁ ମଧ ଗସ୍ତ କରି କ୍ଷତିଗ୍ରସ୍ତ ଧାନ ଫସଲକୁ ନିରିକ୍ଷଣ କରି ବ୍ୟାପକ କ୍ଷତି ହୋଇଥିବାର ଜାଣିବାକୁ ପାଇଥିଲେ । ରୋଗ, ପୋକ ଦାଉରୁ ରକ୍ଷା କରିବା ପାଇଁ ବିଲରୁ ପାଣି ମଧ କଟାଯାଇ ପ୍ରାକୃତିକ ଉପାୟରେ ପୋକ ଦମନ ପାଇଁ ଚାଷୀ ସ୍ୱର୍ଗତ ଭୋଇ ଚେଷ୍ଟା କରିଥିବାର ଜଣା ପଡିଥିଲା । ଦୁଇ ଦୁଇ ଥର କିଟ ନାଶକ ସିଞ୍ଚନ ପରେ ମଧ ପୋକ ଦମନ ନହେବାରୁ ଶ୍ରୀ ଭୋଇ ଫସଲ ହାନୀ ଓ ଋଣ ସୁଝିବା ଚିନ୍ତାରେ ମାନସିକ ଭାରସାମ୍ୟ ହରାଇ ଏକ ଚରମ ନିଷ୍ପତି ନେବାକୁ ବାଧ ହେଲେ । କୃଷି ବିଭାଗର ଏଥି ପ୍ରତି ଚରମ ଉଦାସିନତାକୁ ଚାଷୀ ନେତାମାନେ ନା ପସନ୍ଦ କରି ଶ୍ରୀ ଭୋଇଙ୍କ ବିଧବା ପତ୍ନୀ ଖିରୋଦିନୀ ଭୋଇଙ୍କୁ ଉଚିତ କ୍ଷତିପୂରଣ ଯଥା ୫୦ ଲକ୍ଷ ଟଙ୍କା ଏବଂ ତନମଧ୍ୟରୁ ୫ଲକ୍ଷ ଟଙ୍କା ତୁରନ୍ତ ସାହାଯ୍ୟ ସହ ତାଙ୍କୁ ଯୋଗ୍ୟତା ଅନୁସାରେ ସରକାରୀ ଚାକିରି ତଥା ସନ୍ତାନ ଚନ୍ଦନ ଭୋଇ ଏବଂ ଗୁଡଲି ଭୋଇଙ୍କ ଶିକ୍ଷା ବାବଦରେ ସମସ୍ତ ଖର୍ଚ୍ଚ ସରକାର ବହନ କରିବାକୁ ଦୃଢ ଦାବି କରିଥିଲେ ।

# ସମ୍ବଲପୁରରେ ମିଲର୍ସଙ୍କ ମନମାନି: ୪୭ ପ୍ରତିଶତ ମିଲର୍ସ ଫେରାଇ ନାହାନ୍ତି କଷ୍ଟମ୍ ମିଲିଂ ଚାଉଳ

### ଏଫ୍‌ସିଆଇ-ଯୋଗାଣ ବିଭାଗ ଦୋଷ ଲଦାଲଦି, ଆନ୍ଦୋଳନ ଚେତାବନୀ ଦେଲେଣି ଚାଷୀ ସଂଗଠନ



ସମ୍ବଲପୁର, ୧୭/୧୧ (ନି.ପ୍ର): ସମ୍ବଲପୁର ଜିଲ୍ଲାରେ ମିଲର୍ସଙ୍କ ମନମାନି ଚାଲିଛି । ରବିରେ ସରକାର କିଣିଥିବା ଧାନ ମିଲର୍ସ ନେଇଥିଲେ । କଷ୍ଟମ୍ ମିଲିଂ କରି ଚାଉଳ ଫେରାଇବା କଥା । ହେଲେ ସମ୍ବଲପୁର ଜିଲ୍ଲାରେ ଏଯାଏଁ ନେଇଥିବା ଧାନ ବାବଦକୁ ଚାଉଳ ମାତ୍ର ୫୩ ପ୍ରତିଶତ ମିଲର୍ସ ଫେରାଇଛନ୍ତି । ପାଖାପାଖି ୪ ହଜାର କୁଇଣ୍ଟାଲ ଚାଉଳ ଏଯାଏଁ ମିଲର୍ସ ଫେରାଇ ନାହାନ୍ତି । ମିଲର୍ସ ଏତେ ପରିମାଣର ଚାଉଳ ଫେରାଇନଥିବା ପ୍ରସଙ୍ଗରେ ଯୋଗାଣ ବିଭାଗ ଏବଂ ଏଫ୍‌ସିଆଇ କର୍ତ୍ତୃପକ୍ଷଙ୍କ ଭିତରେ ଦୋଷ ଲଦାଲଦି ଆରମ୍ଭ ହୋଇଛି ।

ଯୋଗାଣ ବିଭାଗ ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ, ଗତ ରବିରେ ୧୨ ଲକ୍ଷ ୪୩ ହଜାର ୨୨ କୁଇଣ୍ଟାଲ ଧାନ ଚାଷୀଙ୍କଠାରୁ କିଣାଯାଇଥିଲା । କଷ୍ଟମ ମିଲିଂ ପାଇଁ ଜିଲ୍ଲାର ୪୬ଟି ରାଇସ ମିଲ ମଣ୍ଡିରୁ ଧାନ ଉଠାଇଥିଲେ । ମିଲର୍ସମାନେ କଷ୍ଟମ ମିଲିଂ ପରେ ୮ଲକ୍ଷ ୪୫ ହଜାର ୨୫୫ କୁଇଣ୍ଟାଲ ଚାଉଳ ନେଇଥିବା ଧାନ ବାବଦକୁ ଫେରାଇବାର ଥିଲା । କିନ୍ତୁ ନଭେମ୍ବର ୧୫ ତାରିଖ ସୁଦ୍ଧା ୪ ଲକ୍ଷ ୫୦ ହଜାର ୩୩୨ କୁଇଣ୍ଟାଲ ଚାଉଳ (୫୩.୩ ପ୍ରତିଶତ) ମିଲର୍ସ ଫେରାଇଛନ୍ତି । ବାକି ପାଖାପାଖି ୪ଲକ୍ଷ (୩ଲକ୍ଷ ୯୪ହଜାର ୯୨୩ କୁଇଣ୍ଟାଲ ଚାଉଳ) ଏଯାଏ ଫେରାଇ ନାହାନ୍ତି । ୪୬ ମିଲର୍ସଙ୍କ ଭିତରୁ ମାତ୍ର ୪ଟି ରାଇସ ମିଲ୍ ନେଇଥିବା ଧାନ ବାବଦକୁ ଶତପ୍ରତିଶତ ଚାଉଳ ଫେରାଇଛନ୍ତି । ବାକି ୪୨ ମିଲର୍ସଙ୍କ ମଧ୍ୟରେ ଏମିତି ବି ଅଛନ୍ତି, ଯେଉଁମାନେ ମାତ୍ର ୧୩ ରୁ ୨୦ ପ୍ରତିଶତ ଚାଉଳ ଫେରାଇଛନ୍ତି । ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁଙ୍କୁ ଚାଉଳ ଫେରାଇବାରେ ମିଲର୍ସଙ୍କ ବିଳମ୍ବ ନେଇ ପଚାରିବାରୁ, ଏଫ୍‌ସିଆଇରେ ରୋକ୍ ଲାଗିଥିଲେ ମିଲର୍ସଙ୍କ ଚାଉଳ ଫେରାଇ ଦିଆଯାଉଛି । ମିଲର୍ସଙ୍କ ଚାଉଳ ଗାଡ଼ି ଆସୁଥିଲେ ବି ଅନଲୋଡିଂରେ କିଛି ଦିନ ସମସ୍ୟା ହୋଇଥିଲା । ଏଣୁ ବିଳମ୍ବ ହୋଇଥିବା କହିଛନ୍ତି । ଅପରପକ୍ଷରେ ଏଫ୍‌ସିଆଇ ଡିଏମ୍ କହିଛନ୍ତି, ମିଲର୍ସ ଚାଉଳ ଆଣିଲେ ରଖାଯାଉଛି । ପର୍ଯ୍ୟାୟକ୍ରମେ ଠିକ୍ ସମୟରେ ରାଇସ ମିଲ୍‌ଗୁଡ଼ିକ କଷ୍ଟମ ମିଲିଂ ଚାଉଳ ଦେଇନଥିଲେ । ଏବେ ଶେଷ ବେଳକୁ ଚାଉଳ ଏକାଥରକେ ଦେଉଛନ୍ତି । ତାହା ପୁଣି ଯିଏ ଯେତେ ଲଟ୍ ଦେବେ କହୁଛନ୍ତି, ସେତିକି ଦେଉ ନାହାନ୍ତି ବୋଲି ସେ କହିଛନ୍ତି । ଏଠି ପ୍ରଶ୍ନ ଉଠୁଛି ଯେଉଁ ମିଲର୍ସ ଚାଉଳ ଦେବାରେ ବିଳମ୍ବ କରୁଥିଲେ କାହିଁକି ପୂର୍ବରୁ ଯୋଗାଣ ବିଭାଗ ତାଗିଦ କରିନଥିଲା ? ସୂଚନାଯୋଗ୍ୟ ଯେ, ଆସନ୍ତା ୨୨ ତାରିଖରୁ ସମ୍ବଲପୁର ଉପଖଣ୍ଡରେ ଧାନକିଣା ଆରମ୍ଭ ହେବ । ସେହି ତାରିଖ ଯାଏଁ ୪୨ ମିଲର୍ସ ଭିତରୁ କେତେ ଜଣ ଚାଉଳ ଫେରାଇ ପାରିବେ ? ମିଲର୍ସ ବାକି ଫେରାଇବାକୁ ଥିବା ଚାଉଳର ପରିମାଣ ଦେଖିଲେ ଏ ମାସ ଶେଷ ସୁଦ୍ଧା ବି ସେମାନେ ଚାଉଳ ସବୁ ଫେରାଇ ପାରିବେ ନା ନାହିଁ ତାହା ସନ୍ଦେହ । ଏଭଳି ସ୍ଥିତିରେ ଜୟ କିସାନ ଆଦିମ କୃଷକ ସୁରକ୍ଷା ସଂଗଠନ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି । ନିର୍ଦ୍ଧାରିତ ତାରିଖ ଏବଂ ମଣ୍ଡିରେ ୪୮ ଘଣ୍ଟା ଭିତରେ ଚାଷୀଙ୍କ ଧାନ ନଉଠିଲେ ତୀବ୍ର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛି । ସେହିପରି କିଛି ଦିନ ତଳେ ଚାଷୀର ରେଖାଠାରେ ବିଭିନ୍ନ କୃଷକ ସଂଗଠନ ଚାଷୀ ଅଭାବୀ ବିକ୍ରିର ଶିକାର ହେଲେ ତୀବ୍ର ଲଢ଼େଇ ହେବ ବୋଲି ବଜ୍ର ଶପଥ ନେଇଥିଲେ ।

## ଦକ୍ଷତା ବିକାଶ ମାଧ୍ୟମରେ ସମ୍ପ୍ରଦାୟକୁ ସଶକ୍ତ କରିବା

ବଲାଙ୍ଗିର, ୧୬ ନଭେମ୍ବର (ହି.ସ.)- ସଇଁତଳା ଏଫଏମୟୁ ଅଧୀନରେ ବାନଜିବାହାଲି ଭିଏସଏସରେ ଏକ ପ୍ରେରଣାଦାୟକ ଅଧିବେଶନ ପରେ, ୨୦ ଜଣ ଉତ୍ସାହୀ ପ୍ରଶିକ୍ଷକ ଉତ୍ସାହର ସହିତ ଆମ ଆମ ଜଙ୍ଗଲ ଯୋଜନା ଦଳ ଦ୍ୱାରା ଜଙ୍ଗଲ ସୁରକ୍ଷା ସମିତି ବଲାଙ୍ଗୀର ସହଯୋଗରେ ଆୟୋଜିତ ବାଉଁଶ ଶିଳ୍ପ ତାଲିମକୁ ଗ୍ରହଣ କରିଥିଲେ । ତିନି ମାସର କାର୍ଯ୍ୟକ୍ରମ ସେମାନଙ୍କୁ ମୂଲ୍ୟବାନ କୌଶଳ ସହିତ ସଜାଇଛି ଏବଂ ବର୍ତମାନ, ଏହି ପ୍ରତିଭାବାନ ବ୍ୟକ୍ତିମାନେ ବିଭିନ୍ନ ବାଉଁଶ ସାମଗ୍ରୀ ତିଆରି କରୁଛନ୍ତି । ସେମାନଙ୍କର ଯାତ୍ରା ଦକ୍ଷତା ବିକାଶର ପରିବର୍ତନଶୀଳ ଶକ୍ତି ପ୍ରଦର୍ଶନ କରେ ।

## ଜିଲ୍ଲାସ୍ତରୀୟ ମତ୍ସ୍ୟ ପ୍ରାଣୀ ସମ୍ପଦ ମେଳା

କେନ୍ଦ୍ରାପଡ଼ା, ୧୭/୧୧ (ନି.ପ୍ର): କେନ୍ଦ୍ରାପଡାରେ ଜିଲ୍ଲା ସ୍ତରୀୟ ମତ୍ସ୍ୟ ପ୍ରାଣୀ ସମ୍ପଦ ମେଳା କେନ୍ଦ୍ରାପଡା ସ୍ୱୟଂ ଶାସିତ ମହା ବିଦ୍ୟାଳୟ ପଡିଆରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଡ଼ଃ ଦିପ୍ତି ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି ମେଳାରେ କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ପାଟକୁରା ବିଧାୟକ ପ୍ରତିନିଧି ସଂଜୟ ଅଗ୍ରୱାଲା, ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଜିଲ୍ଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ ପ୍ରମୁଖ ଯୋଗଦେଇ ଜିଲ୍ଲା ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ବିଭିନ୍ନ ପ୍ରକଳ୍ପ ସଂପର୍କରେ ପ୍ରକାଶ କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ର, ମତ୍ସ୍ୟ ପ୍ରାଣୀ ସମ୍ପଦ, କୃଷି ଉଦ୍ୟାନ, ମୃତିକା ସଂରକ୍ଷଣ ବିଭାଗ ପକ୍ଷରୁ କ୍ଷେତ ପୋଖରୀ ପ୍ରଦର୍ଶନ କରିବା ସହ ଚାଷୀ ମାନଙ୍କୁ ବିଭିନ୍ନ ପୋଖରୀ ସଂପର୍କରେ ଅବଗତ କରାଇଥିଲେ । ଏହି ମେଳାରେ ମିଶନ ଶକ୍ତି ଇତ୍ୟାଦିର ୨୮ ଗୋଟି ଆକର୍ଷଣୀୟ ଷ୍ଟଲ ଖୋଲା ଯାଇଥିଲା । ଏଥିରେ ଜୀବନ୍ତ ପ୍ରାଣୀ ଓ ମତ୍ସ୍ୟ ବିଭାଗର ବାୟୋଫ୍ଲଗ ପୋଖରୀ ସମନ୍ୱିତ କୃଷିର ପ୍ରଦର୍ଶନ କରାଯାଇଛି । ଏହି ମେଳା ୨ଦିନ ଧରି ଚାଲୁ ରହିବ । ଏସଡିଭିଓ ଡ଼ଃ ମନୋଜ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୃତିକା ସଂରକ୍ଷଣ ସହ ନିର୍ଦ୍ଦେଶକ ଅଶୋକ କୁମାର ସାମଲ, ଉଦ୍ୟାନ କୃଷି ବିଭାଗର ସହ ନିର୍ଦ୍ଦେଶକ ଦେବଦାସ ଦତଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାର ୯ଟି ବ୍ଲକର ବିଭିନ୍ନ ଅଂଚଳରୁ ବହୁ ସଂଖ୍ୟକ ଚାଷୀ ଏଥିରେ ଯୋଗ ଦେଇ କୃଷି ଯନ୍ତ୍ରପାତି ସଂପର୍କରେ ପଚାରି ବୁଝିବା ସହ ଏହାର ବ୍ୟବହାର ସଂପର୍କରେ ବୁଝିଥିଲେ ।

## ସୁବର୍ଣ୍ଣପୁର ଗସ୍ତରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧକ୍ଷ

- ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବ ଜିଲ୍ଲା ଗ୍ରନ୍ଥାଗାର
- ଦଶରାଜପୁରରେ ମୁଖ୍ୟମନ୍ତ୍ରୀ ସଭାଗୃହର ଶିଳାନ୍ୟାସ
- ତରଭା ମିନି ଷ୍ଟାଡିୟମରେ ଉନ୍ନତିକରଣ ପାଇଁ ୧ କୋଟି

ସୁବର୍ଣ୍ଣପୁର, ୧୭/୧୧ (ନି.ପ୍ର): ଆଜି ସୁବର୍ଣ୍ଣପୁର ଗସ୍ତରେ ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧକ୍ଷ ଶ୍ରୀ ଅସିତ୍ ତ୍ରିପାଠୀ । ଏ ଅବସରରେ ଜିଲ୍ଲା ଗ୍ରନ୍ଥାଗାରର ସମ୍ପ୍ରସାରଣ ପାଇଁ ନୂତନ ଗୃହର ଭିତିପ୍ରସ୍ତର ସ୍ଥାପନ କରିଥିଲେ ଓ ୧ କୋଟି ବ୍ୟୟବରାଦରେ ଏହି ନୂତନ ଗ୍ରନ୍ଥାଳୟ ନିର୍ମାଣ କରାଯିବ ଏବଂ ପ୍ରଥମ ପର୍ଯ୍ୟାୟରେ ପଶ୍ଚିମ ଓଡିଶା ବିକାଶ ପରିଷଦ ପକ୍ଷରୁ ୫୦ ଲକ୍ଷ ଟଙ୍କାର ଅନୁଦାନ ଦିଆଯାଇଛି ଓ କାର୍ଯ୍ୟକ୍ରମରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ତଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଶ୍ରୀ ନିରଞ୍ଜନ ପୂଜାରୀ ଯୋଗ ଦେଇଥିଲେ । ଅନ୍ୟପକ୍ଷେ ଉଲୁଣ୍ଡା ଗ୍ରାମପଂଚାୟତରେ ପର୍ଯ୍ୟଟନ ସ୍ଥଳୀର ବିକାଶ ନିମନ୍ତେ ଗ୍ରାମବାସୀଙ୍କ ସହ ଆଲୋଚନା କରିବା ସହ ପରିଷଦର ଅଧକ୍ଷ ଦଶରାଜପୁର ଠାରେ ମୁଖ୍ୟମନ୍ତ୍ରୀ ସଭାଗୃହର ଶିଳାନ୍ୟାସ କରିଛନ୍ତି । ପଶ୍ଚିମ ଓଡିଶା ବିକାଶ ପରିଷଦ ଏହି ପ୍ରୋଜେକ୍ଟ ପାଇଁ ୬୮ ଲକ୍ଷ ୮୦ ହଜାର ଟଙ୍କା ବ୍ୟୟବରାଦ କରିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୪୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ନୀଳମାଧବ ପଣ୍ଡା ଉପସ୍ଥିତ ଥିଲେ । ତରଭା ବିଜ୍ଞାପିତ ଅଂଚଳ ପରିଷଦ ଗସ୍ତ ସମୟରେ ମିନି ଷ୍ଟାଡିୟମ ପରିଦର୍ଶନ କରିଛନ୍ତି ଅଧକ୍ଷ ଶ୍ରୀ ତ୍ରିପାଠୀ । ଷ୍ଟାଡିୟମରେ ପାଭିଲିୟନ୍ ର ଶିଳାନ୍ୟାସ କରିଛନ୍ତି ଶ୍ରୀ ତ୍ରିପାଠୀ । ଏହି ମିନି ଷ୍ଟାଡିୟମର ଉନ୍ନତିକରଣ ନିମନ୍ତେ ମନ୍ତ୍ରୀ ଶ୍ରୀଯୁକ୍ତ ନିରଞ୍ଜନ ପୂଜାରୀ ପ୍ରସ୍ତାବ ଦେଇଥିଲେ । ଉନ୍ନତିକରଣ ନିମନ୍ତେ ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରୁ ୧ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଏହି ଅବସରରେ ଶ୍ରୀ ତ୍ରିପାଠୀ କହିଛନ୍ତି, ଖେଳପଡିଆର ଉନ୍ନତିକରଣ ଓ ରକ୍ଷଣାବେକ୍ଷଣା ହୋଇପାରୁ ନଥିବାରୁ କ୍ରୀଡାପ୍ରେମୀ ଅନେକ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏହି ସମସ୍ୟାର ସମାଧାନ ପାଇଁ ଅନେକ ଦିନରୁ ଦାବି ହୋଇ ଆସୁଥିଲା ତେଣୁ ପଶ୍ଚିମ ଓଡିଶା ବିକାଶ ପରିଷଦ ପକ୍ଷରୁ ଏହାର ଉନ୍ନତିକରଣ କରାଯିବ । ଜିଲ୍ଲା ଗସ୍ତ ସମୟରେ ଜିଲ୍ଲାପାଳ ଶ୍ରୀ ବିମଳେନ୍ଦୁ ରାୟ ଉପସ୍ଥିତ ଥିବାବେଳେ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ଼ ଅଜିତ୍ କୁମାର ମିଶ୍ର ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ବଲାଙ୍ଗୀର ଜିଲ୍ଲାର ୩ ଜଣ ବାଳିକା କରାଟେ ପ୍ରତିଯୋଗୀଙ୍କ ଦିଲ୍ଲୀ ଗସ୍ତ

ବଲାଙ୍ଗୀର, ୧୭/୧୧ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ୩ ଜଣ ବାଳିକା କରାଟେ ପ୍ରତିଯୋଗି ଜାତୀ ଉପ-କନିଷ୍ଠ କରାଟେ ପ୍ରତିଯୋଗିତାରେ ଓଡିଶା ରାଜ୍ୟ କରାଟେ ସଂଘ ପକ୍ଷରୁ ପ୍ରତିନିଧିତ୍ୱ କରିବେ । ସୁପ୍ରିୟା ସାହୁ ୧୦ ବର୍ଷ(୪୦ କେଜି), ସମିକ୍ଷା ସମୃଦ୍ଧି ଷଡଙ୍ଗି ୧୧ ବର୍ଷ (୪୫ କେଜି) ଓ ତମନ୍ନା ମେହେର ୧୩ ବର୍ଷ(୩୫ କେଜି) କୁମିତିରେ ଭାଗ ନେବେ । ଜାତୀୟ ଉପ କନିଷ୍ଠ କରାଟେ ପ୍ରତିଯୋଗିତା ନୂଆଦିଲ୍ଲୀ ର ତାଲକୋଟରା ଇଣ୍ଡୋର ଷ୍ଟାଡିୟମ ଠାରେ ନଭେମ୍ବର ୧୭/୧୮/୧୯ ୨୦୨୩ ତାରିଖରେ ହେବାକୁ ଯାଉଅଛି । ବଲାଙ୍ଗିର ଜିଲ୍ଲା କରାଟେ ସଂଘର ସଂପାଦକ ହୃଦୟ ଶବର ଙ୍କ ସହିତ ତାରିଖ ୧୬.୧୧.୨୦୨୩ରେ ବଲାଙ୍ଗିର ରୁ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଛନ୍ତି । ସମସ୍ତ ବାଳିକା କରାଟେ (କୁମିତେ) ରେ ରାଜ୍ୟ ଉପ କନିଷ୍ଠ କରାଟେ ପ୍ରତିଯୋଗିତା ରେ ସ୍ୱର୍ଣ୍ଣ ପଦକ ହାସଲ କରି ଜାତୀୟ ଉପ କନିଷ୍ଠ କରାଟେ ପ୍ରତିଯୋଗିତା ପାଇଁ ଚୟନ ହୋଇଥିଲେ । ତା.୧୮.୧୧.୨୦୨୩ ଦିନ ସମସ୍ତ ବାଳିକା ବିଭାଗର ପ୍ରତିଯୋଗିତା ଅନୁଷ୍ଠିତ ହେବ । ବଲାଙ୍ଗିର ଜିଲ୍ଲାରୁ ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିଥିବାରୁ ଜିଲ୍ଲା କରାଟେ ସଂଘର ସଭାପତି ଦେବବ୍ରତ ବେହେରା, ଉପଦେଷ୍ଟା ମାନୁଏଲ ନାଗ, ଉପ-ସଭାପତି ସୁରେଶ ଜାଲ, ଉମେଶ ନନ୍ଦ, କୋଷାଧକ୍ଷ ଗୋଲାପ ବାଗ, ସହ-ସଂପାଦକ ସରୋଜକାନ୍ତ ବେହେରା, କରାଟେ ପ୍ରଶିକ୍ଷକ ଚନ୍ଦ୍ର ଶେଖର ସେଠ ସମସ୍ତ ସଦସ୍ୟ ଓ ଖେଳ ପ୍ରେମୀ ଶୁଭେଚ୍ଛା ଜଣାଇଛନ୍ତି ।

## ହାନାଗୁଡ଼ା ସରକାରୀ ଜମି ଜବରଦଖଲ ମାମଲା : ୮ରୁ ୬ ଜଣ ହାଇକୋର୍ଟର ଦ୍ୱାରସ୍ଥ

ଜୟପୁର, ୧୭/୧୧ (ନି.ପ୍ର): ୱାର୍ଡ ନଂ ୩ ହାନାଗୁଡାରେ ଥିବା ସରକାରୀ ଜମି ଖାତା ନଂ ୧୪୫୮ ଓ ପ୍ଲଟ ନଂ ୩୪୯ରେ ପ୍ରାୟ ଦେଢ଼ ଏକର ଜମି ଏବେ ଜବରଦଖଲକାରୀଙ୍କ କବଜାରେ । ଜବରଦଖଲ ହୋଇଥିବା ସରକାରୀ ଜମିରେ ଅତ୍ୟାଧୁନିକ କଲ୍ୟାଣ ମଣ୍ଡପ ସହ ଆନିମଲ ବାର୍ଥ(ଏବିସି) କଂଟ୍ରୋଲ କାର୍ଯ୍ୟକ୍ରମ ଅର୍ନ୍ତଗତ କୁକୁରଙ୍କୁ ବନ୍ଧ୍ୟାକରଣ କେନ୍ଦ୍ର ଖୋଲିବାକୁ ପେ ?ରପାଳିକା ପକ୍ଷରୁ ଯୋଜନା କରାଯାଇଥିଲା । ପୌରପାଳିକା ପକ୍ଷରୁ ୮ଜଣଙ୍କୁ ଚିହ୍ନଟ କରି ଜମି ଖାଲି କରିବାକୁ ନୋଟିସ୍ ଦେଇଥିଲେ । ୮ରୁ ୬ଜଣ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ମାମଲାକୁ ସାମାୟିକ ଭାବେ ବନ୍ଦ କରି ସ୍ଥିତବସ୍ଥା ଜାରି କରିଛନ୍ତି । ପୌରପାଳିକା ସହ ଅପରପକ୍ଷ ଆଲୋଚନା କରି ଏହାର ରିପୋର୍ଟ କୋର୍ଟରେ ଦାଖଲ କରିବାକୁ ପୌରପାଳିକାକୁ ନିର୍ଦ୍ଦେଶ ଦେଇଛନ୍ତି । ପୌରପାଳିକା ପକ୍ଷରୁ ସମସ୍ତ ୮ଜଣଙ୍କୁ ଡାକିଥିଲେ ହେଁ କେହି ବି ପୌରପାଳିକାକୁ ଯାଇ ନଥିଲେ । ତେଣୁ ପୌରପାଳିକା ପକ୍ଷରୁ ଆଉ ଥରେ ନୋଟିସ ଦେଇ ଆଉ ଗୋଟିଏ ତାରିଖ ନିର୍ଦ୍ଧାରଣ କରାଯାଇଥିବା କହିଛନ୍ତି ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ । ଦ୍ୱିତୀୟ ତାରିଖରେ କେହି ଉପସ୍ଥିତ ନ ହେଲେ ସେ ସଂପର୍କରେ କୋର୍ଟକୁ ଜଣାଇ ପରବର୍ତୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ । ଜବରଦଖଲ ଜମିରେ ବ୍ୟବସାୟୀକ ଏବଂ ଭଡ଼ାରେ ଦେବା ଉଦ୍ଦେଶ୍ୟରେ ଜମିକୁ ବ୍ୟବହାର କରାଯାଇଛି ବୋଲି କହିଛନ୍ତି ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ । ତୁରନ୍ତ ଅତ୍ୟାଧୁନିକ କଲ୍ୟାଣ ମଣ୍ଡପ କରାଯିବା ପାଇଁ ପ୍ରସ୍ତାବ ରହିଥିବାରୁ ଅନ୍ୟ ସ୍ଥାନ ଚୟନ ପ୍ରକ୍ରିୟାରେ ରହିଛି, କିନ୍ତୁ କୁକୁର ବନ୍ଧ୍ୟାକରଣ କେନ୍ଦ୍ର ସେହି ସ୍ଥାନରେ ହିଁ କରାଯିବ ବୋଲି କହିଛନ୍ତି ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ।

## କାଳୀପୂଜା ଅବସରରେ ମଝିପଡ଼ାଠାରେ ରକ୍ତଦାନ ଶିବିର

ସୋନପୁର, ୧୭/୧୧ (ନି.ପ୍ର): ସୋନପୁର ସହରର ଅଗ୍ରଣୀ ତଥା ବହୁ ପୁରାତନ ଅନୁଷ୍ଠାନ ରାମଧୁନ କ୍ଲବ ତରଫରୁ କାଳୀ ପୂଜା ଉପଲକ୍ଷେ ଏବଂ ସହୀଦ ପ୍ରତାପ ନାଏକ ଓ ସଚିନ ସାହୁଙ୍କ ସ୍ମୃତିରେ ଆଜି ଏକ ରକ୍ତଦାନ ଶିବିର ମଝିପଡ଼ା ନାମ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଥିଲା । ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟ ନାରାୟଣ ଦାଶ, ମୁଖ୍ୟ ଅତିଥି ଓ ଜିଲ୍ଲା ଅବକାରୀ ଅଧିକ୍ଷିକା ଶ୍ରୀମତୀ ସୁମତି ତ୍ରିପାଠୀ ଯୋଗଦେଇ ଏହାକୁ ଉଦଘାଟନ କରି ରକ୍ତ ଦାତା ଓ ଆୟୋଜକ ଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟତମ ଅତିଥି ଭାବେ ସମାଜସେବୀ ଶ୍ରୀବତ୍ସ ମଲ୍ଲିକ, ଆର୍ତତ୍ରାଣ ବାବୁ, ଜ୍ୟୋତି ରଞ୍ଜନ ପଟ୍ଟନାୟକ, କିଶନ ଲାଲ ଆଗ୍ରୱାଲା, ଜିତେନ୍ଦ୍ର ସାହୁ, ସତ୍ୟ ନାରାୟଣ ଦରୱାନ, କ୍ରୀଡ଼ାବିଦ ସତ୍ୟ ନାରାୟଣ ରାଓ, ପ୍ରାକ୍ତନ ନଗରପାଳ କଇରୁ ସ୍ୱାଇଁ, ଜିଲ୍ଲା ଯୋଜନା ବୋର୍ଡ ସଦସ୍ୟ ପିୟୁଷ ପଣ୍ଡା ଯୋଗ ଦେଇଥିଲେ ।

# ବାଲେଶ୍ୱର ଜିଲ୍ଲା ଇପିଏଫ୍ ପେନସନର୍ସ ଆସୋସିଏସନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

## ଚାରି ଦଫା ଦାବି ପୂରଣ ପାଇଁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ



ବାଲେଶ୍ୱର, ୧୬।୧୧ : ଅଲ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏସନ ଓ ସର୍ବଭାରତୀୟ ସଙ୍ଗଠନର ମିଳିତ ଆହ୍ୱାନ କ୍ରମେ ବାଲେଶ୍ୱର ଜିଲା କର୍ମଚାରୀ ଭବିଷ୍ୟନିଧି ପାଣ୍ଠି(ଇପିଏଫ୍) ପେନସନର୍ସ ଆସୋସିଏସନ ପକ୍ଷରୁ ଚାରି ଦଫା ଦାବି ପୂରଣ ସକାଶେ ଆଜି ପୂର୍ବାହ୍ନରେ ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହିତ ଏକ ବିରାଟ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଙ୍ଗଠନର କର୍ମକର୍ତ୍ତାମାନେ ଉଦବୋଧନ ଦେଇ କେନ୍ଦ୍ର ସରକାର ତୁରନ୍ତ ଇପିଏଫ୍ ପେନସନଭୋଗୀଙ୍କୁ ମାସିକ ସର୍ବନିମ୍ନ ୯ହଜାର ଟଙ୍କା ପେନସନ, ସୁପ୍ରିମକୋର୍ଟଙ୍କ ଆଦେଶ ମୂଳେ ଅଧିକ ବେତନ ପାଇଥିବା କର୍ମଚାରୀଙ୍କୁ ଅବସର ପରେ ଅଧିକ ହାରରେ ପେନସନ୍, ସମସ୍ତ ଇପିଏଫ୍ ପେନସନ ଭୋଗୀଙ୍କୁ ମହଙ୍ଗା ଭତ୍ତା ଓ ଇପିଏଫ୍ ପେନସନଭୋଗୀଙ୍କୁ ସରକାରୀ ସ୍ୱାସ୍ଥ୍ୟ ବୀମା ପ୍ରଦାନ କରିବାକୁ ଦୃଢ଼ ଦାବି କରିଥିଲେ। ଏହି ମର୍ମରେ ଏକ ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଦତାତ୍ରୟ ଭାଉସାହେବ ସିନ୍ଦେଙ୍କୁ ପ୍ରଦାନ କରାଯାଇଥିଲା। ଏହି ବିକ୍ଷୋଭ ଓ ପ୍ରତିବାଦ ସଭା ?େ??ର ଜିଲା ସଭାପତି ଅନାଦିଚରଣ ବେହେରା ଅଧ୍ୟକ୍ଷତା କରିଥିଲେ। ଜିଲା ସମ୍ପାଦକ ବିଷ୍ଣୁପ୍ରସାଦ ମହାନ୍ତି, ସଂଘର ରାଜ୍ୟ ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ, ଜିଲା କୋଷାଧ୍ୟକ୍ଷ ଜଳଧର ପଣ୍ଡା ଓ ମାୟାଧର ନାୟକ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ଦାବି ଗୁଡ଼ିକର ଯଥାର୍ଥତା ଓ ଅବସର ପରେ ବରିଷ୍ଠ ନାଗରିକମାନେ ସମ୍ମୁଖୀନ ହେଉଥିବା ଆର୍ଥିକ ଦୁରବସ୍ଥା ସମ୍ପର୍କରେ ପ୍ରକାଶ କରିଥିଲେ। ଆସନ୍ତା ଡିସେମ୍ବର ୧୨ ତାରିଖରେ ଦିଲ୍ଲୀ ସମାବେଶରେ ପ୍ରତିନିଧିମାନେ ଯୋଗ ଦେବାକୁ ସେମାନେ ଆହ୍ୱାନ ଦେଇଥିଲେ। ଯଦି କେନ୍ଦ୍ର ସରକାର ଦେଶର ୭୭ଲକ୍ଷ ଇପିଏଫ୍ ପେନସନଭୋଗୀଙ୍କ ସମସ୍ୟା ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ ନକରନ୍ତି ତେବେ ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଦାବି ଓ ଆନ୍ଦୋଳନକୁ ସମର୍ଥନ ଜଣାଇ ବାଲେଶ୍ୱର ଜିଲା ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଦାମୋଦର ନାୟକ, ସିଭିଲ ସୋସାଇଟିର ଜିଲା ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ଅବସରପ୍ରାପ୍ତ ବିଦ୍ୟୁତ କର୍ମଚାରୀ ସଂଘର ନେତା ଭରତଚନ୍ଦ୍ର ସେଠୀ, ବରିଷ୍ଠ ସମାଜସେବୀ ସୀତାରାମ ପ୍ରଧାନ, ଡାକ କର୍ମଚାରୀ ସଂଘ ନେତା ନିରଞ୍ଜନ ରାଉତ ଓ ଏଆଇଟିୟୁସିର ଜିଲା ସଭାପତି ଭାଗବତ ପ୍ରତିହାରୀ ପ୍ରମୁଖ କେନ୍ଦ୍ର ସରକାରଙ୍କ ଅବିଚାର ବିରୋଧରେ ସେମାନଙ୍କର ମତ ପ୍ରଦାନ କରି ତୁରନ୍ତ ଦାବିଗୁଡ଼ିକ ପୂରଣ କରିବାକୁ ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରିଥିଲେ। ଅଫିସ ସମ୍ପାଦକ ଶ୍ୟାମସୁନ୍ଦର ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ସମାବେଶ ଓ କାର୍ଯ୍ୟକ୍ରମ ପରିଚାଳନାରେ ଶଶିରଞ୍ଜନ ମଲ୍ଲିକ, ପରମେଶ୍ୱର ପାତ୍ର, ଶରତଚନ୍ଦ୍ର ଦଳାଇ, ଗୌରାଙ୍ଗ ସାହୁ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଭଗବାନ ସୁର, ଯୋଗେନ୍ଦ୍ର ମାହାନ୍ନା, ଦୈତ୍ୟାରୀ ଗିରି, ଭାସ୍କର ବେହେରା, ରତ୍ନାକର ପଣ୍ଡା ଓ ପୂର୍ଣ୍ଣଚନ୍ଦ୍ର ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ଶାଳଗାଁ ଉଚ୍ଚ ବିଦ୍ୟାଳୟ ସମବାୟ ସପ୍ତାହରେ କୃତିତ୍ୱ



ବଡ଼ସାହି , ୧୭/୧୧ (ନି.ପ୍ର): ବଡ଼ସାହି ବ୍ଲକ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଶାଳଗାଁ ର ଶକ୍ତିପ୍ରଦ ସାହୁ ଦଶମ ଶ୍ରେଣୀ ଛାତ୍ର ଅଖିଳ ଭାରତୀୟ ସମବାୟ ସପ୍ତାହ ଉପଲକ୍ଷେ ସ?ହକାରୀ ନିବନ୍ଧକ ସମବାୟ ସମିତି ବାରିପଦା ଖଣ୍ଡ ବାରିପଦା କାର୍ଯ୍ୟାଳୟରେ ଜିଲ୍ଲା ସ୍ତରୀୟ ରଚନା ଓ ବକ୍ତୃତା ପ୍ରତିଯୋଗିତା ରେ ଭାଗ ନେଇ ଉଭୟ ରେ ତୃତୀୟ ସ୍ଥାନ ଅଧିକାର କରି କୃତିତ୍ୱ ହାସଲ କରିଥିଲେ । ଆଜି ଜିଲ୍ଲାସ୍ତରୀୟ ସମବାୟ ମହୋତ୍ସବରେ ମୁଖ୍ୟ ଅତିଥି ମାନ୍ୟବର ଶ୍ରୀଯୁକ୍ତ ସୁଦାମ ମାର୍ଣ୍ଡି, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ହାତରୁ ମାନପତ୍ର ଓ ଉପଢ଼ୌକନ ନେଇ ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ବିଭିନ୍ନ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ପ୍ରତିଯୋଗିତା ରେ ଭାଗ ନେଇଥିଲେ । ଆଗାମୀ ଦିନ ରେ ସମବାୟ ର କାର୍ଯ୍ୟକଳାପ କୁ ସଚେତନତା ସୃଷ୍ଟି କରିବା ପାଇଁ ସମବାୟ ବିଭାଗର ଏହା ଏକ ଅଭିନବ ପ୍ରୟାସ । ଶ୍ରୀ ଶକ୍ତିପ୍ରଦ ସାହୁ ପ୍ରତିନିଧିତ୍ୱ କରି ବଡ଼ସାହି ବ୍ଲକ ର ଗୌରବାର୍ଜନ କରିଥିବାରୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ବେହେରା ତଥା ଅନ୍ୟ ଶିକ୍ଷକ ମାନଙ୍କୁ ଜନସାଧାରଣ ପ୍ରଶଂସା କରିଛନ୍ତି।

# ବ୍ଲକସ୍ତରୀୟ ବିଜ୍ଞାନ ମେଳା

ଲଙ୍ଗଳେଶ୍ୱର ୧୭/୧୧(ନିପ୍ର): ବସ୍ତା ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ଦରଡ଼ା ଲକ୍ଷ୍ମୀନାରାୟଣ ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଯାଇଛି। କାର୍ଯ୍ୟକ୍ରମକୁ ବସ୍ତା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଜୟ କୁମାର ଜେନାଙ୍କ ସଭାପତିତ୍ୱରେ ଉଦଘାଟକ ଭାବେ ବସ୍ତା ବିଧାୟକ ନିତ୍ୟାନଦ ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଆଇ ଟି ଆର ଚାନ୍ଦିପୁରର ସିନିୟର ଆଡମୀଷ୍ଟେଟିବ ଅଧିକାରୀ ପ୍ରଣୟ ଦାସ, ସମ୍ମାନିତ ଅତିଥି ଭାବେ ବସ୍ତା ବ୍ଲକ ଅଧକ୍ଷା ଅଞ୍ଜଳୀ ଦାସ, ସମ୍ମାନୀତ ଅତିଥି ପ୍ରକୃତି ବନ୍ଧୁ ପୁରସ୍କାର ପ୍ରାପ୍ତ ସମାଜସେବୀ ସୁମନ୍ତ କୁମାର ଜେନା, ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ଦାସ, ଦରଡ଼ା ସମିତି ସଭ୍ୟ ସୁବ୍ରତ କୁମାର ପଣ୍ଡା, ଦରଡ଼ା ସରପଞ୍ଚ ପ୍ରତିନିଧି ପ୍ରଦୀପ କୁମାର ବିଶ୍ୱାଳ,ପୂର୍ବତନ ଜିଲ୍ଲା ବିଜ୍ଞାନ ନୀରିକ୍ଷକ କୃଷ୍ଣ ମୋହନ ସିଂ, ଦରଡ଼ା ଆଞ୍ଚଳିକ ସାଧନା କେନ୍ଦ୍ର ସଂଯୋଜକ ହରପ୍ରିୟା ବିଶ୍ୱାଳ,ଭାରପ୍ରପ୍ତ ପ୍ରଧାନ ଶିକ୍ଷକ ବେଣୁଧର ନନ୍ଦୀ,ବିଜ୍ଞାନ ସଂଯାଯୋକ ସନ୍ତୋଷ କୁମାର ସାହୁ ଓ ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ସୁରେଶ କୁମାର ସେଠୀ ପ୍ରମୁଖ ଯୋଗଦେଇ ବିଜ୍ଞାନ ଓ ବିଜ୍ଞାନ ଉପକାରିତା ବିଷୟରେ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ।ଏହି ବିଜ୍ଞାନ ମେଳାରେ ସିନିୟର, ଜୁନିୟର,ଶବ ଜୁନିୟର ଛାତ୍ର/ଛାତ୍ରୀଙ୍କ ଦ୍ୱାରା ୧୬୪ ପ୍ରକଳ୍ପ ପ୍ରର୍ଦଶୀତ ହୋଇଥିଲା।ତେବେ ବସ୍ତା ଶିକ୍ଷା ଅଧିନସ୍ଥ ଚୁରପଦା ନୋଡାଲ ସ୍କୁଲର ୮ମ ଶ୍ରେଣୀ ଛାତ୍ରୀ ସୁଦର୍ଶନା ସେନାପତି ରାଜ୍ୟ ସ୍ତରୀୟ ମିଲେଟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଙ୍କୁ ବିଧାୟକ ଶ୍ରୀ ସାହୁଙ୍କ ଦ୍ୱାରା ଫୁଲ ତୋଡା,ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ମିଳିତ ସାମ୍ବାଦିକ ସଂଘର ଜାତୀୟ ପ୍ରେସ ଦିବସ ପାଳିତ



ଜଳେଶ୍ୱର , ୧୭/୧୧ (ନି.ପ୍ର): ଜାତୀୟ ପ୍ରେସ ଦିବସ ଅବସରରେ ଜଳେଶ୍ୱରର ସାମ୍ବାଦିକ ମାନଙ୍କ ପକ୍ଷରୁ ମିଳିତ ସାମ୍ବାଦିକ ସଂଘ ଦ୍ୱାରା ଏହି ଦିବସକୁ ବାସନ୍ତୀ ପଡିଆଠାରେ ଗତ ଗୁରୁବାର ସଂଧ୍ୟାରେ ମନୋରମ ପରିବେଶ ମଧ୍ୟରେ ପାଳିତ ହୋଇଛି । ଏଥିରେ ବରିଷ୍ଠ ସାମ୍ବାଦିକ ଅମର କୁମାର ଆଚାର୍ଯ୍ୟ ସଭାପତିତ୍ୱ କରିଥିବା ବେଳେ ସରୋଜ କୁମାର ପାଣିଗ୍ରାହୀ ପରିଚାଳନା କରିଥିଲେ । ମୁଖ୍ୟ ଅତିଥିଭାବେ ଜଳେଶ୍ୱର ଏସ୍‌ଡିପିଓ ଦିଲ୍ଲିପ କୁମାର ସାହୁ ଯୋଗ ଦେଇ ୧୯୬୬ ମସିହା ନଭେମ୍ବର ୧୬ ତାରିଖରେ ପ୍ରେସ କାଉନ୍‌ସିଲ ଗଠିତ ହେବାଦିନ ଠାରୁ ପ୍ରେସ୍ ଦିବସ ପାଳିତ ହୋଇ ଆସୁଛି । ପୁରାଣକାଳରେ ନାରଦ ଓ ସଂଜୟ ସାମ୍ବାଦିକତାର କାର୍ଯ୍ୟକରିଥିବା ବେଳେ ଏବେ ସାମ୍ବାଦିକମାନେ ସେପରି କାର୍ଯ୍ୟରୁ ଓହରି ଯାଇ ନାହାନ୍ତି, ବରଂ ସମ୍ବିଧାନରେ ଗଣତନ୍ତ୍ରକୁ ରକ୍ଷାଲାଗି ବ୍ୟବସ୍ଥାପକ, କାର୍ଯ୍ୟକାରୀଣି, ବିଚାର ବିଭାଗ ସରକାରଙ୍କ ଅଧିନରେ କାର୍ଯ୍ୟ କରୁଥିବା ବେଳେ ନିର୍ଭିକ, ସତ୍ୟ ସମ୍ବାଦ ପ୍ରକାଶ ଲାଗି ପ୍ରେସ୍‌କୁ ଅନ୍ୟଏକ ସ୍ୱାଧିନ ସ୍ତମ୍ଭରେ ରଖାଯାଇଥିବା କହିଥିଲେ । ମୁଖ୍ୟବକ୍ତାଭାବେ ଅଧ୍ୟାପକ କେଦାରନାଥ ମହାନ୍ତି ଯୋଗଦେଇ ସାମ୍ବାଦିକତା ଏବ ବୃତ୍ତି ନୁହେଁ, ବରଂ ଏହା ବ୍ରତ ହୋଇଥିବାରୁ ନିଜର ବୃତ୍ତିକୁ ପାଥେୟକରି ସ୍ତୁତି, ସମୀକ୍ଷା ସହା ଅନ୍ୟକୁ ନ୍ୟାୟ ଦେବା ସାମ୍ବାଦିକର ଧର୍ମ ବୋଲି କହିଥିଲେ । ସମ୍ମାନୀତ ଅତିଥିଭାବେ ପଂଚାୟତ ସମିତି ଅଧ୍ୟକ୍ଷ ମାନସ କୁମାର ଜେନା, ଉପାଧ୍ୟକ୍ଷା ସଂଜିତା ସେନାପତି, ପୌରଅଧ୍ୟକ୍ଷ ପ୍ରତୀପ ପ୍ରଧାନ, ଉପାଧ୍ୟକ୍ଷା, ପୁଷ୍ପପ୍ରିୟା କାମିଲା, ପୌରକାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ କୁମାର ମହାପାତ୍ର, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ, ଆଇନ୍‌ଜିବୀ ଅନୀଲ ପରିଡା ଓ କୁଂଜବିହାରୀ ଦାସ, ଦିଲ୍ଲିପ କୁମାର ଗିରି, ଦିବ୍ୟକାମ ମହାନ୍ତି, ପରମାନନ୍ଦ ମହାପାତ୍ର, ଓଷ୍ଟା ବ୍ଲକ ସଭାପତି ଡ. ଅଜିତ୍ କୁମାର ମହାନ୍ତି, ସୁଦାମ ପାତ୍ର ପ୍ରମୁଖ ବକ୍ତବ୍ୟ ରଖି ନିର୍ଭିକ ସାମ୍ବାଦିକତା ସ୍ୱଚ୍ଛ ଗଣତନ୍ତ୍ରର ଅଂଗ ବୋଲି କହିଥିଲେ । ସମ୍ବାଦପତ୍ର ସମାଜର ଦର୍ପଣ, ଲେଖନୀ ନିର୍ଭିକ, ନିର୍ଭୁଲ ଚାଳନା ହେଲେ ଦୁର୍ନିତୀ, ବ୍ୟଭିଚାର, ଶୋଷଣ ଲୋପ ପାଇବ ବୋଲି କହିଥିଲେ । ମନୋଜ ଭୂୟାଁଙ୍କ ପରିଚାଳନାରେ ଓଡିଶୀ, ନୃତ୍ୟ, ସଂଗୀତ ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମେଲୋଡି ଅନୁଷ୍ଠିତ ହୋଇଥିଲା । ରାଜେଶ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ସତ୍ୟବ୍ରତ ପ୍ରଧାନଙ୍କ ନେତୃତ୍ୱରେ ସମଗ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।


**OFFICE OF THE PANCHAYAT SAMITI, BASUDEVPUR**

At/po: Basudevpur, Dist: Bhadrak, Email: Ori-Basudevpur@nic.in

Letter No: 5990/ Date: 16.11.2023

**Tender Call Notice-05/2023**

1. Name of the Project :- "Construction of Mission Shakti Bazar Complex
2. Total No of Project :- 01 no
3. Class of Contractor :- "C & D" Class
4. Period of Completion :- 3 Calender Months
5. Other details :- As per DTCN.

| Sl No | Procurement Officer | Available Tender On-line for bidding | | Last date of receipt of Bids | Date & time of opening of Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| 1 | Block Development Officer, Basudevpur | 17.11.2023 | 01.12.2023 | 01.12.2023 12.00 PM | 01.12.2023 3.30 PM |

6. Further details can be seen from the website portal "https:// www.bhadrak.nic.in
7. Any other changes/Corrigendum/Addendum may be seen only in website www.bhadrak.nic.in
8.

OIPR: 19306/11/0007/2324

Block Development officer
Basudevpur


# ଜ୍ୟୋତି ଅନୁଷ୍ଠାନ ପକ୍ଷରୁ ସାହିତ୍ୟ ସଭା



ସମ୍ବଲପୁର: ଆଜି ବସୁମତୀ ସାହିତ୍ୟ ସଂସଦ ଆନୁକୁଲ୍ୟରେ ଜ୍ୟୋତି ଅନୁଷ୍ଠାନ ସହ ମିଳିତ ଭାବରେ ଏକ ଅନୈପଚାରିକ ସାହିତ୍ୟ ସଭାର ଆୟୋଜନ ଜ୍ୟୋତି ଅନୁଷ୍ଠାନ କକ୍ଷରେ ଆୟୋଜିତ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବରେ ଭାରତର ବିଶିଷ୍ଟ ଚକ୍ଷୁ ଚିକିତ୍ସାବିତ୍ ତଥା ସୁସାହିତ୍ୟିକା ଡ. ଅନୀତା ପଣ୍ଡା ଯୋଗଦାନ ଦେଇଥିଲେ। ଏ ସଭାରେ ସଂସଦର ସଭାପତି ପ୍ରଫେସର କୁମୁଦ ରଂଜନ ପାଣିଗ୍ରାହୀ ଅଧକ୍ଷତା କରିଥିଲେ । ମଂଚାସୀନ ଥିଲେ ଉପସଭାପତି ପ୍ରଫେସର ଗିରିଜା ଶଂକର ଶର୍ମା ଓ ସଂପାଦକ ଚକ୍ଷୁ ବିଶେଷଜ୍ଞ ଡାକ୍ତର ଗୁଣ ସାଗର ଦାଶ । ଜୟକୃଷ୍ଣ ବେହେରା, ରାମଚରଣ ଗୁରୁ, ପଙ୍କଜିନି ନାୟକ ତାଙ୍କର ପ୍ରକାଶିତ ପୁସ୍ତକର ସମ୍ବନ୍ଧରେ ଆଲୋଚନା କରିଥିଲେ । ପ୍ରଫେସର ଗିରିଜା ଶଂକର ଶର୍ମା 'ବୈଷୟିକ ବିଦ୍ ମାନଙ୍କ ସାହିତ୍ୟ ସାଧନା ଓ ସୃଜନ ମାନସ' ଉପରେ ଆଲୋଚନା କରି ନିଜର ମନ୍ତବ୍ୟ ପ୍ରଦାନ କରିଥିଲେ । ସଭାପତି ପ୍ରଫେସର କୁମୁଦ ରଂଜନ ପାଣିଗ୍ରାହୀ ଓ ଗୁଣ ସାଗର ଦାଶ ନିଜମତ ପ୍ରକାଶ କରିଥିଲେ । ମୁଖ୍ୟ ଅତିଥି ପ୍ର. ଡକ୍ଟର ଅନୀତା ପଣ୍ଡା କହିଥିଲେ ଯେ ଡାକ୍ତର ମାନେ ଓ ଓକିଲମାନେ ତାଙ୍କ ରୋଗୀ ତଥା ମହକିଲଙ୍କ ବିଷୟରେ ତଥ୍ୟ ସଂଗ୍ରହ କରି ଅତି ସୁନ୍ଦର ଗଳ୍ପ କିମ୍ବା ଉପନ୍ୟାସ ସୃଷ୍ଟି କରିପାରନ୍ତି ଯାହା କାଳ୍ପନିକ ବିଷୟବସ୍ତୁ ଠାରୁ ଅଧିକ ସୁନ୍ଦର ହୋଇପାରେ । ତେଣୁ ବୈଷୟିକ ଜ୍ଞାନ କୌଣସି ଆକାରରେ ସାହିତ୍ୟ ସର୍ଜନା ଦିଗରେ ଅନ୍ତରାୟ ସୃଷ୍ଟି କରେ ନାହିଁ । ଶେଷରେ ଶ୍ରୀ ଜୟକୃଷ୍ଣର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଓଇଆରସି ଅଧକ୍ଷ ....

ଆଗକୁ ବିଦ୍ୟୁତ ଟାରିଫ ନିର୍ଦ୍ଧାରଣ ପାଇଁ ପ୍ରକ୍ରିୟା ଆରମ୍ଭ ହେବାକୁ ଥିବାବେଳେ ଓଇଆରସି ଅଧକ୍ଷ ପଦରୁ ଶ୍ରୀ ମହାପାତ୍ରଙ୍କ ଇସ୍ତଫାକୁ ଅନୁମୋଦନ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଛାଇ ନାହାନ୍ତି । ତାଙ୍କୁ ପୁରସ୍କାର ସ୍ୱରୂପ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ମୁଖ୍ୟ ଉପଦେଷ୍ଟା ଭାବେ ନିଯୁକ୍ତି ଦେଇଛନ୍ତି । ଚର୍ଚ୍ଚା ହେଉଛି, ପୁରୀ ଲୋକସଭା ସାଂସଦ ପିନାକୀ ମିଶ୍ର ପୁଣିଥରେ ପ୍ରାର୍ଥୀ ହେବାକୁ ଅନିଚ୍ଛୁକ ଥିବାରୁ ଶ୍ରୀ ମହାପାତ୍ରଙ୍କୁ ପୁରୀ ଆସନରୁ ବିଜେଡି ପ୍ରାର୍ଥୀ କରିବ । ନିର୍ବାଚନକୁ ଦୃଷ୍ଟିରେ ରଖି ତାଙ୍କୁ ଓଇଆରସି ଅଧକ୍ଷ ପଦରୁ ଓହରିବା ନିମନ୍ତେ ସବୁଜ ସଙ୍କେତ ଦିଆଯାଇଛି ।

## ଆଦିବାସୀଙ୍କ ଜମି ହଡ଼ପ...

ନେଇଥିବା ନିଷ୍ପତ୍ତିକୁ ମାତ୍ର ୪୮ଘଣ୍ଟା ମଧ୍ୟରେ ସ୍ଥଗିତ ରଖିବାର ପ୍ରହେଳିକା ମନ୍ତ୍ରୀ ଓ ସଚିବ ଭିଆଇଥିବା ଚର୍ଚ୍ଚା ହେଉଛି । ସୂଚନା ଅନୁସାରେ, ନଭେମ୍ବର ୧୪ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ରେଗୁଲେସନ-୨,୧୯୫୬ର ସଂଶୋଧନ ପ୍ରସ୍ତାବ(ଆଦିବାସୀଙ୍କ ଜମିକୁ କିଣିପାରିବେ ଅଣଆଦିବାସୀ)କୁ ମଞ୍ଜୁରୀ ମିଳିଥିଲା । ମାତ୍ର ଗତ ଦୁଇଦିନ ଧରି ବିରୋଧୀ ଦଳଗୁଡ଼ିକର ତୀବ୍ର ବିରୋଧ ପରେ ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଗତକାଲି ନିଜ ସୋସିଆଲ ମିଡିଆରେ " ଆଦିବାସୀଙ୍କ ଜମି ହସ୍ତାନ୍ତର ନେଇ ନଭେମ୍ବର ୧୪ତାରିଖର କ୍ୟାବିନେଟ୍ ନିଷ୍ପତ୍ତି(ରେଗୁଲେସନ-୨,୧୯୫୬ରେ ସଂଶୋଧନ)କୁ ସ୍ଥଗିତ ରଖାଗଲା ବୋଲି ଦର୍ଶାଇଛନ୍ତି ।" ସେପଟେ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ସଚିବ ରୂପାରୋଶନ ସାହୁ ମଧ ଗତକାଲି(ନଭେମ୍ବର ୧୬)ରେ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ସଚିବଙ୍କୁ ଚିଠି ଲେଖି "ରେଗୁଲେସନ-୨,୧୯୫୬"ର ପ୍ରସ୍ତାବିତ ସଂଶୋଧନ ପାଇଁ ୧୪ତାରିଖର କ୍ୟାବିନେଟ୍ ନିଷ୍ପତ୍ତିକୁ ସ୍ଥଗିତ ରଖିବା ଓ ଏହି ପ୍ରସଙ୍ଗରେ ପରବର୍ତ୍ତୀ ଆଦିବାସୀ ଉପଦେଷ୍ଟା ପରିଷଦର ସମାଧାନ ନଆସିବା ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନନେବାକୁ ଅନୁରୋଧ କରିଛନ୍ତି । ଆଦିବାସୀ ଉପଦେଷ୍ଟା ପରିଷଦର ୨୦୨୩ ଜୁଲାଇ ୧୧ ତାରିଖ ବୈଠକରେ ରେଗୁଲେସନ-୨,୧୯୫୬ର ସଂଶୋଧନ ନିମନ୍ତେ ସୁପାରିଶ କରାଯାଇଥିଲା । କ୍ୟାବିନେଟ୍ ଏହି ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ କରିବା ପରେ ବିଭିନ୍ନ ଭାଗରୁ ସ୍ୱର ଉଠିଛି । ତେଣୁ ପରବର୍ତ୍ତୀ ପଦକ୍ଷେପ ପର୍ଯ୍ୟନ୍ତ କ୍ୟାବିନେଟ୍ ନିଷ୍ପତ୍ତିକୁ ସ୍ଥଗିତ ରଖିବାକୁ ସେ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ସଚିବଙ୍କୁ ଅନୁରୋଧ କରିଛନ୍ତି । ତେବେ ପ୍ରଶ୍ନ ଉଠୁଛି, ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ରାଜ୍ୟ କ୍ୟାବିନେଟ୍ ଯେଉଁ ନିଷ୍ପତ୍ତି ନେଇଛି ତାକୁ ସ୍ଥଗିତ ରଖିବାର ଅଧିକାର ବା କ୍ଷମତା କ'ଣ ଜଣେ କ୍ୟାବିନେଟ୍ ମନ୍ତ୍ରୀ ଓ ଜଣେ କମିଶନର ପାହ୍ୟାର ଅଧିକାରୀଙ୍କ ଅଛି କି? କ୍ୟାବିନେଟ୍ ନିଷ୍ପତ୍ତିକୁ କେବଳ କ୍ୟାବିନେଟ୍ ହିଁ ସଂଶୋଧନ ଅବା ସ୍ଥଗିତ ରଖିପାରିବେ ।

## ପଶ୍ଚିମ ଓଡ଼ିଶା ବନ୍ଦ ଡାକରାକୁ ...

ଉଠାଇବା ସହିତ ବନ୍ଦରେ ସାମିଲ୍ ନହୋଇ ଆସନ୍ତାକାଲି ଦୋକାନ ବଜାର ଖୋଲିବା ପାଇଁ ଅପିଲ୍ କରିଛି ସଙ୍ଗଠନ। କୋଶଳ ରାଜ୍ୟ ଦାବିରେ ଆସନ୍ତାକାଲି ଅର୍ଥାତ ଶନିବାର ପଶ୍ଚିମ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ହେଲେ ଏହାକୁ ଜୋରଦାର ବିରୋଧ କରିଛି ହୀରାଖଣ୍ଡ ସାମୁଖ୍ୟ ଓ ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ। କୋଶଳ ନାମ ଉପରେ ଆପତ୍ତି ଉଠାଇ ବନ୍ଦ ଡାକରାକୁ ବିରୋଧ କରାଯାଇଛି। ବନ୍ଦରେ ସାମିଲ ନହୋଇ ଦୋକାନ ବଜାର ଖୋଲିବା ପାଇଁ ସମ୍ବଲପୁରବାସୀଙ୍କୁ ଅପିଲ୍ କରିଛି ହୀରାଖଣ୍ଡ ସାମୁଖ୍ୟ। ଆଜି ଏହି ପରିପ୍ରେକ୍ଷୀରେ ଶତାଧିକ କର୍ମକର୍ତ୍ତା ଶୋଭାଯାତ୍ରାରେ ସହର ପରିକ୍ରମା କରି ସମ୍ବଲପୁର ସ୍ଥିତି ଉତ୍ତରାଞ୍ଚଳ ଆରଡିସିଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଆରଡିସିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସଂପ୍ରତି ଓଡ଼ିଆ ସିନେମାକୁ ନେଇ ସୃଷ୍ଟ ବିବାଦର ଅନ୍ତରାଳେ ସାମାଜିକ ଗଣମାଧ୍ୟମରେ ମାଆ ସମଲେଇ ଓ ସମ୍ବଲପୁରୀ ଭାଷାକୁ ନେଇ ଆପତ୍ତି ଜନକ ପୋଷ୍ଟ କରାଯାଉଛି। ଏପରି କାର୍ଯ୍ୟ କରୁଥିବା ଲୋକଙ୍କ ବିରୋଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ କରିବାକୁ ସଙ୍ଗଠନ ଦାବି କରୁଛି। ସେହିପରି ସମ୍ବଲପୁରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ ଓ ସ୍ୱତନ୍ତ୍ର ହୀରାଖଣ୍ଡ ରାଜ୍ୟ ଗଠନ ପାଇଁ ଦାବି କରିଛି ହୀରାଖଣ୍ଡ ସାମୁଖ୍ୟ ଓ ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ। ହୀରାଖଣ୍ଡ ସାମୁଖ୍ୟ ପ୍ରବକ୍ତା ଦୀପକ ପଣ୍ଡା କହିଛନ୍ତି, ମାଆ ସମଲେଶ୍ୱରୀଙ୍କ ଉଦ୍ଦେଶ୍ୟରେ ଯେଉଁଭଳି ସୋଶାଲ ମିଡ଼ିଆରେ ପୋଷ୍ଟ କରାଯାଇଛି, ଏହା ବହୁତ ଖରାପ କାର୍ଯ୍ୟ। ଶୀଘ୍ର ସେମାନଙ୍କବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଦରକାର ପଡ଼ିଲେ ସେମାନଙ୍କୁ ଗିରଫ କରାଯାଉ।

## 'ଡିପ୍‌ଫେକ୍'କୁ ନେଇ ଗଭୀର...

ଯେଉଁଥିରେ ମୁଁ ଗରବା ଗୀତ ଗାଉଛି। ଏପରି ଅନେକ ଭିଡିଓ ସୋଶାଲ ମିଡିଆରେ ରହିଛି। ମୋତେ ଭଲ ପାଉଥିବା ଲୋକମାନେ ଏହାକୁ ଶେୟାର ମଧ କରିଥିଲେ। ସମସ୍ତେ ଭାବୁଥିଲେ ଯେ ମୁଁ ଗୀତ ଗାଇଛି। କିନ୍ତୁ ବାସ୍ତବରେ ଏହା ଡିପଫେକ ବିଷୟବସ୍ତୁ। ଡିପଫେକର ବିପଦ ଦିନକୁ ଦିନ ଘନେଇବାରେ ଲାଗିଛି। ଏହା ଆମ ସମସ୍ତଙ୍କ ପାଇଁ ବଡ଼ ସମସ୍ୟା ସୃଷ୍ଟି କରିବ। ଡିପଫେକ ବିଷୟବସ୍ତୁ ତିଆରି କରିବା ପାଇଁ ଏଆଇର ବ୍ୟବହାର କରିବା ଅତ୍ୟନ୍ତ ସମସ୍ୟାଜନକ।" ମିଥ୍ୟା ତଥ୍ୟର ପ୍ରଚାର କିମ୍ବା ମନ୍ଦ ଉଦ୍ଦେଶ୍ୟ ରଖି ଡିପଫେକ ବିଷୟବସ୍ତୁ ପ୍ରସ୍ତୁତ କରାଯାଉଛି। ଲୋକଙ୍କୁ ହତାଶ, ଅପମାନିତ ଓ ତଳୁଆ କରି ଦେଖାଇବା ପାଇଁ ଡିପଫେକର ସାହାରା ନିଆଯାଉଛି। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଡିପଫେକ ଲୋକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଓ ବିଭ୍ରାନ୍ତ ସୃଷ୍ଟି କରିବାର ଯଥେଷ୍ଟ ଆଶଙ୍କା ରହିଛି। ଡିପଫେକ ବିଷୟବସ୍ତୁ ଉପରେ ରୋକ ଲଗାଇବା ପାଇଁ କେନ୍ଦ୍ର ସରକାର କଠୋର ଦଣ୍ଡବିଧାନର ବ୍ୟବସ୍ଥା କରିଛନ୍ତି। ଡିପଫେକ ପ୍ରସ୍ତୁତ କରିବା ଓ ଏହାର ପ୍ରଚାର କରୁଥିବା ଲୋକଙ୍କ ଉପରେ ୧ ଲକ୍ଷ ଟଙ୍କାର ଜୋରିମାନା ଓ ୩ ବର୍ଷର ଜେଲଦଣ୍ଡ ଲାଗୁ ହେବ। ଡିପଫେକରେ ଏମିତି ଅଡିଓ, ଭିଡିଓ ଓ ଫଟୋ ପ୍ରସ୍ତୁତ କରାଯାଉଛି ଯେ ଯାହା ଅସଲ କି ନକଲି ଜାଣିବା ବେଶ ମୁସ୍କିଲ। ତେଣୁ ଏହାକୁ ନେଇ ମୋଦି ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ଦିଲ୍ଲୀରେ ଥିବା ବିଜେପି ମୁଖ୍ୟାଳୟରେ ଦୀପାବଳି ମିଳନ କାର୍ଯ୍ୟକ୍ରମରେ ସାମ୍ବାଦିକମାନଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ମୋଦି ଏଆଇ ଦ୍ୱାରା ପ୍ରସ୍ତୁତ ହେଉଥିବା ଡିପଫେକ ଭିଡ଼ିଓକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି। ଏହାକୁ ରୋକିବାରେ ସାମ୍ବାଦିକମାନଙ୍କ ଭୂମିକା ଉପରେ ମଧ ମୋଦି ଆଲୋକପାତ କରିଛନ୍ତି। ଏଥିସହ ଦେଶକୁ ବିକଶିତ ଭାରତରେ ପରିଣତ କରିବା ପାଇଁ ସେ ସଂକଳ୍ପବଦ୍ଧ ବୋଲି ମଧ କହିଛନ୍ତି। ଭୋକାଲ ଫର ଲୋକାଲକୁ ଦେଶବାସୀଙ୍କ ସମର୍ଥନ ମିଳିଛି। କୋଭିଡ-୧୯ ବେଳେ ଦେଶବାସୀ ଏକାଠି ହୋଇ ଲଢ଼ିଥିବା କଥା ମଧ ଆଜି ପୁଣି ସାମ୍ବାଦିକମାନଙ୍କ ଆଗରେ ମୋଦି ଦୋହରାଇଛନ୍ତି।

## ଖାଇରେ ପଡ଼ି ୯ଜଣ...

କିନ୍ତୁ ଦୁର୍ଘଟଣା ଘଟିବାର ୧ଘଣ୍ଟା ବିତି ଯାଇଥିଲେ ହେଁ ପ୍ରଶାସନ, କି ଉଦ୍ଧାରକାରୀ ଦଳ କି ସ୍ୱାସ୍ଥ୍ୟବିଭାଗର କୌଣସି କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନଥିଲେ। ଯାତ୍ରୀଙ୍କ କରୁଣ ଚିତ୍କାର ଶୁଣି ଗ୍ରାମବାସୀ ଏକାଠି ହୋଇଥିଲେ। ଏହାପରେ ଗୁରୁତର ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲକୁ ନେଇଯାଇଥିଲେ। କିନ୍ତୁ ସେଠାରେ ଦୁଇଜଣଯାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା କହି ଡାକ୍ତର ହଲଦ୍ୱାନି ସୁଶିଳା ତିୱାରି ହସ୍ପିଟାଲକୁ ସ୍ଥାନାନ୍ତର କରି ଦେଇଥିଲେ। ସେଠାରେ ଦୁଇଗୁରୁତରଙ୍କ ଚିକିତ୍ସା ଚାଲିଛି। ଏଠାରେ ରାସ୍ତା ଖରାପ ଥିବାରୁ ଗାଡ଼ି ନିୟନ୍ତ୍ରଣ ହରାଇ ଗଭୀର ଖାଇକୁ ଖସିପଡ଼ିଥିଲା। ଏହାପୂର୍ବରୁ ମଧ ଗତ ସୋମବାର ନୈନିତାଲରେ ଏକ କାର ଖାଇରେ ଖସି ପଡ଼ିଥିଲା। ଏଥିରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିବା ବେଳେ ୫ ଜଣ ଆହତ ହୋଇଥିଲେ। ଏହିପରି ଗତ ଅକ୍ଟୋବରରେ ମଧ ଏଠାରେ ଏକ ଯାତ୍ରୀବାହୀ ବସ୍ ଖାଇକୁ ଖସିପଡ଼ିଥିଲା, ଯେଉଁଥିରେ ୭ ଜଣଙ୍କର ମୃତ୍ୟୁ ହୋଇଥିଲା ବୋଲି ସ୍ଥାନୀୟଲୋକେ କହିଛନ୍ତି।

## ମେସିନ୍ ଉପରେ...

ମିଟର ଦୂରରେ ରହିଛନ୍ତି। ପୁଣି ଶ୍ରମିକଙ୍କ ଠାରୁ ମାତ୍ର ୫୦ ମିଟରରୁ ଅଧିକ ମାଟି ଅତଡ଼ା ପଡ଼ିରହିଛି। ସେହି ସ୍ଥାନ ଦୁର୍ବଳ ଥିବାରୁ ଟନେଲ ଖୋଳିବା ସମୟରେ ଆହୁରି ମାଟି ଅତଡ଼ା ଖସୁଛି। ଆଉ ଏହା ଭିତରେ ୮୦୦ରୁ ୯୦୦ ମିଲିମିଟର ଚଉଡାର ଷ୍ଟିଲ୍ ପାଇପ ଲଗାଯାଉଛି । ଆଉ ଏହି ପାଇପ୍ ଦ୍ୱାରା ଶ୍ରମିକଙ୍କୁ ବାହାର କରିବାକୁ ଉଦ୍ୟମ କରାଯାଉଛି। ଉଲ୍ଲେଖଯୋଗ୍ୟ, ଅଧିକାରୀମାନେ ଲଗାତାର ଶ୍ରମିକଙ୍କ ସହ ଯୋଗାଯୋଗରେ ଅଛନ୍ତି ଏବଂ ସେମାନଙ୍କୁ ଧୈର୍ଯ୍ୟ ରଖିବାକୁ କହୁଛନ୍ତି। ସେମାନଙ୍କୁ ଖାଦ୍ୟ ଏବଂ ଔଷଧ ଯୋଗାଇ ଦିଆଯାଉଛି।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ପିସିସି ସଭାପତି ଓ ଏଆଇସିସି ଅଧ୍ୟକ୍ଷଙ୍କୁ ଉଦଳା କଂଗ୍ରେସ ତରଫରୁ କୃତଜ୍ଞତା ଜ୍ଞାପନ

ଉଦଳା , ୧୭/୧୧ (ନି.ପ୍ର): ଚଳିତ ନଭେମ୍ବର ୧୭ ତାରିଖ ଶୁକ୍ରବାର ଦିନ ପିସିସି ସଭାପତି ଶରତ ଚନ୍ଦ୍ର ପଟ୍ଟନାୟକ ସଂଗଠନିକ ଦୃଷ୍ଟିକୋଣରୁ ଅବିଭକ୍ତ ମୟୂରଭ ଜିଲ୍ଲାକୁ ୨ ଗୋଟି ସଂଗଠନିକ ଜିଲ୍ଲା ହିସାବରେ ଘୋଷଣା କରିଅଛନ୍ତି । ଏହି ନିଷ୍ପତିକୁ ଜିଲ୍ଲାର ବିଭିନ୍ନ ସ୍ଥାନରୁ ସ୍ୱାଗତ କରାଯାଇଅଛି । ଏହାଦ୍ୱାରା ମୟୂରଭ କଂଗ୍ରେସ ଅଧିକ ସୁଦୃଢ଼ ହୋଇପାରିବ ବୋଲି ଉଦଳା ନିର୍ବାଚନ ମଣ୍ଡଳିର ବୁଦ୍ଧିଜୀବି ମାନେ ମତ ବ୍ୟକ୍ତ କରିଅଛନ୍ତି । ମୟୂରଭ ଜିଲ୍ଲା ୯ ଗୋଟି ନିର୍ବାଚନ ମଣ୍ଡଳି ନେଇ ଗଠିତ ଏବଂ ଜିଲ୍ଲାମଧ୍ୟରେ ସଂଗଠଦ ଦୃଷ୍ଟିରୁ ଯାତାୟତ ପାଇଁ ୨୬ କିମି ଦିର୍ଘ ବାନଘାଟି ରାସ୍ତା ବାଧକ ସୃଷ୍ଟି କରିଥାଏ । ଏହି ପରିପ୍ରେକ୍ଷୀରେ ୨ ଗୋଟି ସଂଗଠନିକ ଜିଲ୍ଲା ଗଠନ ହୋଇଥିବାରୁ ଅଧିକ ପରିମାଣରେ ଯୁବ ସମାଜ, ମହିଳା ଓ ଛାତ୍ର ସମାଜ କଂଗ୍ରେସ ସଂଗଠନରେ ସ୍ଥାନ ପାଇପାରିବେ । ଏହାଦ୍ୱାରା ମୟୂରଭ ଜିଲ୍ଲାରେ କଂଗ୍ରେସ ଆହୁରି ସୁଦୃଢ଼ ହୋଇପାରିବ । ଏହି ଐତିହାସିକ ପଦକ୍ଷେପ ପାଇଁ ପିସିସି ସଦସ୍ୟ ତଥା ଉଦଳା ନିର୍ବାଚନ ମଣ୍ଡଳି ସଂଯୋଜକ ନାରାୟଣ ପଟ୍ଟନାୟକ , ଜିଲ୍ଲା ପୁର୍ବତନ କାର୍ଯ୍ୟକାରି ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ପୁର୍ବତନ ବିଧାୟକ ପ୍ରାର୍ଥି ଦୁର୍ଗାଚରଣ ଟୁଡୁ, ବ୍ଲକ ସଭାପତି ସଂଜିବ କୁମାର ମହାନ୍ତି, ରବିନାରାୟଣ ପରିଡ଼ା, ଗୌରାଙ୍ଗ ଚରଣ ପୁଥାଳ, ରାମ ସିଂ, ଉତମ କୁମାର ବେହେରା ଏବଂ କଂଗ୍ରେସ ଦଳର ବହୁ କର୍ମୀ ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଘଡ଼ଗେ, ପିସିସି ସଭାପତି ଶରତ ଚନ୍ଦ୍ର ପଟ୍ଟନାୟକ, ଓଡ଼ିଶା ପ୍ରଭାରୀ ଚେଲା କୁମାରଙ୍କୁ ଅଭିନନ୍ଦନ ଓ କୃତଜ୍ଞତା ଜ୍ଞାପନ କରିଅଛନ୍ତି ।

# ରେମୁଣାରେ ବିଜେପି ପକ୍ଷରୁ ଜନ ଆକ୍ରୋଶ ବ୍ଲକ ଘେରାଉ




ବାଲେଶ୍ୱର, ୧୭/୧୧ (ନି.ପ୍ର): ରେମୁଣା ବ୍ଲକରେ ବିଭିନ୍ନ ପ୍ରକାର ଦୁର୍ନୀତି,ପିସି ସଂଗ୍ରହ,ଭ୍ରଷ୍ଟାଚାର ବିରୁଦ୍ଧରେ ନିର୍ବାଚନ ମଣ୍ଡଳୀ ନେତା ଗୋବିନ୍ଦ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ରେମୁଣା ବିଜେପି ପକ୍ଷରୁ ଜନ ଆକ୍ରୋଶ ବ୍ଲକ ଘେରାଉ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରେମୁଣା ବ୍ଲକ ହତା ମଧ୍ୟରେ ଅନୁଷ୍ଠିତ ଭିକ୍ଷୋଭ ସଭାରେ ବିଭିନ୍ନ ପଞ୍ଚାୟତରୁ ତିନି ହଜାରରୁ ଉର୍ଦ୍ଧ ଭାଜପା କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ସର୍ବ ପ୍ରଥମେ ବାଘାଯତୀନ ମଣ୍ଡଳ ସଭାପତି କୃଷ୍ଣ ଚନ୍ଦ୍ର ସାହା ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଜେପିର ବରିଷ୍ଠ ନେତା କାର୍ତ୍ତିକ ଚନ୍ଦ୍ର ଗିରି ମଞ୍ଚ ପରିଚାଳନା କରିଥିଲେ। ଯୁବ ମୋର୍ଚ୍ଚା ଉପ ସଭାପତି ସୁବୋଧ ଚନ୍ଦ୍ର ପଣ୍ଡା,କନକଦୁର୍ଗା ମଣ୍ଡଳ ସଭାପତି ଗିରିଧାରୀ ଦାସ, କ୍ଷୀରଚୋରା ମଣ୍ଡଳ ସଭାପତି ମଳୟ କୁମାର ବିଶ୍ୱାଳ, ଲବଣତୀର୍ଥ ମଣ୍ଡଳ ସଭାପତି ବିଭୂତି ଭୂଷଣ ସେନାପତି,ଘଇଉ ସଭାପତି କାହ୍ନୁ ଚରଣ ବେହେରା, ମଣିନାଗେଶ୍ୱର ମଣ୍ଡଳ ସଭାପତି ଭୋଳାନାଥ ପାତ୍ର,ରେମୁଣା କୋର କମିଟି ଆବାହକ ଉମାକାନ୍ତ ପଣ୍ଡା,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି,ରେମୁଣା ପ୍ରଭାରୀ ଆଶିଷ ଘୋଷ,ବରିଷ୍ଠ କାର୍ଯ୍ୟକର୍ତ୍ତା କାଳୀ ଚରଣ ମାଲ,ଜୟନ୍ତ ମଣ୍ଡଳ,ବର୍ଦ୍ଧନପୁର ସରପଞ୍ଚ, ଶାସଙ୍ଗ ସମିତି ସଭ୍ୟା ସୋନି ସୋରେନ,ବିଜୟ ସେଠୀ, ରେମୁଣାର ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପଟ୍ଟନାୟକ ଇତ୍ୟାଦି ବକ୍ତବ୍ୟ ରଖିଥିଲେ। ଏତଦ୍ ବ୍ୟତୀତ ରେମୁଣାର ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଓଡ଼ିଶାରେ ବର୍ଷକୁ ଏକ ଲକ୍ଷ୍ୟ କୋଟି ଟଙ୍କାର ଦୁର୍ନୀତି ହେଉଛି। କୌଣସି ଗ୍ରାମପଞ୍ଚାୟତରେ ଗ୍ରାମ ସଭା କିମ୍ବା ପଲ୍ଲୀ ସଭା ହେଉନାହିଁ। ପଞ୍ଚାୟତର ସରପଞ୍ଚ,ସମିତି ସଭ୍ୟ ଙ୍କର କ୍ଷମତାକୁ ହଡ଼ପ କରି ନିଆଯାଉଛି। ପଞ୍ଚାୟତରୁ ସଚିବାଳୟ ପର୍ଯ୍ୟନ୍ତ ସବୁଠି ଖୁଲମ୍ ଖୁଲା ଦୁର୍ନୀତି ଓ ପିସି କାରବାର ଚାଲିଛି। ବାଲେଶ୍ୱର ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇ ୨୩ ବର୍ଷରେ ଓଡ଼ିଶା ସରକାର ଦୁର୍ନୀତିର ପାହାଡ ଉପରେ ଠିଆ ହୋଇଛି। ଓଡ଼ିଶା ସରକାର ଏକ ଅଗଣତାନ୍ତ୍ରିକ,ଅଣ ରାଜନୈତିକ ପଦ୍ଧତିରେ ଚାଲୁ ଥିବାର ଅଭିଯୋଗ କରିଥିଲେ। ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇ କହିଥିଲେ ଯେ କଂଗ୍ରେସ ସରକାର ଅମଳରେ ଶେଷ ୧୦ ବର୍ଷରେ ଓଡିଶାକୁ ଅନୁଦାନ ବାବଦକୁ ତିନି ଲକ୍ଷ କୋଟି ଟଙ୍କା ଦେଇଥିବା ବେଳେ ବିଗତ ନଅ ବର୍ଷରେ ମୋଦୀ ସରକାର ଅଠର ଲକ୍ଷ କୋଟିରୁ ଉର୍ଦ୍ଧ ଟଙ୍କା ଦେଇଛନ୍ତି। ଓଡ଼ିଶାକୁ ଅଧିକ ଅର୍ଥ ଦେବା ଏବଂ ସବୁ କ୍ଷେତ୍ରରେ ଓଡିଶାକୁ ଗୁରୁତ୍ୱ ଦେବା ଫଳରେ ନରେନ୍ଦ୍ର ମୋଦି ଙ୍କର ଦୃଢ଼ ନେତୃତ୍ୱ ଓ ଓଡ଼ିଶା ପ୍ରତି ଭଲପାଇବା ହିଁ ମିଳିଛି। ଏବେ ମୋଦୀ ସରକାର ଦେଉଥିବା ଅର୍ଥକୁ କିଭଳି ଭାବରେ ଲୁଟ କରାଯାଉଛି ତାହାର ପ୍ରମାଣ ଉଇଏ ଖୋଳିଛନ୍ତି ବୋଲି କହିଥିଲେ। ଏବେ ଆମ ଓଡ଼ିଶା, ନବୀନ ଓଡ଼ିଶା ଯୋଜନା ନାମରେ ତିନି ହଜାର ସାତ ଶହ କୋଟି ଟଙ୍କା ଲୁଟ କରିବା ଯୋଜନା କରାଯାଉଛି ତାହା ଓଡ଼ିଶା ବାସୀ ବୁଝିଗଲେଣି । ଆଗାମୀ ଭବିଷ୍ୟତରେ ପ୍ରତ୍ୟେକ ଭାଜପା ର କାର୍ଯ୍ୟକର୍ତ୍ତା ଲଢେଇ ପାଇଁ ପ୍ରସ୍ତୁତ ରହିବାକୁ ଆହ୍ୱାନ କରିଥିଲେ। ଶେଷରେ ବାଘାଯତୀନ ମଣ୍ଡଳ ସାଧାରଣ ସମ୍ପାଦକ ଉମାକାନ୍ତ ଜେନା ଧନ୍ୟବାଦ୍ ଅର୍ପଣ କରିଥିଲେ ଏବଂ ସାଂସଦ ଶ୍ରୀ ଷଡଙ୍ଗୀ, ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ,ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପଟ୍ଟନାୟକ ଇତ୍ୟାଦି କାର୍ଯ୍ୟକର୍ତ୍ତାଙ୍କ ସହ ବ୍ଲକର ବିଡ଼ିଓଙ୍କୁ ଭେଟି ମହାମହିମ ଓଡ଼ିଶାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।

# ସମବାୟ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ଗଣଦୌଡ଼



ଭଦ୍ରକ , ୧୭/୧୧ (ନି.ପ୍ର): ଭଦ୍ରକ ଜିଲ୍ଲା ସ୍ତରୀୟ ସମବାୟ ସଚେତନତା ସପ୍ତାହ ପାଳନ ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ଏକ ଗଣ ଦୌଡ଼ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଭଦ୍ରକ ସହର ପରିକ୍ରମା କରିଥିଲା। ଏଥିରେ ସହକାରୀ ନିବନ୍ଧକ ପ୍ରାଚିତା ଜେନା, ଜିଲ୍ଲା କ୍ରୀଡ଼ା ଅଧିକାରୀ ପ୍ରଦ୍ୟୁମ୍ନ ରାୟ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଉପ ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ସତ୍ୟ ପ୍ରକାଶ ସେଠୀ, ବସନ୍ତ କୁମାର ରଣା, ବାବାଜୀ ଚରଣ ମଲ୍ଲିକ, ମୃତ୍ୟୁଞ୍ଜୟ ପଣ୍ଡା, ଅଭିଳାଷ ରଣା, ତାପସ ରାଉତ, ଇତିରେଖା ମଲ୍ଲିକ, ପ୍ରଜ୍ଞା ସାମଲ, ଋତୁପର୍ଣ୍ଣା ସାହୁ, ସଞ୍ଜୟ ନାୟକ, ନିର୍ମଳ ସେଠି, ପ୍ରମୁଖ ବରିଷ୍ଠ ସମବାୟ ଅଧିକାରୀମାନେ ଉପସ୍ଥିତ ରହିଥିଷଲ। ସେହିପରି ଏଥିରେ ଭଦ୍ରକ ଜିଲ୍ଲାର ବହୁ ସ୍କୁଲ ଓ କଲେଜରୁ ତଥା ସମବାୟ ଆନ୍ଦୋଳନ କୁ ଘରେ ଘରେ ପହଞ୍ଚାଇବା ଓ ସମବାୟ ଆନ୍ଦୋଳନ ପ୍ରତି ଲୋକଙ୍କୁ ଆକୃଷ୍ଟ କରିବା ପାଇଁ ଏଭଳି ସଚେତନତା କାର୍ଯ୍ୟକ୍ରମ ସରକାରଙ୍କ ନିର୍ଦ୍ଦେଶରେ ନିଆଯାଇଥିବା ବେଳେ ଏହି ଆନ୍ଦୋଳନ ସାଧାରଣ ଋଷୀ, ମୂଲିଆ ଓ ଖଟିଖିଆଙ୍କର ଆଶା ଅଭିଳାଶ ଓ ଅପେକ୍ଷାକୁ ପୂରଣ କରି ପାରିବ ବୋଲି ସମବାୟ ସମିତି ସମୂହ ଭଦ୍ରକ ଉପନିବନ୍ଧକ ଶ୍ରୀଯୁକ୍ତ ସେଠୀ ସୂଚନା ଦେଇଛନ୍ତି।

## ସଫେଇ କର୍ମଚାରୀଙ୍କୁ କର୍ପୋରେଟରଙ୍କ ସ୍ୱାମୀଙ୍କ ଦୁର୍ବ୍ୟବହାର ଅଭିଯୋଗ

ଭୁବନେଶ୍ୱର, ୧୭/୧୧ (ନି.ପ୍ର): ସଫେଇ କର୍ମଚାରୀଙ୍କୁ କର୍ପୋରେଟରଙ୍କ ସ୍ୱାମୀଙ୍କ ଦୁର୍ବ୍ୟବହାର ଅଭିଯୋଗ ହୋଇଛି। ଏନେଇ ସଫେଇ ମଜଦୁର ସଂଘ ପକ୍ଷରୁ ଭୁବନେଶ୍ୱର ୬୩ ନମ୍ବର ୱାର୍ଡ଼ କର୍ପୋରେଟରଙ୍କ ସ୍ୱାମୀ ଲିଙ୍ଗା ଛୋଟରାୟଙ୍କ ବିରୋଧରେ ଖଣ୍ଡଗିରି ଥାନାରେ ଏତଲା ଦିଆଯାଇଛି। ଅନ୍ୟପକ୍ଷରେ ତୁରନ୍ତ ଅଭିଯୁକ୍ତ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରି ୨୫୦ରୁ ଅଧିକ ସଫେଇ କର୍ମଚାରୀ ଥାନା ଘେରାଉ କରିଛନ୍ତି । ସଫେଇ କର୍ମଚାରୀଙ୍କୁ ଜାତିଆଣ ଆକ୍ଷେପ କରିବା ସହ ଗାଳିଗୁଳଜ କରିଥିବା ନେଇ ଅଭିଯୋଗ ହୋଇଛି। ଲିଙ୍ଗା ଛୋଟରାୟ ନିଜକୁ କର୍ପୋରେଟର କହି ମନଇଚ୍ଛା ଲୋକଙ୍କୁ ଛଟେଇ କରିଥିଲେ ।ଏହାର ପ୍ରତିବାଦ କରିବାରୁ ମଜଦୁର ସଂଘର ସାଧାରଣ ସମ୍ପାଦକ କେଦାରପଲ୍ଲୀର ସହଦେବ ନାୟକଙ୍କୁ ଲିଙ୍ଗା ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି।

# ଗ୍ରାମୀଣ ଉଦ୍ୟୋଗ ପାର୍କ ଜିଲ୍ଲାପାଳଙ୍କ ଦ୍ୱାରା ଉଦ୍ଘାଟିତ



ନୀଳଗିରି , ୧୭/୧୧ (ନି.ପ୍ର): ନୀଳଗିରି ବ୍ଲକ ଅଧିନ ଧୋବଶିଳା ପଞ୍ଚାୟତ ଗୋପୀନାଥପୁର ଠାରେ ଓରମାସ ପକ୍ଷରୁ ନବନିର୍ମିତ ଗ୍ରାମୀଣ ଉଦ୍ୟୋଗ ପାର୍କ ବାଲେଶ୍ୱର ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେଙ୍କ ଦ୍ୱାରା ଉଦ୍ଘାଟିତ ହୋଇଯାଇଛି। ଓରମାସ ପକ୍ଷରୁ ମୁଖ୍ୟତଃ ଗ୍ରାମାଞ୍ଚଳ ମହିଳା ମାନଙ୍କୁ ସଶକ୍ତ କରିବା ସହ ଆତ୍ମନିର୍ଭରଶୀଳ କରି ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛଳ କରିବା ଏହାର ମୁଖ୍ୟ ଲକ୍ଷ୍ୟ ହେବ। ସୂଚନା ଅନୁଯାୟୀ ଗୋପୀନାଥ ପୁର ଠାରେ ଏକ ପରିତ୍ୟକ୍ତ ସ୍କୁଲକୁ ରୂପାନ୍ତର କରାଯାଇ ଜିଲ୍ଲାର ପ୍ରଥମ ଉଦ୍ୟୋଗ ପାର୍କ ପ୍ରତିଷ୍ଠା କରାଯାଇ ମା ମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଥିବା ଜିଲ୍ଲାପାଳ ସିନ୍ଧେ ସୂଚନା ଦେଇଛନ୍ତି। ଉକ୍ତ ପାର୍କ ରେ ବର୍ତ୍ତମାନ ମିଶନଶକ୍ତି ମା ମାନଙ୍କ ପାଇଁ ସିଲେଇ, ଧୂପ, ମସଲା, କାଗଜ ଥାଳି , ଫିନାଇଲ ଆଦି ପ୍ରସ୍ତୁତି ଓ ପ୍ରଶିକ୍ଷଣ ଦିଆଯାଉଥିବା ବେଳେ ଆଗାମୀ ଦିନରେ ଉକ୍ତ ଗ୍ରାମୀଣ ପାର୍କରେ ଅନ୍ୟାନ୍ୟ ସାମଗ୍ରୀ ପ୍ରସ୍ତୁତ କରିବା ସହ ପ୍ୟାକେଜିଂ କରାଯାଇ ଉତ୍ପାଦିତ ଦ୍ରବ୍ୟକୁ ବିଭିନ୍ନ ଷ୍ଟଲ ତଥା ବାଲେଶ୍ୱର ଠାରେ ଥିବା ମିଶନଶକ୍ତି ବଜାରରେ ବିକ୍ରି କରିବା ସହଜସାଧ ହେବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଆଗାମୀ ଦିନରେ ଉକ୍ତ ଗ୍ରାମୀଣ ପାର୍କ କୁ ଅଧିକ କ୍ରିୟାଶୀଳ କରିବା ପାଇଁ ନୂତନ ଜ୍ଞାନକୌଶଳ ମାଧ୍ୟମରେ ନିର୍ମିତ ବିଭିନ୍ନ ଯନ୍ତ୍ରପାତି ଓ ମେସିନ ଯୋଗାଇ ଦିଆଯିବ ବୋଲି ଜଣାପଡିଛି। ଏହି କାର୍ଯ୍ୟକ୍ରମରେ ସି.ଡି.ଓ ବିଶ୍ୱରଞ୍ଜନ ନାୟକ, ସିଇଓ କୌଶିକ ପାତ୍ର, ଡିପିସି କାର୍ତ୍ତିକ ଚନ୍ଦ୍ର ନାୟକ, ନୀଳଗିରି ବିଡ଼ିଓ ରାହୁଲ ମଣ୍ଡଳ,ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ଓ.ଏଲ.ଏମ ଅର୍ଜୁନ ପାଲ ପ୍ରମୁଖ ଉପସ୍ଥିତ ଥିଲେ। ବର୍ତମାନ ଏହି ଉଦ୍ୟୋଗ ପାର୍କରେ ୬ଟି ୟୁନିଟ କାର୍ଯ୍ୟକରୁଥିବା ଜଣାପଡିଛି।

# ନୀଳମଣି ମହାବିଦ୍ୟାଳୟରେ ଯୁବ ବିକାଶ କାଯ୍ୟକ୍ରମ




ରୂପସା, ୧୭/୧୧ (ନି.ପ୍ର): ଓଡିଶା ସରକାରଙ୍କ ଯୁବବିକାଶ କାର୍ଯ୍ୟକ୍ରମ -୨୦୨୩-୨୪ପାଇଁ ବିଭିନ୍ନ ପର୍ଯ୍ୟୟରେ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ପ୍ରଦାନ କରାଯାଇଛି ମହାବିଦ୍ୟାଳୟ ର ଅଧକ୍ଷ ଡ଼ ତପନ କୁମାର ବେହେରା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ୧୫-୧୧-୨୦୨୩ ଠାରୁ ୩୧-୧୨-୨୦୨୩ ପଯ୍ୟନ୍ତ ଏହି ଯୁବବିକାଶ କାର୍ଯ୍ୟକ୍ରମ ତିନି ଭାଗରେ ବିଭକ୍ତ ହୋଇଛି., କ୍ରୀଡା ପ୍ରତିଯୋଗିତା, ସାଂସ୍କୃତିକ ପ୍ରତିଯୋଗିତା, ସମାଜ ସେବା ଯୋଜନା ଇତ୍ୟାଦିଏଥରେ ସାମିଲ କରାଯାଇଛି,. ପ୍ରଥମ ପର୍ଯ୍ୟୟରେ ୧୫-୧୧-୨୦୨୩ରିଖ ଯୁବ ବିକାଶ କାର୍ଯ୍ୟକ୍ରମ ଉଦଘାଟନ ହୋଇଥିଲା, . ପରିଚାଳନା କମିଟିର ସଭାପତି ପ୍ରଫେସର ରାମଚନ୍ଦ୍ର ସାହୁ ଏହାକୁ ଉଦଘାଟନ କରିଥିଲେ,. ମୋକଲେଜ ଅଭିଯାନ ର ମୁଖ୍ୟ ସୁଧାକର ଗିରି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଯୁବ ବିକାଶ କାର୍ଯ୍ୟକ୍ରମର ଉପାଦେୟତା ବର୍ଣନା କରିଥିଲେ, ଯୁବକ ଓ ଛାତ୍ର ଶକ୍ତି ହିଁ ଅସଲ ଶକ୍ତି ବୋଲି ଅଧକ୍ଷ ଡ଼ ବେହେରା ସୂଚନା ଦେଇଥିଲେ। କୁକିଙ୍ଗ ଡେମୋନଷ୍ଟ୍ରାସନ, ସ୍ଟୁ ଡେଣ୍ଟ ବକ୍ତାର ପ୍ରଭୃତି ବିଶେଷ କାର୍ଯ୍ୟକ୍ରମ ଉକ୍ତ ଦିନ ଅନୁଷ୍ଠିତ ହୋଇଥିଲ। .୧୬-୧୧-୨୦୨୩ରେ ସାନିଟେସନ କେମ୍ପେନ ବା ସ୍ୱଚ୍ଛତା ଅଭିଯାନ ଓ ସଚେତନତା ସମ୍ପର୍କରେ ବିଶେଷ ଆଲୋଚନା ହୋଇଥିଲା, ଏହିକର୍ମଶାଳାରେ ରିସର୍ସ ପର୍ଶନ ସ୍କିଲ ଇଣ୍ଡିଆରଚନ୍ଦ୍ରମାଜେନା, ପ୍ରଫୁଲ୍ଲ ଜେନା, ଡ଼ ଶାନ୍ତନୁ ଜେନା, ଗୌରାଙ୍ଗ ପଣ୍ଡା, ଡ଼ ଆରୁଣି ମିଶ୍ର, ପିନାକ୍ଷୀ ପଣ୍ଡା, ପ୍ରାଧାପିକା ନୀଳିମା ପାତ୍ର ପ୍ରମୁଖ ସ୍ୱଚ୍ଛତା ଅଭିଯାନର ସଫଳତା ବଖାଣିଥିଲେ, ବାଳିକା ମାନଂକର ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟ କୁ ଆଖିଆଗରେ ରଖି ଦୁଇଟି ନେପକିନ ଇନ୍ଷନେଟର, ଗୋଟିଏ ନାପକିନ ଭେଣ୍ଡିଙ୍ଗ ମେସିନ ଉଦଘାଟନ ହୋଇଥିଲା, ୧୭-୧୧-୨୦୨୩ରିଖରେ ପ୍ରାଣୀ ଓ ପଶୁ କଲ୍ୟାଣ କାର୍ଯ୍ୟକ୍ରମ ଉଭୟ +୨ଓ +୩ସ୍ତରରେ ଅନୁଷ୍ଠିତ ହୋଇଥିଲା. ଅଧକ୍ଷ ଓ ସଭାପତି ଡ଼ ତପନ କୁ ବେହେରା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଜନମଙ୍ଗଳକାର୍ଯ୍ୟକ୍ରମରେ ପ୍ରାଣୀ ଚିକିତ୍ସା ବିତ ଡ଼ ଲଲାଟେନ୍ଦୁ କେଶରୀ ଦାସ ପ୍ରାଣୀ ମଙ୍ଗଳ ଏକାନ୍ତ ଆବଶ୍ୟକ ବୋଲି କହିଥିଲେ, ଜୀବଜଗତ ବଞ୍ଚିଲେ ଓ ପଶୁପକ୍ଷୀ ବଞ୍ଚିଲେ ସମସ୍ତେ ବଂଚିବେ ବୋଲି ମୁଖ୍ୟ ଅତିଥି ସୂଚନା ଦେଇଥିଲେ, ନୀଳିମାପତ୍ର, ସତେନ୍ଦ୍ର ପାଳ, ହରେନ୍ଦ୍ର ଗାଁ ଣ, ଶମ୍ଭୁନାଥ ଗିରି, ଅରୁଣି ମିଶ୍ର, ଶାନ୍ତନୁ ଜେନା ପ୍ରମୁଖ +୩ସ୍ତରରେ ପ୍ରାଣୀ ମଙ୍ଗଳଉପରେ ଶସୂଚନା ଦେଇଥିଲେ। +୨ସ୍ତରରେ ପ୍ରଶାସନିକ ଅଧିକାରୀ ସରଜ କୁମାର ପାଣି ପିନାକ୍ଷିପଣ୍ଡା ବିଜୟବେହେରା, ଡ଼ ତପନ ଦାସ, ରଶ୍ମିତା ମହାପାତ୍ର, ଡ଼ ଅର୍ଦ୍ଧେନ୍ଦୁ ଦାସ ପ୍ରମୁଖ ପ୍ରାଣୀ ଧନ ମଙ୍ଗଳଉପରେ ମନ୍ତବ୍ୟ ରଖିଥିଲେ,+୨ଓ +୩ଉଭୟ ସ୍ତରରେ ଏକ ସଚେତନତା ରାଲି ପାଖ ଗାଁ ପରିକ୍ରମା କରି ଥିଲା, ମହାବିଦ୍ୟାଳୟ ସମସ୍ତ ଛାତ୍ର ଛାତ୍ରୀ ଏଥିରେ ଅଂଶ ଗ୍ରହଣ କରିଥିଲେ।

"e" PROCUREMENT NOTICE REFERENCE NO-E.E.(A). MAYURBHANJ DIVISION, BARIPADA-07/2023-24

No. 2273 Date. 14.11.23

Bid documents consisting of work, estimate cost, cost of Tender Papers, EMD/BID Security Declaration, Time of Completion, Class of Contractors and the set of term and conditions of contract and other necessary documents can be seen/downloaded from Govt. website i.e. https://tenderodisha.gov.in.

| | | |
|---|---|---|
| 1. No of work | :- | 1 |
| 2. Estimate Cost | :- | 841664.00 |
| 3. Period of completion | :- | 3 calender |
| 4. Date & time of availability of the bid documents | :- | dt. 17.11.2023 at 11.00 AM to dt 28.11.2023 at 5.30 PM |
| 5. Last date & time receipt of bids in the portal | :- | dt. 18.11.2023 at 11.00 AM to dt 29.11.2023 at 1.00 PM |
| 6. Bids received online shall be opened on | :- | dt 29.11.2023 at 3.00 PM |
| 7. Name and address of the officer inviting Bids | :- | Executive Engineer (Agril.) Mayurbhanj Division, Baripada |

Further details can be seen/ downloaded from the procurement portal i.e. https://tenderodisha.gov.in.

OIPR : 01474/11/0012/2324

Executive Engineer (Agril.)
Mayurbhanj Division, Baripada

## ୪ଟି ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଜବତ୍: ଜୋରିମାନା ଆଦାୟ

ବସ୍ତା, ୧୭/୧୧ (ନି.ପ୍ର): ଶୁକ୍ରବାର ଚାରୋଟି ବେଆଇନ ବାଲି ବୋଝେଇ ଟ୍ରାକଟର ଧରିବାରେ ସଫଳ ହୋଇଛନ୍ତି ବସ୍ତା ତହସିଲଦାର ରାଧାରଞ୍ଜନ ଦାସ ଓ ଅନ୍ୟ କର୍ମଚାରୀ। ସାହାଡ଼ା, ମଥାନି, ଗୋଡ଼ିଖାଳ ଓ ସନ୍ତୋଷ ପୁରରେ ଗୋଟିଏ କରି ଟ୍ରାକ୍ଟର ଧରାଯାଇଛି। ଏହି ଗାଡି ଗୁଡିକରୁ ସର୍ବମୋଟ ୬୩ ହଜାର ଟଙ୍କା ଜୋରିମାନା ବାବଦ ଆଦାୟ ହୋଇଥିବା ଜଣାପଡିଛି।

# ଆନ୍ତଃ-ବିଶ୍ୱବିଦ୍ୟାଳୟ ପୁରୁଷ କବାଡ଼ି ପ୍ରତିଯୋଗିତା ଉଦ୍‌ଘାଟିତ



ବାରିପଦା , ୧୭/୧୧ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ପୂର୍ବ ଭାରତୀୟ ଆନ୍ତଃ-ବିଶ୍ୱବିଦ୍ୟାଳୟ ପୁରୁଷ କବାଡ଼ି ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ହେମନ୍ତ କୁମାର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଉଦଘାଟନୀ ସମାରୋହରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୟୂରଭଞ୍ଜ ଜିଲ୍ଲା ପୋଲିସର ବ୍ୟାଣ୍ଡ ସହ ଖେଳାଳୀମାନଙ୍କ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବା ସହ ଶୃଙ୍ଖଳା ହିଁ ଖେଳାଳୀର ଭୁଷଣ ବୋଲି କହିଥିଲେ। ବିତ୍ତ ନିୟନ୍ତ୍ରକ ଶୁକଦେବ ତରେଇ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ, କ୍ରୀଡ଼ା ପରିଷଦର ସଂପାଦକ ଡ. ପ୍ରଭଞ୍ଜନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ସହଯୋଗୀ ପ୍ରଫେସର ଡ. ପୁଷ୍ପାଞ୍ଜଳି ପରିଡ଼ା ମଞ୍ଚ ପରିଚାଳନା କରିଥିଲେ।

## ଛଟ୍ ପୂଜାର ଶୁଭେଚ୍ଛା ଜଣାଇଲେ ରାଜ୍ୟପାଳ ରଘୁବର ଦାସ

ଭୁବନେଶ୍ୱର, ୧୭/୧୧ (ନି.ପ୍ର): ଆଜି ହେଉଛି ଲୋକ ଆସ୍ଥାର ପବିତ୍ର ଛଟ୍ ପୂଜା। ଏହି ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ରାଜ୍ୟପାଳ ରଘୁବର ଦାସ । ସୋସିଆଲ ମିଡିଆ ଏକ୍ସରେ ସେ କହିଛନ୍ତି ଯେ, ସ୍ୱଚ୍ଛତା, ଶୁଦ୍ଧତା ଓ କଠିନ ତପର ପର୍ବ ଛଟ୍ ପୂଜାର ପ୍ରଥମ ଅନୁଷ୍ଠାନ ନହାୟ ଖାୟର ସମସ୍ତ ଭକ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି। ଛଟି ମାଆ ଓ ଭଗବାନ ସୂର୍ଯ୍ୟ ସମସ୍ତ ଛଟ ବ୍ରତଧାରୀ ଓ ତାଙ୍କ ପରିଜନଙ୍କୁ ଏହି ତପ କରିବାକୁ ଶକ୍ତି ପ୍ରଦାନ କରନ୍ତୁ ବୋଲି କାମନା କରିଛନ୍ତି ରାଜ୍ୟପାଳ।

# ଡିସେମ୍ବର ୧୫ରୁ କଲେଜରେ ପାଠ ପଢ଼ାଇବେନି ଅଧ୍ୟାପକ

ଭୁବନେଶ୍ୱର, ୧୭/୧୧ (ନି.ପ୍ର): ଡିସେମ୍ବର ୧୫ରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ କଲେଜରେ ପାଠପଢ଼ା ବନ୍ଦ କରିବାକୁ ନିଷ୍ପତି ନେଇଛି ୬୬୨ ବର୍ଗ କଲେଜ ସଂଘ। ପାଠପଢ଼ା ବନ୍ଦ କରି ଲୋୟର ପିଏମ୍‌ଜିରେ ମହାଆନ୍ଦୋଳନ କରାଯିବ ବୋଲି ୬୬୨ ବର୍ଗ କଲେଜ ସଂଘ ସଭାପତି ଗୋଲକ ନାୟକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ବିଭିନ୍ନ ଦାବି ନେଇ ୬୬୨ ବର୍ଗ କଲେଜ ସଂଘ ଗତ ୯ ମାସରୁ ଉର୍ଦ୍ଧ୍ୱ ସମୟ ଧରି ଲୋୟର ପିଏମ୍‌ଜିରେ ଧାରଣାରେ ବସିଛି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo